


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୧୯ ଫେବୃଆରୀ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 19 FEBRUARY 2022
Vol.No. 33 ■ No. 48 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022



ପ୍ରକାଶ ପାଉଛି....
ନୂଆବର୍ଷ ସଂଖ୍ୟା
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


### ଅହମ୍ମଦାବାଦ ସିରିଜ ବିସ୍ଫୋରଣ ଘଟଣା

## ୩୮ ଜଣଙ୍କୁ ମିଳିଲା ଫାଶୀ ଦଣ୍ଡ



ନୂଆଦିଲ୍ଲୀ, ୧୮/୦୨ : ବହୁ ଚର୍ଚ୍ଚିତ ୨୦୦୮ ମସିହା ଗୁଜରାଟର ଅହମଦାବାଦ ସିରିଜ୍ ବୋମା ବିସ୍ଫୋରଣରେ ବଡ଼ ରାୟ ଆସିଛି। ଏହି ସିରିଜ୍ ବୋମା ବିସ୍ଫୋରଣରେ ଦୋଷୀ ସାବ୍ୟସ୍ତ ହୋଇଥିବା ୪୯ ଜଣଙ୍କ ମଧ୍ୟରୁ ୩୮ ଜଣଙ୍କୁ ଆଜି ଫାଶୀ ଦଣ୍ଡରେ ଦଣ୍ଡିତ କରାଯାଇଛି। ସେହିପରି ୧୧ ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ଅହମଦାବାଦର ସ୍ୱତନ୍ତ୍ର କୋର୍ଟ ରାୟ ଶୁଣାଇବା ବେଳେ ବୋମା ବିସ୍ଫୋରଣ ପୀଡ଼ିତଙ୍କ ପାଇଁ ମଧ୍ୟ କ୍ଷତିପୂରଣ ଘୋଷଣା କରିଛନ୍ତି। ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାର ବର୍ଗଙ୍କୁ ୧ ଲକ୍ଷ, ଗୁରୁତର ଆହତଙ୍କୁ ୫୦ ହଜାର ଓ ସାମାନ୍ୟ ଆହତମାନଙ୍କୁ ୨୫ ହଜାର ଟଙ୍କା ଲେଖାଏ ଦେବାକୁ ସ୍ୱତନ୍ତ୍ର କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ବର୍ଷ ଫେବୃଆରୀ ୮ରେ ସମସ୍ତ ୪୯ ଜଣ ସିରିଜ୍ ବୋମା ବିସ୍ଫୋରଣ ଘଟଣାରେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ଏହି ସମୟରେ ୨୮ ଜଣଙ୍କୁ ନିର୍ଦ୍ଦୋଷ ଖଲାସ କରାଯାଇଥିଲା। ସ୍ପେଶାଲ କୋର୍ଟ ଦୀର୍ଘ ୧୩ ବର୍ଷ ହେଲା ମାମଲାର ଶୁଣାଣି କରି ରାୟ ଦେଇଛନ୍ତି। ଅହମଦାବାଦ ସିରିଜ୍ ବୋମା ବିସ୍ଫୋରଣ ଘଟଣାରେ ମୋଟ ୭୮ ଜଣ ଅଭିଯୁକ୍ତ ଥିଲେ। ପରବର୍ତ୍ତୀ ଅବସ୍ଥାରେ ଜଣେ ଅଭିଯୁକ୍ତ ସରକାରୀ ସାକ୍ଷୀ ବନି ଯାଇଥିଲେ। ଏଥିଯୋଗୁ ୭୭ ଜଣ ଅଭିଯୁକ୍ତଙ୍କ ଉପରେ ଶୁଣାଣି ହୋଇଥିଲା। ୧୩ ବର୍ଷର ଶୁଣାଣି ସମୟରେ ମୋଟ ୧୧୬୩ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ତଦନ୍ତକାରୀ ଏଜେନ୍ସି ୬ ହଜାରରୁ ଅଧିକ ପ୍ରମାଣ ଭିତ୍ତିକ ସାମଗ୍ରୀ କୋର୍ଟରେ ଉପସ୍ଥାପନ କରାଯାଇଥିଲା। ▶▶ପୃଷ୍ଠା ୭

## ସରିଲା ଦ୍ୱିତୀୟ ପର୍ଯ୍ୟାୟ : ୭୧ % ମତଦାନ



ଭୁବନେଶ୍ୱର, ୧୮/୦୨ (ନି.ପ୍ର): ତ୍ରିସ୍ତରୀୟ ପଂଚାୟତ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍ ଗ୍ରହଣ ଶେଷ ହୋଇଛି। ରିପୋର୍ଟ ଅନୁଯାୟୀ ପ୍ରାୟ ୭୧ ପ୍ରତିଶତ ମତଦାନ ହୋଇଥିବା ରାଜ୍ୟ ନିର୍ବାଚନ କମିଶନର ସୂଚନା ଦେଇଛନ୍ତି। ୧୬ ତାରିଖରେ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ୭୭.୨ ପ୍ରତିଶତ ମତଦାନ ରେକର୍ଡ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟ ଭଳି ଦ୍ୱିତୀୟ ପର୍ଯ୍ୟାୟରେ ମଧ୍ୟ କିଛି ସ୍ଥାନରେ ଭୋଟ୍ ବେଳେ ବିଶୃଙ୍ଖଳା ଦେଖିବାକୁ ମିଳିଛି। ଜଗତସିଂହପୁର ଓ ଯାଜପୁର ଜିଲ୍ଲାର କିଛି ବୁଥ୍ ରେ ନିର୍ବାଚନ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଛି । ସେହିପରି ବାଲାଟ୍ ପେପରରେ ତ୍ରୁଟି ଯୋଗୁଁ କିଛି ସ୍ଥାନରେ ପୁନଃନିର୍ବାଚନ ହୋଇପାରେ। ଏସମ୍ପର୍କରେ ଜିଲ୍ଲାପାଳମାନଙ୍କ ଠାରୁ ରିପୋର୍ଟ ମଗାଯାଇଛି। ରିପୋର୍ଟ ମିଳିବା ପରେ ନିର୍ବାଚନ କମିଶନ କାର୍ଯ୍ୟାନୁଷ୍ଠାନ ନେବେ । ମଧ୍ୟାହ୍ନ ୧୨ଟା ସୁଦ୍ଧା ୪୩ ପ୍ରତିଶତ ଭୋଟିଂ ହୋଇଥିଲା। କୋଟିଆରେ ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ଚାଲିଛି। ସେଠାରେ ମଧ୍ୟାହ୍ନ ୧୨ଟା ସୁଦ୍ଧା ୪୦ ପ୍ରତିଶତ ଭୋଟିଂ ହୋଇଥିଲା। ଓଡ଼ିଶା ପଂଚାୟତିରାଜ ନିର୍ବାଚନର ୨ୟ ପର୍ଯ୍ୟାୟ ପାଇଁ ଆଜି ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇଥିଲା। ଅପରାହ୍ନ ୧ଟା ଯାଏଁ ଭୋଟ ଗ୍ରହଣ କରାଯାଇଥିଲା। ଏହି ପର୍ଯ୍ୟାୟରେ ରାଜ୍ୟରେ ମୋଟ ୨୦ ହଜାର ୪୩୬ଟି ବୁଥ୍ ରେ ମତଦାନ କରାଯାଇଥିଲା। ସେଥିରୁ ୩ ହଜାର୬୫ଟି ସମ୍ବେଦନଶୀଳ ବୁଥ୍ ଥିଲା। ସେହିପରି ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ମୋଟ ୨୪୦ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢୀ ଏ ସମ୍ପର୍କରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଶେଷ ଖବର ସୁଦ୍ଧା ଆଜି ମତଦାନ ହାର ୭୧ ପ୍ରତିଶତ ରହିଛି। ତେବେ କେତେକ ବୁଥରେ ଦିନ ୧ଟା ପରେ ବି ଭୋଟଗ୍ରହଣ ହୋଇଥିବାରୁ ଏହି ହାର ବୃଦ୍ଧି ପାଇବାର ସମ୍ଭାବନା ରହିଛି । ଜଗତସିଂହପୁର ଓ ଯାଜପୁର ଜିଲ୍ଲାର କେତେକ ସ୍ଥାନରେ ଗଣ୍ଡଗୋଳ ଯୋଗୁ ମତଦାନ ବାଧାପ୍ରାପ୍ତ ହୋଇଛି। ଏନେଇ ଉଭୟ ଜିଲ୍ଲାର ▶▶ପୃଷ୍ଠା ୭

### ଡନ୍ ଦାଉଦ ଇବ୍ରାହିମର ଭାଇକୁ ବାନ୍ଧିଲା ଇଡି

ନୂଆଦିଲ୍ଲୀ, ୧୮/୦୨ : ଅଣ୍ଡରୱାର୍ଲ୍ଡ ଡନ୍ ତଥା ମୁମ୍ବାଇ ସିରିଜ୍ ବୋମା ବିସ୍ଫୋରଣର ମାଷ୍ଟରମାଇଣ୍ଡ ଦାଉଦ ଇବ୍ରାହିମର ଭାଇ ଇକବାଲ ଇବ୍ରାହିମ କାସକର ଗିରଫ ହୋଇଛି। ଆଜି ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଇକବାଲକୁ ଗିରଫ କରିଛି। ସେ ଥାନେ ଜେଲ୍ରେ ରହିଥିଲା। ସେହିଠାରେ ହିଁ ତା'କୁ ମନି ଲଣ୍ଡରିଂ ମାମଲାରେ ପଚରାଉଚରା କରାଯିବା ପରେ ଗିରଫ କରାଯାଇଛି। ୨୦୧୭ରେ ଇକବାଲ ଥାନେ ପୁଲିସ୍ର ସ୍ୱତନ୍ତ୍ର ସେଲ ଦ୍ୱାରା ଗିରଫ ହୋଇଥିଲା। ସେତେବେଳେ ତା' ନାଁରେ ବଟି ଆଦାୟ ଓ ଲୁଟ ଭଳି ମାମଲା ରହିଥିଲା। ୨୦୧୭ରେ ଗିରଫ ହେବା ଦିନଠାରୁ ସେ ଜେଲରେ ରହିଛି। ଗତ ସପ୍ତାହରେ ମୁମ୍ବାଇର ଗୋଟିଏ କୋର୍ଟ ଇଡିକୁ ମନିଲଣ୍ଡରିଂ ମାମଲାରେ ଇକବାଲକୁ ଜେରା କରିବାକୁ ଅନୁମତି ଦେଇଥିଲେ। ଏହାପରେ ଇଡି ଜେଲରେ ତା'କୁ ଜେରା କରିଥିଲା ଓ ଆଜି ବିଧିବଦ୍ଧ ଭାବେ ଗିରଫ କରିଛି। ଏବେ ଇଡି ଇକବାଲକୁ ସ୍ୱତନ୍ତ୍ର ପିଏମଏଲଏ କୋର୍ଟରେ ହାଜର କରିବ ଓ ଅଧିକ ଜେରା ପାଇଁ ରିମାଣ୍ଡରେ ନେବ। ଏପରି ଗିରଫଦାରୀ ପୂର୍ବରୁ ଇଡି ମୁମ୍ବାଇରେ ଥିବା କାସକର କ୍ଲାନର ୧୦ଟି ଠିକଣାରେ ରେଡ୍ କରିଥିଲା। ଏହି ସମୟରେ ହିଁ ମନିଲଣ୍ଡରିଂ ମାମଲା ରୁଜୁ ହୋଇଥିଲା।

## ଆଜି ଦୁଇ ଦିନିଆ ପୁରୀ ଗସ୍ତରେ ଆସିବେ ରାଷ୍ଟ୍ରପତି



ଭୁବନେଶ୍ୱର, ୧୮/୦୨ (ନି.ପ୍ର): ଆସନ୍ତାକାଲି (ଶନିବାର)ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିବେ ରାଷ୍ଟ୍ରପତି ରାମନାଥ କୋବିନ୍ଦ। ରାଷ୍ଟ୍ରପତିଙ୍କ ଦୁଇ ଦିନିଆ ଗସ୍ତ ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ରାଷ୍ଟ୍ରପତି ରାମନାଥ କୋବିନ୍ଦ ସ୍ୱତନ୍ତ୍ର ବିମାନ ଯୋଗେ ଶନିବାର ଅପରାହ୍ନ୧୨ଟା ୨୫ରେ ଦିଲ୍ଲୀରୁ ବାହାରି ଅପରାହ୍ନ ୨ଟା୪୫ରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରେ ପହଁଚିବେ। ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ , ରାଜ୍ୟପାଳ ଗଣେଶୀ ଲାଲ ପ୍ରମୁଖ ବିମାନବନ୍ଦରରେ ଉପସ୍ଥିତ ରହିବେ। ସୂଚନା ଅନୁଯାୟୀ ଭୁବନେଶ୍ୱର ବିମାନବନ୍ଦରରେ ରାଷ୍ଟ୍ରପତି ପହଂଚିବା ପରେ ୨.୫୫ ମିନିଟରେ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ପୁରୀ ଯିବେ । ପୁରୀରେ ୩.୨୫ ମିନିଟରେ ପହଚିବା ପରେ ସିଧାସଳଖ ରାଜ ଭବନ ଯିବେ। ସେଠାରୁ ରାଷ୍ଟ୍ରପତି ୪.୫୫ ମିନିଟରେ ପୁରୀ ଶ୍ରୀମନ୍ଦିରରେ ଶ୍ରୀଜିଉଙ୍କ ଦର୍ଶନ କରିବେ। ସେ ଶ୍ରୀମନ୍ଦିରରେ ୪୫ ମିନିଟ୍ ରହିବେ। ସେହିଦିନ ରାତିରେ ସେ ପୁରୀରେ ରହିବେ। ପରଦିନ ଅର୍ଥାତ୍୨୦ ତାରିଖ ସକାଳ ୧୦.୩୦ ମିନିଟରେ ବଡ଼ଦାଣ୍ଡ ସ୍ଥିତ ଗୌଡିୟ ମଠରେ ଆୟୋଜିତ କାର୍ଯ୍ୟକ୍ରମରେ ସାମିଲ୍ ହେବେ ରାଷ୍ଟ୍ରପତି। ଏହାପରେ ଶରଧାବାଲି ଯାଇ ସାଧୁ ସମ୍ମିଳନୀରେ ଏକ ଘଂଟା ଧରି ସାମିଲ୍ ହେବାର କାର୍ଯ୍ୟକ୍ରମ ରହିଛି । ଏଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି । ରାଷ୍ଟ୍ରପତିଙ୍କ ସୁରକ୍ଷା ପାଇଁ ୪୦ ପ୍ଲାଟୁନ ପୋଲିସ ଫୋର୍ସ ସହ ୨ ଶହ ପୋଲିସ ଅଧିକାରୀ ମୁତୟନ ରହିବେ ।

## ମୁଖ୍ୟମନ୍ତ୍ରୀ କହିଲେ- ମୁଁ ଫିଟ୍ ଅଛି



ଭୁବନେଶ୍ୱର, ୧୮/୦୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଅପରାହ୍ନରେ ଲିଙ୍ଗରାଜ ମନ୍ଦିର ଯାଇ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କରିଛନ୍ତି। ଏଥି ସହିତ ପୂଜାର୍ଚ୍ଚନା ମଧ୍ୟ କରିଛନ୍ତି। ମୁଖ୍ୟମନ୍ତ୍ରୀ ଗସ୍ତ ପାଇଁ ମନ୍ଦିର ଚାରିପଟେ କଡ଼ାସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପ୍ରଭୁ ଲିଙ୍ଗରାଜଙ୍କୁ ଦର୍ଶନ କରିବା ସହିତ ଏକାମ୍ର ପ୍ରକଳ୍ପର ସମୀକ୍ଷା କରିଛନ୍ତି। ମୁଖ୍ୟମନ୍ତ୍ରୀ ପାଖାପାଖି ୧୫ ମିନିଟ ପର୍ଯ୍ୟନ୍ତ ଲିଙ୍ଗରାଜ ମନ୍ଦିର ପରିସରରେ ରହିଥିଲେ। ମୁଖ୍ୟମନ୍ତ୍ରୀ ଲିଙ୍ଗରାଜ ମନ୍ଦିର ପରିସରରେ ପହଂଚିଲା ପରେ ସେଠାରେ ମନ୍ଦିର ସେବାୟତ ଓ ମନ୍ଦିର ପ୍ରଶାସନ କର୍ତ୍ତୃପକ୍ଷ ମୁଖ୍ୟମନ୍ତ୍ରୀ ନବୀନଙ୍କୁ ସ୍ୱାଗତ ଜଣାଇବା ସହ ତାଙ୍କୁ ମନ୍ଦିର ଭିତରକୁ ପାଛୋଟି ନେଇଥିଲେ। ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଦର୍ଶନ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାମ୍ବାଦିକଙ୍କୁ ନିଜର ପ୍ରତିକ୍ରିୟା ଦେଇଛନ୍ତି। ସ୍ୱାସ୍ଥ୍ୟ ଉପରେ ପ୍ରଚାର ହେଉଥିବା ଗୁଜବ ନେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ନିର୍ବାଚନ ସମୟରେ ମୋ ସ୍ୱାସ୍ଥ୍ୟ ନେଇ ▶▶ପୃଷ୍ଠା ୭

### ରାଜ୍ୟରେ ଆଉ ୧୫ ଜଣ କରୋନା ସଂକ୍ରମିତଙ୍କ ମୃତ୍ୟୁ

ଭୁବନେଶ୍ୱର, ୧୮/୦୨ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମିତ ଆଉ ୧୫ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହ କରୋନା କାରଣରୁ ରାଜ୍ୟରେ ମୃତ୍ୟୁ ସଂଖ୍ୟା ୮୯୭୬ ହୋଇ ଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ମୃତକଙ୍କ ମଧ୍ୟରେ ଖୋର୍ଦ୍ଧାରୁ ୩ ଜଣ ରହିଥିବା ବେଳେ ଅନୁଗୁଳ, କଟକ ଓ ପୁରୀ ଜିଲ୍ଲାରୁ ୨ ଜଣ ଲେଖାଏଁ ରହିଛନ୍ତି । ସେହିପରି ବାଲେଶ୍ୱର, ବରଗଡ, ଜଗତସିଂହପୁର, ଯାଜପୁର. ମୟୁରଭଂଜ. ନୟାଗଡ ଜଣେ ଆକ୍ରାନ୍ତଙ୍କ କରୋନାରେ ମୃତ୍ୟୁ ଘଟିଛି।

### ସହରାଂଚଳରୁ ହଟିଲା ନାଇଟ କର୍ଫ୍ୟୁ

ଭୁବନେଶ୍ୱର, ୧୮/୦୨ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମଣ କମୁଥିବାରୁ ଏହାକୁ ଆଖି ଆଗରେ ରଖି ରାଜ୍ୟର ସହରାଂଚଳ ମାନଙ୍କରେ ଲାଗିଥିବା ନାଇଟ କର୍ଫ୍ୟୁକୁ ପ୍ରତ୍ୟାହାର କରି ନିଆଯାଇଛି । ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ପକ୍ଷରୁ ଏ ସଂକ୍ରାନ୍ତରେ ନିର୍ଦ୍ଦେଶନାମା ଜାରୀ କରାଯାଇଛି । ଆଜି ଠାରୁ ରାଜ୍ୟର ସହରାଂଚଳରେ ନାଇଟ କର୍ଫ୍ୟୁକୁ ହଟାଯାଇଛି । ରାତି ୧୦ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ନାଇଟ୍ କର୍ଫ୍ୟୁ ଜାରି ହୋଇଥିଲା ।

## ଯୋଗୀଙ୍କୁ ଗୁପ୍ତ ତଥ୍ୟ ଦେଇଥିଲେ ଚିତ୍ରା ରାମକୃଷ୍ଣ




ନୂଆଦିଲ୍ଲୀ, ୧୮/୦୨ : ହିମାଳୟରେ ଅବସ୍ଥାପିତ ତଥାକଥିତ ଜଣେ ଯୋଗୀଙ୍କୁ ସମସ୍ତ ପ୍ରକାରର ଗୁପ୍ତ ତଥ୍ୟ ଦେଉଥିବା ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜର ପୂର୍ବତନ ମୁଖ୍ୟ ଚିତ୍ରା ରାମକୃଷ୍ଣଙ୍କ ଅଡୁଆ ବଢ଼ିଛି। ଯୋଗୀଙ୍କୁ ଚିତ୍ରା ଦୀର୍ଘ ବର୍ଷ ହେଲା ଗୁପ୍ତ ତଥ୍ୟ ଦେବା ଘଟଣା ସାମ୍ନାକୁ ଆସିବା ପରେ ସାରା ଦେଶରେ ହଇଚଇ ସୃଷ୍ଟି ହୋଇଥିଲା। ଏବେ ଏହି ଘଟଣାରେ ସିବିଆଇ ଚିତ୍ରାଙ୍କୁ ଜେରା ଆରମ୍ଭ କରିଛି। ସିବିଆଇ ସୂତ୍ରରୁ ଶୁକ୍ରବାର ଏହି ତଥ୍ୟ ମିଳିଛି। ମିଳିଥିବା ସୂଚନା ଅନୁଯାୟୀ, ପ୍ରଥମେ ରୁଜୁ ହୋଇଥିବା ଏଫଆଇଆର ସମୟରେ କୌଣସି ନୂଆ ତଥ୍ୟ ସାମ୍ନାକୁ ଆସି ନ ଥିଲା। ହେଲେ ପରବର୍ତ୍ତୀ ଅବସ୍ଥାରେ ନୂଆ ତଥ୍ୟ ସାମ୍ନାକୁ ଆସିଛି। ଏହି ନୂଆ ତଥ୍ୟକୁ ଆଧାର କରି ଚିତ୍ରାକୁ ଆଜି ସିବିଆଇ ଜେରା ଆରମ୍ଭ କରିଛି। ଏହାପୂର୍ବରୁ ତଦନ୍ତକାରୀ ସଂସ୍ଥା ଚିତ୍ରା, ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜର ପୂର୍ବତନ ସିଓଓ ଆନନ୍ଦ ସୁବ୍ରମଣିୟମ ଓ ରବି ନାରାୟଣଙ୍କ ବିରୋଧରେ ଲୁକ ଆଉଟ ସର୍କ୍ୟୁଲାର ଜାରି କରିଥିଲା। ଏମାନେ ଦେଶ ▶▶ପୃଷ୍ଠା ୭

## ଆନ୍ଧ୍ରକୁ ମିଳିଲା ଜବାବ : ବିପୁଳ ସଂଖ୍ୟାରେ ଭୋଟ ଦେଲେ କୋଟିଆବାସୀ

ଭୁବନେଶ୍ୱର, ୧୮/୦୨ (ନି.ପ୍ର): ଭୋଟ ଦେବା ପାଇଁ ଏ ଯେଉଁ ଲମ୍ବା ଲାଇନ୍ ଦେଖୁଛନ୍ତି, ତାହା ହେଉଛି କୋଟିଆର । ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନାର ସହ ଭୋଟଦାନରେ ସାମିଲ ହୋଇଛନ୍ତି କୋଟିଆବାସୀ । ଯାହା ସ୍ପଷ୍ଟ ସଂକେତ ଦେଉଛି, କୋଟିଆରେ ଓଡ଼ିଶା ଯେପରି ନିର୍ବାଚନ କରିନପାରିବ, ଆନ୍ଧ୍ର ରଚିଥିବା ଷଡ଼ଯନ୍ତ୍ର ଫସରଫାଟି ଯାଇଛି । ସ୍ୱତପ୍ରବୃତ ଭାବେ ଆଗ୍ରହର ସହ ବିପୁଳ ସଂଖ୍ୟାରେ ଭୋଟ ଦେଇ ପ୍ରତିନିଧି ବାଛିଛି କୋଟିଆ । ବର୍ଷକ ଭିତରେ କୋଟିଆ ଦୁଇଟି ପଂଚାୟତ ନିର୍ବାଚନ ଦେଖିଛି । ୨୦୨୧ ଫେବ୍ରୁଆରୀ ମାସରେ ଅଗଣତାନ୍ତ୍ରିକ ଭାବେ ଆନ୍ଧ୍ର ନିର୍ବାଚନ କରିଥିଲା । ସବୁଠୁ ବଡ଼ କଥା ହେଉଛି, ଆନ୍ଧ୍ର ସରକାର ଯେଉଁ ନିର୍ବାଚନ କରିଥିଲେ, ସେଥିରେ ମାତ୍ର ୧୭ ପ୍ରତିଶତ ଭୋଟିଂ ହୋଇଥିଲା । ହେଲେ ଓଡ଼ିଶାର ନିର୍ବାଚନରେ ରେକର୍ଡ ସଂଖ୍ୟକ ମତଦାନ ହୋଇଛି । ୭୬ ପ୍ରତିଶତରୁ ଅଧିକ ଲୋକ ନିର୍ବାଚନ ସାମିଲ ହୋଇ ପ୍ରତିନିଧି ବାଛିଛନ୍ତି । ଯାହା ଆନ୍ଧ୍ରକୁ ସ୍ପଷ୍ଟ ବାର୍ତ୍ତା ଦେଇଛି । ନିର୍ବାଚନରେ ଆନ୍ଧ୍ର ହସ୍ତକ୍ଷେପ କରିବା ଆଶଙ୍କା କରି ସୀମା ସିଲ୍ କରି ବ୍ୟାପକ ଫୋର୍ସ ମୁତୟନ କରିଥିଲା ଓଡ଼ିଶା । ସମ୍ବେଦନଶୀଳ ବୁଥଗୁଡିକ ଉପରେ ନଜର ରଖିଥିଲା ପୁଲିସ । ଆନ୍ଧ୍ର ଷଡଯନ୍ତ୍ରକୁ ଜବାବ ଦେବା ପାଇଁ ସବୁ ଦଳ ଏକାଠି ହୋଇଥିଲେ । ଜିଲ୍ଲା ପରିଷଦ ଜୋନ୍ ପାଇଁ ସର୍ବଦଳୀୟ ପ୍ରାର୍ଥୀ ଦେଇଥିଲେ । ସର୍ବଦଳୀୟ ପ୍ରାର୍ଥୀ ମମତା ଜାନିଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ସ୍ୱାଧୀନ ପ୍ରାର୍ଥୀ ଟିକାଇ ଗେମେଲ୍ ।

## ପୌର ନିର୍ବାଚନ ପାଇଁ ଇଭିଏମ୍ ତାଲିମ କାର୍ଯ୍ୟକ୍ରମ ଆରମ୍ଭ



ଭୁବନେଶ୍ୱର, ୧୮/୦୨ (ନି.ପ୍ର): ଆସନ୍ତା ପୌରସଂସ୍ଥା ନିର୍ବାଚନ ପାଇଁ ନିର୍ବାଚନ କମିଶନଙ୍କ ତରଫରୁ ଦୁଇ ଦିନିଆ ଇଭିଏମ୍ ତାଲିମ କାର୍ଯ୍ୟକ୍ରମ କମିଶନଙ୍କ କାର୍ଯ୍ୟାଳୟ ପରିସରରେ ଆଜି ଆରମ୍ଭ ହୋଇଛି । ପ୍ରଥମ ପର୍ଯ୍ୟାୟରେ ୧୫ଟି ଜିଲ୍ଲା: ଅନୁଗୋଳ, ବାଲେଶ୍ୱର, ବଲାଙ୍ଗୀର, ବରଗଡ଼, ବୌଦ୍ଧ, କଟକ, ଦେବଗଡ଼, ଢେଙ୍କାନାଳ, ଗଜପତି, ଗଞ୍ଜାମ, ଜଗତସିଂହପୁର, ଯାଜପୁର, ଝାରସୁଗୁଡ଼ା ଓ କଳାହାଣ୍ଡିରୁ ଆସିଥିବା ମାଷ୍ଟର ଟ୍ରେନରମାନଙ୍କୁ ତାଲିମ ପ୍ରଦାନ କରାଯାଇଛି । ଏହି ତାଲିମ କାର୍ଯ୍ୟକ୍ରମକୁ ନିର୍ବାଚନ ଆୟୋଗଙ୍କ ସଚିବ ରବୀନ୍ଦ୍ର ନାଥ ସାହୁ ଶୁଭାରମ୍ଭ କରିଥିବାବେଳେ ଆୟୋଗର ସ୍ୱତନ୍ତ୍ର ସଚିବ ରଘୁରାମ ଆର୍. ଆୟର, ଆଇନ୍ ଅଧିକାରୀ ମାଧୁରୀ ମିଶ୍ର ଓ ସେକ୍ସନ୍ ଅଧିକାରୀ ଉତ୍ତମ କୁମାର ପରିଡ଼ା ଉପସ୍ଥିତ ରହି ଜିଲ୍ଲାରୁ ଆସିଥିବା ମାଷ୍ଟର ଟ୍ରେନରମାନଙ୍କୁ ଇଭିଏମ୍ ମାଧ୍ୟମରେ ଭୋଟଗ୍ରହଣ ସଂପର୍କରେ ବିସ୍ତୃତ ତାଲିମ ପ୍ରଦାନ କରିଥିଲେ । ଜିଲ୍ଲାରୁ ଆସିଥିବା ମାଷ୍ଟର ଟ୍ରେନରମାନେ ଇଭିଏମ୍ ତାଲିମ ନେଇ ଜିଲ୍ଲାସ୍ତରରେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହୋଇଥିବା କର୍ମଚାରୀମାନଙ୍କୁ ତାଲିମ ପ୍ରଦାନ କରିବେ । ଆସନ୍ତାକାଲି ଅବଶିଷ୍ଟ ୧୫ଟି ଜିଲ୍ଲାର ମାଷ୍ଟର ଟ୍ରେନରମାନଙ୍କୁ ଇଭିଏମ୍ ମାଧ୍ୟମରେ ଭୋଟଗ୍ରହଣ କରାଯିବା ସଂପର୍କରେ ତାଲିମ ପ୍ରଦାନ କରାଯିବ। ରାଜ୍ୟର ସମୁଦାୟ ୧୦୭ଟି ପୌରସଂସ୍ଥା ଓ ୩ଟି ମହାନଗର ନିଗମର ୧୯୩୧ଟି ୱାର୍ଡର ୪୫୮୪ଟି ବୁଥ୍ରେ ନିର୍ବାଚନ ଅନୁଷ୍ଠିତ ହେବ। ପ୍ରତ୍ୟେକ ବୁଥ୍ ରେ ୨ଟି ଲେଖାଏଁ ଇଭିଏମ୍ ରହିବ। ଗୋଟିଏ କାଉନ୍ସିଲର/କର୍ପୋରେଟର ଓ ଅନ୍ୟଟି ଅଧ୍ୟକ୍ଷ/ମେୟର ନିର୍ବାଚନ ପାଇଁ ବ୍ୟବହୃତ ହେବ। ପ୍ରାୟ ୧୧ ହଜାରରୁ ଅଧିକ ସଂଖ୍ୟକ ଇଭିଏମ୍ ପୌରସଂସ୍ଥା ନିର୍ବାଚନରେ ବ୍ୟବହାର କରାଯିବ ବୋଲି ନିର୍ବାଚନ କମିଶନ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ ।

## ମୁଁ ଜଣେ ଏମିତି ଆତଙ୍କବାଦୀ, ଯିଏ ସ୍କୁଲ ଓ ହସ୍ପିଟାଲ ତିଆରି କରିଛି : କେଜ୍ରିୱାଲ



ନୂଆଦିଲ୍ଲୀ, ୧୮/୦୨ : ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ପୂର୍ବତନ ଆପ୍ ନେତା କୁମାର ବିଶ୍ୱାସ ଖଲିସ୍ତାନୀ ଆତଙ୍କବାଦୀଙ୍କ ସହ ଯୋଡ଼ିବା ପରେ ବିବାଦ ଦେଖିବାକୁ ମିଳିଛି। ଏହାର ଜବାବ ଦେଇ କେଜ୍ରିୱାଲ ସବୁ ଦଳର ଶୀର୍ଷ ନେତାମାନଙ୍କୁ ଟେର୍ଚ୍ଛାବାଣ ମାରିଛନ୍ତି। ସେ କହିଛନ୍ତି, "ମୁଁ ସମ୍ଭବତଃ ଗୋଟିଏ ଭଲ ଆତଙ୍କବାଦୀ ଯିଏ ଲୋକଙ୍କ ପାଇଁ ସ୍କୁଲ ଓ ହସ୍ପିଟାଲ ତିଆରି କରିଛି।" ଏଥିସହ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମଧ୍ୟ ସମାଲୋଚନା କରିଛନ୍ତି। ସେ କହିଛନ୍ତି, "ଯଦି ମୁଁ ବିଚ୍ଛିନ୍ନତାବାଦୀଙ୍କ ସମର୍ଥକ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାଣିଥିଲେ, ତା'ହେଲେ ସେ କାହିଁକି ମୋ ବିରୋଧରେ ତଦନ୍ତ କଲେ ନାହିଁ କି ପ୍ରମାଣ ଉପସ୍ଥାପନ କଲେ ନାହିଁ ? ସେମାନେ(ବିଜେପି ଓ କଂଗ୍ରେସ ନେତା) ୧୦ ବର୍ଷ ହେଲେ ମୋତେ ଏମିତି କହି ଆସୁଛନ୍ତି। ଅରବିନ୍ଦ କେଜ୍ରିୱାଲ ଦେଶକୁ ଦୁଇ ଭାଗରେ ବିଭକ୍ତ କରିବେ ଓ ଗୋଟିଏ ଭାଗ ଦେଶର ପ୍ରଧାନମନ୍ତ୍ରୀ ହେବେ ବୋଲି ସେମାନେ ଅଭିଯୋଗ କରୁଛନ୍ତି। କିନ୍ତୁ ଏହା ଏକ କମେଡି। ଏପରି ଦାବି ଉପରେ କେବଳ ହସିବା ଦରକାର। ମୋ ବିରୋଧରେ ଏମିତି ଅଭିଯୋଗ କରିବା ଅର୍ଥ ମୁଁ ଜଣେ ବଡ଼ ଆତଙ୍କବାଦୀ। ଯଦି ମୁଁ ଆତଙ୍କବାଦୀ, ତା'ହେଲେ ସେମାନଙ୍କ ସୁରକ୍ଷା ଏଜେନ୍ସି କ'ଣ କରୁଛନ୍ତି ? କଂଗ୍ରେସ ମଧ୍ୟ ଦୀର୍ଘ ୧୦ ବର୍ଷ କ୍ଷମତାରେ ଥିଲା। କ'ଣ ସେମାନେ ଶୋଇଥିଲେ ? କାହିଁକି ମୋଦିଜୀ ମୋତେ ଗିରଫ କରୁନାହାନ୍ତି ?" ସବୁ ଦଳକୁ ଦୁର୍ନୀତି ଗ୍ରସ୍ତ ବୋଲି ମଧ୍ୟ କେଜ୍ରିୱାଲ କହିଛନ୍ତି। ସେ କହିଛନ୍ତି, "ଅକାଳୀ, ବିଜେପି, କଂଗ୍ରେସ ସବୁ ରାଜନୀତିକ ଦଳ ଏକାଠି ହୋଇଛନ୍ତି। ▶▶ପୃଷ୍ଠା ୭

# ଦିନ ବେଳେ ଜଳୁଛି ଲାଇଟ: ରାତିରେ ଅନ୍ଧକାରମୟ ଖୋଲିଭିତର ଗ୍ରାମ

ନୂଆପଡ଼ା,୧୮/୨ (ନି.ପ୍ର): ଗ୍ରାମକୁ ଭୋଟ ନେବା ପାଇଁ ପଚାଂୟତ ପ୍ରତିନିଧିଙ୍କ ଲମ୍ବା ଧାଡି ରହିଥିବା ବେଳେ ଗ୍ରାମର ପ୍ରକୃତ ସମସ୍ୟା ଉପରେ କାହାର ନଜର ନାହିଁ । ସୌରଶକ୍ତି ସଡ଼କ ଆଲୁଅ ସେବା ଅଚଳ, ଦିନ ବେଳେ ଜଳୁଛି ଲାଇଟ, ରାତିରେ ଅନ୍ଧକାରମୟ ହୋଇପଡୁଛି ସମ୍ପୂର୍ଣ୍ଣ ଖୋଲିଭିତର ଗ୍ରାମ । ବୋଡ଼େନ ବ୍ଲକ ନଗପଡା ଗ୍ରାମପଂଚାୟତ ଅନ୍ତର୍ଗତ ପଡାଗ୍ରାମ ଖୋଲିଭିତର । ଏହି ଗ୍ରାମ ସୁନାବେଡା ଅଭୟାରଣ୍ୟ ମଧ୍ୟରେ ଅବସ୍ଥିତ । ସୌରଶକ୍ତି ଦ୍ୱାରା ଗ୍ରାମକୁ ଆଲୋକ ସେବା ଯୋଗାଇବା ନେଇ ୬ ବର୍ଷ ତଳେ କାର୍ଯ୍ୟ ହୋଇଥିଲା । ଏହା ବର୍ତ୍ତମାନ ଅଚଳ ହୋଇପଡିଛି । ଅନେକ ବିଦ୍ୟୁତ ସୋଲାର ପେନାଲ ନଥିବା ବେଳେ ଲାଇଟ ଗୁଡିକ କାମ ଦେଉନାହିଁ । ଗ୍ରାମବାସୀ ମାନେ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କଲେ ମଧ ତାର କୌଣସି ସମାଧାନ ହେଉନାହିଁ । ଦିନ ବେଳେ ଲାଇଟ ମିଞ୍ଜି ମିଞ୍ଜି ହୋଇ ଜଳୁଅଛି । ରାତ୍ରି ସମୟରେ ସମ୍ପୂର୍ଣ୍ଣ ଗ୍ରାମ ଅନ୍ଧକାରମୟ ହୋଇପଡିଛି । ଗ୍ରାମବାସୀଙ୍କ ଏହି ସମସ୍ୟା ନେଇ ପ୍ରତିନିଧିଙ୍କ ନଜର ନଥିବା ବେଳେ ଭୋଟ୍ ଭିକ୍ଷା କରି କେବଳ ବିକାଶର ପ୍ରତିଶ୍ରୁତି ଦେଉଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି ।

# ରାତି ଅଧରେ ଯୁବକକୁ ଉଠାଇବାକୁ ଯାଇ ହଟହଟା ହେଲା ପୋଲିସ

କେନ୍ଦୁଝର ,୧୮/୨ (ନି.ପ୍ର): କେନ୍ଦୁଝର ଜିଲ୍ଲାରେ ଅର୍ଦ୍ଧ ରାତ୍ର ରେ ଜଣେ ଯୁବକକୁ ତାଙ୍କ ଘରୁ ଉଠାଇ ନେବାକୁ ଯାଇ ପୋଲିସକୁ ଯେଭଳି ହଟା ହଟା ହେବାକୁ ପଡିଛି , ତାହା କେନ୍ଦୁଝର ରେ ବେଶ ଚର୍ଚ୍ଚର ବିଷୟ ହୋଇଛି । ଏହି ଘଟଣା ଟି ଗତ ବୁଧବାର ଦିନ ଜିଲ୍ଲାର ତୁରୁମୁଙ୍ଗା ଥାନା ଅନ୍ତର୍ଗତ ବଲାଣୀପଶି ଗ୍ରାମରେ ବିଳମ୍ବିତ ରାତ୍ରୀରେ ଘଟିଛି । ତ୍ରୀସ୍ତରୀୟ ପଂଚାୟତ ନିର୍ବାଚନ ଆରମ୍ଭ ହୋଇଯାଇଥିବା ବେଳେ ଏହି ବଲାଣିପଶି ଗ୍ରାମର ଶିବ ଚରଣ ମହାନ୍ତ ନାମକ ଜଣେ ଯୁବକ କୁଆଡେ ନିର୍ବାଚନ ଲାଗି ଭୋଟର ମାନଙ୍କୁ ପ୍ରଭାବିତ କରିବା ଉଦ୍ଦେଶ୍ୟରେ ବି ଜେ ପି ଦଳ ପାଇଁ ଟଙ୍କା ବାଂଟୁଥିବା ପୋଲିସକୁ କେହି ସୂଚନା ଦେଇଥିଲା । ଏହି ସୂଚନାକୁ ଆଧାର କରି ତୁରୁମୁଙ୍ଗା ଥାନା ଅଧିକାରୀ ମଦନ ମୋହନ ନାଏକ ତାଙ୍କର ଅନ୍ୟ କର୍ମଚାରୀ ମାନଙ୍କ ସହ ଯାଇ ଶିବ ଚରଣଙ୍କୁ ତାଙ୍କ ଘରୁ ରାତିରେ ଉଠାଇ ଆଣୁଥିବା ବେଳେ ୨୧ ନମ୍ବର ଜିଲ୍ଲାପରିଷଦ ଜୋନ କର୍ଟିଆପଡା ପଂଚାୟତ ବଲାଣୀପଶି ଗାଁର ଲୋକମାନେ ଗାଡି ସହିତ ପୋଲିସକୁ ସେହି ରାତି ସାରା ଅଟକ ରଖିଥିଲେ । ହେି ଘଟଣାକୁ ନେଇ ସେଠାରେ ତୀବ୍ର ଉତେଜନା ଲାଗି ରହିଥିଲା । ଖବର ପାଇ ଚମ୍ପୁଆ ଏସ୍. ଡି . ପି. ଓ . ଓ ଖୁମ୍ପୁରା ଥାନା ଅଧିକାରୀ ବରେନ୍ଦ୍ର ଶିଆଳ , ପାଟଣା ଥାନା ଅଧିକାରୀ ରାଜେନ୍ଦ୍ର ସ୍ୱାଇଁ ୨ ପ୍ଲାଟୁନ ପୋଲିସ ଫୋର୍ସ ଙ୍କ ସହ ଘଟଣା ସ୍ଥଳରେ ପହଂଚି ଲୋକଙ୍କୁ ବୁଝା ସୁଝା କରି ଗ୍ରାମବାସୀଙ୍କ କବଳରୁ ତୁରୁମୁଙ୍ଗା ପୋଲିସକୁ ଗୁରୁବାର ଦିନ ସକାଳୁ ଉଦ୍ଧାର କରିବାକୁ ସକ୍ଷମ ହୋଇଥିଲେ । ତ୍ରୀସ୍ତରୀୟ ପଂଚାୟତ ନିର୍ବାଚନକୁ ନେଇ ବିଭିନ୍ନ ସ୍ଥାନରେ ଗଣ୍ଡଗୋଳ , ମାଡପିଟ ଆଦି ହିଂସାତ୍ମକ କାର୍ଯ୍ୟ କଳାପ ଲାଗ ରହିଥିବା ବେଳେ ସେ ସବୁରେ ଅଙ୍କୁଶ ଲଗାଇବା ପରିବର୍ତେ ପୋଲିସର ଏଭଳି ଅନ୍ଧାଦୁନିଆ ଭାବେ ରାତି ଅଧରେ ଲୋକଙ୍କ ଘରେ ପଶି ଓ ଭୟଭୀତ କରି ଚଢାଉ କରିବା ଭଳି ଘଟଣାକୁ ନେଇ ସମଗ୍ର ଅଂଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିବା ଦେଖାଯାଇଛି ।

# ଆଦିବାସୀ ଗ୍ରାମରେ ଆନ୍ଥ୍ରାକ୍ସ ଆତଙ୍କ: ୩ ଦିନରେ ୨୫ ଗାଈଗୋରୁଙ୍କ ମୃତ୍ୟୁ

## ଡାକ୍ତରୀ ଦଳଙ୍କ କ୍ୟାମ୍ପ, ରକ୍ତନମୁନା ସଂଗ୍ରହ

ମାଲକାନଗିରି,୧୮/୨ (ନି.ପ୍ର): ମାଲକାନଗିରି ସଦର ବ୍ଲକସ୍ଥ ସିନ୍ଧିରିମାଳ ପଚାଂୟତ ତେନ୍ତୁଳିଗୁଡା ଆଦିବାସୀ ଗ୍ରାମରେ ଭୟାବହ ଆନ୍ଥ୍ରାକ୍ସ ଆତଙ୍କ ଦେଖାଦେଇଛି । ୩ ଦିନରେ ୨୫ଟି ଗାଈଗୋରୁଙ୍କ ମୃତ୍ୟୁ ଘଟିସାରିଲାଣି । ଘଟଣାସ୍ଥଳରେ ପ୍ରାଣୀଧନ ବିଭାଗ ଡାକ୍ତର ମାନେ ପହଁଚି ଚିକିତ୍ସା ଆରମ୍ଭ କରିଥିଲେ ମଧ ଗୋ-ମଡ଼କ ଥମିବାର ନା ଧରୁନାହିଁ ।

ଆଜି ତେନ୍ତୁଳିଗୁଡା ଗ୍ରାମରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ବିଷ୍ଣୁ ଚରଣ ସ୍ୱାଇଁ, ଅତିରିକ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ଅଶୋକ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ଘଟଣାସ୍ଥଳରେ ପହଂଚି ଗାଈଗୋରୁଙ୍କ ଠାରୁ ସିରମ ଓ ରକ୍ତ ନମୁନା ସଂଗ୍ରହ କରିବା ସହ ସେମାନଙ୍କୁ ଚିକିତ୍ସା କରିଥିଲେ । ପ୍ରାଥମିକ ତଦନ୍ତ ଓ ମୃତ୍ୟୁର ଲକ୍ଷଣରୁ ଏହା ଆନ୍ଥ୍ରାକ୍ସ ରୋଗ ହୋଇଥାଇପାରେ ବୋଲି ସନ୍ଦେହରେ ଗ୍ରାମରେ ବଂଚିଥିବା ୧୩୦ଟି ଗାଈ ଗୋରୁଙ୍କୁ ଟିକାକରଣ କରାଯାଇଛି । ଡାକ୍ତରୀ ଦଳ ଫେରିଆସିବା ପରେ ପୁଣି ଗ୍ରାମରେ ଆଜି ୪ଟି ଗୋରୁଙ୍କର ମୃତ୍ୟୁ ଘଟିଛି ।

ଗତ ୩ ଦିନରେ ମଧରେ ଗୋଟିଏ ଗ୍ରାମରୁ ୨୫ ଟି ଗାଈ ଗୋରୁଙ୍କ ମୃତ୍ୟୁ ଘଟିବା ଘଟଣାରେ ଗ୍ରାମବାସୀ ମାନେ ଭୟ ଓ ଆତଙ୍କିତ ହୋଇପଡିଛନ୍ତି । ଡାକ୍ତରଙ୍କ ଚିକିତ୍ସା ପରେ ମଧ ଗାଈଗୋରୁଙ୍କ ମୃତ୍ୟୁ ହୋଇଯାଉଥିବାରୁ ଏହା ଡୁମା ପ୍ରେତ ଦ୍ୱାରା ହୋଇଥାଇପାରେ ବୋଲି ଭୟରେ ଗ୍ରାମରେ ଡୁମା ପୂଜା ଆରମ୍ଭ କରିଦେଇଥିବାର ଦେଖିବାକୁ ମିଳୁଛି ।

ଅଚିହ୍ନା ରୋଗରେ ୨୫ଟି ଗାଈଗୋରୁ ଓ ଗୋଟିଏ ମେଣ୍ଢାର ମୃତ୍ୟୁ ଘଟିଛି । ଗ୍ରାମବାସୀଙ୍କ କହିବା ଅନୁସାରେ, ଗତ ତିନି ଦିନ ହେଲା ବଳଦ, ଗାଈ, ବାଛୁରୀଙ୍କୁ ଜ୍ୱର ହୋଇ ସେମାନଙ୍କ ପାଟିରୁ ଓ ଗୋଡ଼ ଜଙ୍ଘରୁ ରକ୍ତ ପ୍ରବାହିତ ହୋଇ ସେମାନେ ଦୁଇ ତିନି ଘଂଟା ମଧରେ ଛଟପଟ ହୋଇ ମରିଯାଉଥିବାର ଦେଖିବାକୁ ମିଳିଥିଲା । ଏ ଘଟଣା ଜାଣିବା ପରେ ସମାଜସେବୀ ରତ୍ନାକର ଦାଶ ତେନ୍ତୁଳିଗୁଡା ଗ୍ରାମରେ ପହଁଚି ଗୋମଡ଼କର ଦୃଶ୍ୟ ଦେଖି ତଥ୍ୟ ସଂଗ୍ରହ କରି ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ଜଣାଇଥିଲେ । ଜିଲ୍ଲା ପ୍ରାଣିଚିକିତ୍ସା ଅଧିକାରୀଙ୍କ ନେତୃତ୍ୱରେ ଏକ ପଶୁଚିକିତ୍ସା ଡାକ୍ତରୀ ଦଳ ତେନ୍ତୁଳିଗୁଡା ଗ୍ରାମରେ ପହଁଚି ମୃତ, ଅସୁସ୍ଥ ଗାଈଗୋରୁଙ୍କ ସିରମ ଓ ରକ୍ତ ନମୁନା ସଂଗ୍ରହ କରି ଚିକିତ୍ସା ଆରମ୍ଭ କରିଦେଇଛନ୍ତି । ତେନ୍ତୁଳିଗୁଡା ଗ୍ରାମର ଟୁକୁଡୁ ପଡ଼ିଆମୀଙ୍କ ବଳଦ ୩ଟି, ଗାଈ୨ଟି , ମେଣ୍ଢା ୧ଟି ମୃତ୍ୟୁ ଘଟିଥିବା ବେଳେ ଗଙ୍ଗା ମାଡକାମୀଙ୍କ ୩ଟି ବଳଦ, ୨ଟି ଗାଈ, ୧ଟି ବାଛୁରୀ, ଲଛମନ ପଡ଼ିଆମୀଙ୍କ ୨ଟି ବଳଦ, ୨ଟି ବାଛୁରୀ, ୨ଟି ଗାଈ, ପଦ୍ମଲାଭଙ୍କ ଗାଈ ଓ ବାଛୁରୀ, ପାଣ୍ଡୁ ପଡ଼ିଆମୀଙ୍କ ୨ ବଳଦ, ଗାଈ, ବାଛୁରୀର ମୃତ୍ୟୁ ଘଟିଥିବା ବେଳ ଅନ୍ୟ ଲୋକଙ୍କ ଗାଈ, ବାଛୁରୀ, ବଳଦଙ୍କର ମୃତ୍ୟୁ ଘଟିଥିବାର ଜଣାପଡିଛି । ଗରିବ ଆଦିବାସୀଙ୍କ ରୋଜଗାରର ପନ୍ଥା ଗାଈ ଗୋରୁ, ଅଧିକାଂଶ ଗାଈ ଖିର ଦେଉଥିବା ବେଳେ ଅନକେ ବଳଦ ହଳ କରୁଥିଲେ । ଗାଈ ଗୋଟାକୁ ପ୍ରାୟ ୧୦ ରୁ୧୨ ହଜାର ଟଙ୍କା ହୋଇଥିବା ବେଳେ ବଳଦ ହଳକୁ ୬୦ ହଜାର ଟଙ୍କା ହେବ । ଗରିବ ଆଦିବାସୀଙ୍କ ରୋଜଗାରିଆ ଗାଈ ଗୋରୁଙ୍କ ମୃତ୍ୟୁ ଘଟିବା ପରେ ସମଗ୍ର ତେନ୍ତୁଳିଗୁଡା ଗ୍ରାମରେ କାନ୍ଦ ବୋବାଳି ପଡି ଯାଇଛି । ମୃତ ଗାଈ ଗୋରୁ ମାଲିକଙ୍କୁ ଜିଲ୍ଲା ପ୍ରସାଶନ ପକ୍ଷରୁ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ମାନେ ଦାବି କରିଛନ୍ତି ।

ଅପରପକ୍ଷରେ ସିରମ ଓ ରକ୍ତ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ କଟକ ଗବେଷଣା କେନ୍ଦ୍ରକୁ ପଠାଯାଇଛି । ସେଠାରୁ ରିପୋର୍ଟ ଆସିବା ପରେ କେଉଁ କାରଣରୁ ଗାଈ ଗୋରୁଙ୍କ ମୃତ୍ୟୁ ଘଟୁଛି ତାହା ଜଣାପଡିବ ବୋଲି ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ବିଷ୍ଣୁ ଚରଣ ସ୍ୱାଇଁ ସୂଚନା ଦେଇଛନ୍ତି ।

# ଯୌନ ଶୋଷଣରୁ ଶିଶୁଙ୍କୁ ସୁରକ୍ଷା ଆଇନ ସଚେତନତା ଶିବିର

ଜୟପୁର ,୧୮/୨ (ନି.ପ୍ର): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ କୋରାପୁଟ-ଜୟପୁର ଆନୁକୁଲ୍ୟରେ ସିଟି ହାଇ ସ୍କୁଲ୍ ଜୟପୁର ଠାରେ ପୋକ୍ସ ଅଧିନିୟମ ଏବଂ ମହାମାରୀ ନିୟମ କୋଭିଡ୍-୧୯ ଉପରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ କୁହାଯାଇଥିଲା ଯେ ଶିଶୁମାନଙ୍କୁ ଯୌନ ଶୋଷଣରୁ ରକ୍ଷା କରି ସେମାନଙ୍କୁ ସୁରକ୍ଷା ଦେବା ଓ ସେମାନଙ୍କର ଅଧିକାର ଦେବା ଅଧିକାର ପାଇଁ ଭାରତ ସରକାର ବିଭିନ୍ନ ସମୟରେ ବିଭିନ୍ନ ଆଇନ୍ ପ୍ରଣୟନ କରିଛନ୍ତି । ଭାରତୀୟ ସମ୍ବିଧାନରେ ପ୍ରଦତ ମୌଳିକ ଅଧିକାର ଧାର ୧୫(୩) ଅନୁଯାୟୀ ସ୍ୱତନ୍ତ୍ର ଆଇନ ପ୍ରଣୟନର ନିର୍ଦ୍ଦେଶ ରହିଛି । ଶିଶୁମାନେ ହେଉଛନ୍ତି ଦେଶର ଭବିଷ୍ୟତ । ସେମାନଙ୍କ ଶୁରକ୍ଷା ଓ ଯତ୍ନ ପ୍ରତ୍ୟେକ ରାଷ୍ଟ୍ରର କର୍ମବ୍ୟା । ଶିଶୁମାନଙ୍କ ସୁରକ୍ଷା ଅଧିକାରକୁ ସୁରକ୍ଷା ଦେବା ପାଇଁ ୨୦୧୨ମସିହାରେ ଭାରତ ସରକାର ପୋକ୍ସ ଆ' ପ୍ରଣୟନ କରିଥିଲେ । ଯେହେତୁ ଶିଶୁ ମାନେ ହେଉଛନ୍ତି ସବୁତପରିବେଶର ସୁସ୍ଥସମାତ । କିନ୍ତୁ ସମାଜରେ ସମ୍ବେଦନଶୀଳ ବ୍ୟକ୍ତି ସେମାନଙ୍କ ନିରିହତାର ସୁଯୋଗ ନେଇ ସେମାନଙ୍କ ବିରୁଦ୍ଧରେ ଯୌନ ଶୋଷଣ କରାଯାଉଛି ।ସେମାନଙ୍କ ବିରୁଦ୍ଧରେ ହେଉଥିବା ଅପରାଧର ତ୍ୱରିତ ବିଚାର କରି ସେମାନଙ୍କୁ ନ୍ୟାୟ ପ୍ରଦାନ କରିବା ହେଉଛି ଆଇନ୍‌ର ମୁଖ୍ୟ ଲକ୍ଷ୍ୟ । ଶିଶୁ ଯୌନ ଶୋଷଣକୁ ରଖିବା ପାଇଁ ଏହି ଆଇନ୍ ରେ କଠୋର ଦଣ୍ଡବ୍ୟବସ୍ଥା ରହିଛି ରିପୋର୍ଟ ଦାୟର କରିବା ଠାରୁ ଆରମ୍ଭ କରି କୋର୍ଟରେ ଟ୍ରାଏଲ୍ ସରିବା ପର୍ଯ୍ୟନ୍ତ ଶିଶୁକୁ କିପରି ବ୍ୟବହାର କରାଯିବ ତାର ତଥ୍ୟ ସବୁ କିପରି ଗୋପନୀୟ ରଖାଯିବ ମାନସିକ ଅନୁଧାନ ପାଇଁ ତାକୁ କିପରି କାଉସିଲିଟ୍' କରାଯିବ, ଷ୍ଟେଟ୍ ମେଷ୍ଟ ରେକର୍ଡିଙ୍ଗ୍ ବେଳେ ପୋଲିସ୍ କେଉଁ ଦିଗକୁ ଅନୁଧାନ ଦେବେ, ସ୍ୱତନ୍ତ୍ର କୋର୍ଟର ଭୂମିକା କଣ ରହିବ ଏହି ସବୁ ବ୍ୟବସ୍ଥା ରହିଛି । ବୋଲି ମଂଚାସିନ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ତଥା ଜିଲ୍ଲା ଜଜ୍ ଶ୍ରୀ ସୌମେନ୍ଦ୍ର କୁମାର ରାଜଗୁରୁ, ଏବଂ ସ୍ୱତନ୍ତ୍ର ଭିଜିଲାନସ୍ ହତ୍ ଶ୍ରୀ ରାଜେଶ୍ ଏକା, ପରିବାର ଅଦାଲତ ବିଚାରପତି ଡଃ, ପବିତ୍ର ମୋହନ ସାମଲ, ଅତିରିକ୍ତ ଜିଲ୍ଲାଜଜ୍ ଶ୍ରୀ ରାଜେଶ ନାୟାରୁ, ଅତିରିକ୍ତ ଜିଲ୍ଲାଜତ୍ ତଥା ଫାଷ୍ଟ ଟ୍ରାକ ପୋକ୍ସକୋର୍ଟ ପିଚାରପତି ଶ୍ରୀ ପ୍ରଦୀପ ସାସମଲ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଶ୍ରୀ ଶୁଭଗୌତମ ମିଶ୍ର, ଏବଂ ସ୍ପେସିଆଲ ପି.ପି ଡଃ ଗାୟତ୍ରୀ ଦେବୀ, ଏବଂ ସିଟି ହାଇ ସ୍କୁଲର ସଭାପତି ତଥା ଆଇନ୍ ଜୀବି ଶ୍ରୀ ବିରେଶ୍ ପଟ୍ଟନାୟକ, ପ୍ରଧାନଶିକ୍ଷୟତ୍ରୀ ଶ୍ରୀମତା ବି.ସୁଜତା, ମ୍ୟାନେଜିଙ୍ଗ କମିଟ ନିର୍ଦ୍ଦେଶକ, ଶ୍ରୀ ଶଶି ପଟ୍ଟନାୟକ, ଶିକ୍ଷକ ଶ୍ରୀ ପ୍ରତାପ କୁମାର ପଟ୍ଟନାୟକ, ଉପସ୍ଥିତ ଥିବା ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ ମାନଙ୍କୁ ସୂଚାଇ ଥିଲେ ।

# ଝାଡ଼େଶ୍ୱର ମନ୍ଦିର ବିଶ୍ୱ ଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ଘସିପୁରା ,୧୮/୨ (ନି.ପ୍ର): ସ୍ଥାନୀୟ ଝାଡେଶ୍ୱର ମହେଶ ବିଜେ ମୁରାବାଲି ରେ ବିଶ୍ୱ ଶାନ୍ତି ମହାଯଜ୍ଞ ଉଦଯାପିତ ହୋଇଯାଇଛି । ଝାଡେଶ୍ୱର ମନ୍ଦିର କୋଠ ତହସିଲଦାର ପିପମ୍ବର ସାଙ୍କ ସଂଯୋଜନା ରେ ଆୟୋଜିତ ଏହି ବିଶ୍ୱ ଶାନ୍ତି ମହାଯଜ୍ଞ ରେ ଅତିଥି ଭାବେ ପ୍ରଭାତ କୁମାର ପଣ୍ଡା, ରାମଚନ୍ଦ୍ର ସାହୁ, ଅନ୍ତର୍ଯ୍ୟାମୀ ଦାସ୍, ଯୋଗ ଦେଇଥିବା ବେଳେ ରାମଚରିତ ମାନସ ର ପ୍ରବକ୍ତା ଅମୃତ ମଣେହି ପାଣିଗ୍ରାହୀ ଯୋଗ ଦେଇ ଝାଡେଶ୍ୱର ବିଶ୍ୱ ଶାନ୍ତି ମହାଯଜ୍ଞ କାର୍ଯ୍ୟ ପରିଚାଳନା କରିବା ଦାଇତ୍ୱନେଇଥିବା ବେଳେ ଆଜି ଏହି ଉଦଯାପନି ଉତ୍ସବରେ ୫୦୦୦ ରୁ ଉର୍ଦ୍ଧ ଭକ୍ତଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା । ଏହି କାର୍ଯ୍ୟକ୍ରମକୁ ଝାଡ଼େଶ୍ୱର ମନ୍ଦିର ବାବା ପ୍ରଫୁଲ ଦାସ , ପୂଜକ କୃଷ୍ଣ ଶତପଥୀ, କୈଳାସ ଦାସ୍, ସୁଜାମ ଚରଣ ପଣ୍ଡା ସହିତ ହରି ନାମ ସଂ କିର୍ତନ ଦ୍ୱାର ବିଶ୍ୱ ଶାନ୍ତି ମହାଯଜ୍ଞ କାର୍ଯ୍ୟ ହୋମ ରିତିନିତିରେ ସଂପର୍ଣ୍ଣ ହେବାସହ ଯଜ୍ଞ ଚରୁ ବଂଟନ ହୋଇଥିଲା ।କମିଟି ର , ଫଗୁଚରଣ ସାହୁ.ନାରାୟଣ ସାହୁ ଚିନ୍ତାମଣି ସାହୁ ,ରଘୁନାଥ ପାଢୀ, ଟିପୁନସାହୁ, ଚୁକୁନ ସା .ନିରଞ୍ଜନ ସାହୁ , ପପୁ ପଢିଆ ରୀ ପପୁ ଦେହୁରୀ, ମହନ୍ତ ପ୍ରଫୁଲ ବାବା , କୃଷ୍ଣ ଚନ୍ଦ୍ର ଶତପଥି, କୈଳାସ ମିଶ୍ର, ଉଦୟନାଥ ପଣ୍ଡା, ମୁନା ପଣ୍ଡା, ଅନ୍ତର୍ଯ୍ୟାମୀ ଦାଶ, ସୁଜାମ ଚରଣ ପଣ୍ଡା ନାରାୟଣ ସାହୁ, ବିଶ୍ୱନାଥ ସାହୁ, ଗୌରାଙ୍ଗ ଚରଣ ପାତ୍ର, ଭାଗିରଥୀ ସାହୁ, ଫଗୁ ଦେହୁରୀ, ଙ୍କ ସହିତ ଅନେକ ଗ୍ରାମବାସୀ ଉପସ୍ଥିତ ରହି ଝାଡ଼େଶ୍ୱର ମନ୍ଦିର ବିଶ୍ୱ ଶାନ୍ତି ମହାଯଜ୍ଞ କୁ ପରିଚାଳନା କରିଥିଲେ ।

# ଦୁର୍ନୀତି ମୁକ୍ତ ଜିଲ୍ଲା ପରିଷଦ ଗଠନ ପାଇଁ କଂଗ୍ରେସକୁ ଭୋଟ ଦିଅନ୍ତୁ: ନରସିଂହ

ବଲାଙ୍ଗିର,୧୮/୨ (ନି.ପ୍ର): ଗାଁରେ ପର୍ଯ୍ୟାପ୍ତ ପାନୀୟ ଜଳ, ଜମିକୁ ଜଳସେଚନ, ଉତ୍ତମ ସ୍ୱାସ୍ଥ୍ୟସେବା, ଉତ୍ତମ ଶିକ୍ଷା ଉପଲବଧ କରିବାକୁ ହିଁ ସାଧାରଣତଃ ଅଂଚଳର ବିକାଶ କୁହାଯାଏ । କିନ୍ତୁ ଅନେକ ସମୟରେ ଦେଖାଯାଇଛି ଯେ ଦୁର୍ନିତିଖୋର ରାଜନେତା ଓ ଅପାରଗ ଅଧିକାରୀଙ୍କ ଅବହେଳା ଯୋଗୁଁ ଲୋକେ ତାଙ୍କର ଅଧିକାର ପାଇ ପାରୁ ନାହାନ୍ତି । ତେଣୁ ଆମର ଲକ୍ଷ ଏକ ଦୁର୍ନିତିମୁକ୍ତ ଜିଲ୍ଲାପରିଷଦ ଗଠନ । ସେଥିପାଇଁ କଂଗ୍ରେସ ଦଳ ଏକ ଦକ୍ଷ ପ୍ରାର୍ଥିନୀ କବିତା ଭୋଇଙ୍କୁ ଜିଲ୍ଲା ପରିଷଦ ଜୋନ ନଂ ୧୨ରେ ପ୍ରାର୍ଥି ଭାବେ ଛିଡା କରିଛି । ଆମର ଦୃଢ ବିଶ୍ୱାସ ଆପଣମାନେ ହାତ ଚିହ୍ନରେ ଭୋଟ ଦେଇ ଏକ ଦୁର୍ନିତି ମୁକ୍ତ ଜିଲ୍ଲା ପରିଷଦ ଗଠନରେ ସହାୟକ ହେବେ ବୋଲି ଆଜି ଦେଓଗାଁ ବ୍ଲକରେ କବିତା ଭୋଇଙ୍କ ପାଇଁ ନିର୍ବାଚନ ପ୍ରଚାର ସମୟରେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର କହିଛନ୍ତି । ଦେଓଗାଁ ବ୍ଲକ ଜୋନ ୧୨ ଅନ୍ତର୍ଗତ ସାରସମାଲ, ଲଛଣ୍ଡାପଦର, ଧଣ୍ଡାମାଲ, ବ୍ରାହ୍ମନୀଯୋର, ବନ୍ଧପଡା ଓ ଦେଷଣ୍ଟ ପଞ୍ଚାୟତର ବିଭୀନ୍ନ ସ୍ଥାନରେ ନିର୍ବାଚନ ପ୍ରଚାର ବେଳେ ଶ୍ରୀ ମିଶ୍ର ଆହୁରି କହିଛନ୍ତି ଯେ, ବର୍ତ୍ତମାନ ଦେଓଗାଁ ବ୍ଲକ ଦୁର୍ନିତି ର ଗାନ୍ତାଘର ପାଲଟିଛି । ଏଥିରୁ ମୁକୁଳିବାକୁ ହେଲେ ସ୍ୱଚ୍ଛ, ନିର୍ମଳ ଓ ମହିଳାଉ ଶାସକିକରଣର ପ୍ରତିକ କବିତା ଭୋଇଙ୍କୁ ହାତ ଚିହ୍ନରେ ବହୁଳ ପରିମାଣରେ ମତଦାନ କରି ବିଜୟୀ କରନ୍ତୁ । କଂଗ୍ରେସ ଦଳ ନିର୍ଶ୍ଚିତ ଭାବରେ ଗାଁ ଓ ଅଂଚଳର ବିକାଶକୁ ଦୁର୍ନିତିମୁକ୍ତ କରିବାକୁ ପ୍ରାଥମିକତା ଦେବ । ଆଜିର ନିର୍ବାଚନୀ ସଭାମାନଙ୍କରେ ବ୍ଲକ କଂଗ୍ରେସ ସଭାପତି ରାମଜୀ ଚୌଧୁରି, ଜମୁନା ବଗର୍ତ୍ତି, ସାନ୍ତନୁ ଭୋଇ, ପ୍ରମୋଦ ମିଶ୍ର, ଚୈତନ୍ୟ କାଲସାଏ, ଛାୟାକାନ୍ତ ପୋଢ ଓ ଦାଶ ମନହୀରା ପ୍ରମୂଖ ଉପସ୍ଥିତ ଥିଲେ ।

# ଖୁରିପାଣି ଗ୍ରାମରେ ପାନୀୟ ଜଳ ପାଇଁ ଭୋଟ ବର୍ଜନ କଲେ ୭୩ ପରିବାର

ବଲାଙ୍ଗିର,୧୮/୨ (ନି.ପ୍ର): ପୂର୍ବରୁ ଜିଲା ଉପଖଣ୍ଡ ଓ ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇ ଗ୍ରାମର ପାନୀୟ ଜଳ ସମସ୍ୟା ନେଇ ଦାବି ଉପସ୍ଥାପନ କରିଥିବା ସତ୍ୱେ ସମସ୍ୟା ସମାଧାନର ବ୍ୟବସ୍ଥା ହୋଇନଥିବାରୁ ଗତକାଲି ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟ ଭୋଟ ଦାନରୁ ବିରତ ରହିଛନ୍ତି ଗ୍ରାମର ସବୁ ପରିବାର । ଗତକାଲି ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ଲରମ୍ଭା ପଚାଂୟତ ଖୁରିପାଣି ଗାଁରେ ପାନୀୟ ଜଳ ସମସ୍ୟା ନେଇ ଗାଁର ୭୩ଟି ପରିବାର ଭୋଟ ବର୍ଜନ କରିଥିବା ଜଣାପଡ଼ିଛି । ଅଭିଯୋଗ ଅନୁଯାୟୀ, ଫ୍ଲୋରାଇଡ ମିଶ୍ରିତ ପାନୀୟ ଜଳ ପିଇ ଗାଁର ଅନେକ ଲୋକେ କିଡନୀ ରୋଗରେ ପ୍ରାଣ ହରାଇଛନ୍ତି । ଏପରିକି ବର୍ତମାନ ଗାଁର ୨୨ ଜଣ ଲୋକ କିଡନୀ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି । ପାନୀୟ ଜଳ ସମସ୍ୟା ନେଇ ଗ୍ରାମବାସୀ ଦୀର୍ଘ ଦିନରୁ ପ୍ରଶାସନ ଓ ନେତା ମନ୍ତ୍ରୀଙ୍କୁ ଜଣାଇ ଆସୁଥିଲେ ମଧ କେହି ବି ସମସ୍ୟାର ସମାଧାନ ପାଇଁ ଦୃଷ୍ଟି ଦେଲେନି । ଏଣୁ ଏହାର ପ୍ରତିବାଦରେ ଗାଁର ୭୩ଟି ପରିବାର ଭୋଟ ବର୍ଜନ କରିଥିବା ଜଣାପଡ଼ିଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଡ. ପୁଷ୍ପାଞ୍ଜଳି ପଣ୍ଡା ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପାଇଁ ଯାଇ ଚେଷ୍ଟା କରିଥିଲେ ବି କିଛି ସୁଫଳ ମିଳିନଥିଲା । ଗ୍ରାମବାସୀ ନିଜ ଜିଦ୍ ରେ ଅଟଳ ରହି ଭୋଟ୍ ଦେବାକୁ ଯାଇ ନଥିଲେ ।

# ରାଜବୀରର ସୁସ୍ଥ ନିମନ୍ତେ ସାହାଯ୍ୟର ଭିକ୍ଷା କଲେ ସମାଜସେବୀ

ଘସିପୁରା ,୧୮/୨ (ନି.ପ୍ର): ରାଜବୀରର ସୁସ୍ଥ ନିମନ୍ତେ କିଛି ସମାଜସେବୀ ସାହାଯ୍ୟ ଭିକ୍ଷା କରିଥିବାଜଣାପଡ଼ିଛି । ସୂଚନାରୁ ଜଣାଯା ଏ କୋମଳ ମତି ଶିଶୁ ରାଜବୀର ଦୀର୍ଘଦିନଧରି ଅର୍ଥ ଅଭାବରୁ ସୁସ୍ଥ ହୋଇପାରୁନାହିଁ ତାଙ୍କର ଆରୋଗ୍ୟ କାମନା କରି ମା ତାରିଣୀ ଚାରିଟେବୁଲ ଟ୍ରଷ୍ଟ , ଆନନ୍ଦପୁରର ସଦସ୍ୟମାନେ ସହଯୋଗର ଭିକ୍ଷା କାମନା କରିଛନ୍ତି । ଏଥି ସହିତ ରାମଚନ୍ଦ୍ରପୁରସ୍ଥିତ ନୂଆଗାଁ ଗ୍ରାମର ଯୁବକମାନେ ନିଜ ଗ୍ରାମ ପରିସରରୁ ସହଯୋଗ ଲୋଡ଼ିବା ସହିତ ବଜାର ପରିସରରେ ବୁଲି ବୁଲି ରାଜବୀରର ଆରୋଗ୍ୟ ନିମନ୍ତେ ଭିକ୍ଷା ଗ୍ରହଣ କରିଛନ୍ତି । ଏହି ପରିପ୍ରେକ୍ଷୀରେ ମା ତାରିଣୀ ଚାରିଟେବୁଲ ଟ୍ରଷ୍ଟ ଏତାଦୃଶ କାମପାଇଁ ଆନନ୍ଦପୁରର ବୁଦ୍ଧିଜୀବୀ ମାନେ ସମାଜସେବୀ ମାନଙ୍କୁ ଧନ୍ୟବାଦ ମଧ ଦେଇଛନ୍ତି ।

## ମୋବାଇଲ୍ ଚୋରି ଅଭିଯୋଗରେ ଯୁବକ ଗିରଫ

ପୁରୀ,୧୮/୨ (ନି.ପ୍ର): ଗତକାଲି ସକାଳେ ବିମାନବନ୍ଦରୁ ସାହିର ବଳରାମ ଦାଶ ଲକ୍ଷ୍ମୀବଜାର ଗଡ଼ନ୍ତି ଛକରେ ପରିବା କିଣୁଥିବା ବେଳେ ଜଣେ ଯୁବକ ତାଙ୍କ ମୋବାଇଲ୍ ଚୋରିକରି ନେଇ ପଳାଉଥିଲା । ଏହି ସମୟରେ ବଳରାମ ଜୋରରେ ପାଟି କରିବାରୁ ନିକଟରେ ଥିବା ପୋଲିସ ସମ୍ପୃକ୍ତ ଯୁବକକୁ ଦୌଡି ପଳାଉଥିବା ବେଳେ ଧରିଥିଲା । ପୋଲିସ ତା ନିକଟରୁ ମୋବାଇଲଟିକୁ ଜବତ କରିବା ସହ ବଳାରାମଙ୍କ ଜିମା ଦେଇଥିଲେ । ଏ ସମ୍ପର୍କରେ ସିଂହଦ୍ୱାର ଥାନାରେ ୯/୨୨ ରେ ଏକ ମାମଲା ରୁଜୁ ହୋଇଛି । ଅଭିଯୁକ୍ତ ଯୁବକ ଝାଡ଼ଖଣ୍ଡ ସାହେବଗଞ୍ଜ, ତିନି ପ୍ରହରା, ରାମପୁରର କମାଣ୍ଡୋ କୁମାର (୧୯)କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି ।

# ଧର୍ମଶାଳା ବ୍ଲକରେ ନିର୍ବାଚନୀ ହିଂସା ଘଟଣା : ୧୨ ଅଭିଯୁକ୍ତ ଗିରଫ

ଧର୍ମଶାଳା,୧୮/୨ (ନି.ପ୍ର): ବୁଧବାର ଦିନ ଯାଜପୁର ଜିଲାରେ ପ୍ରଥମ ସ୍ତରୀୟ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ତେବେ ଏହି ନିର୍ବାଚନ ସମୟରେ ଅନେକ ସ୍ଥାନରେ ଛୋଟବଡ ହିଂସା ଘଟି ଯାଇଛି । ତେବେ ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅରାବଳ ପଂଚାୟତସ୍ଥ ନାଳକୂଳସ୍ଥିତ ପ୍ରାଥମିକ ବିଦ୍ୟାଳୟ ୮ ନମ୍ବର ବୁଥ୍ ଓ ଦେଓଦା ପଂଚାୟତସ୍ଥ ଚଇନିହୁଡା ଗ୍ରାମ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ୬ ଓ ୭ ନମ୍ବର ବୁଥିରେ ବୁଥ୍ ଜବର ଦଖଲ ହୋଇ ଗଣ୍ଡଗୋଳ ଘଟି ମତଦାନ ବନ୍ଦ ରହିଥିଲା । ଏହି ୩ଟି ବୁଥିରେ ପୁନଃ ମତଦାନ ହେବ ବୋଲି ଜଣାପଡିଛି । ଅସାମାଜିକ ବ୍ୟକ୍ତିମାନେ ପ୍ରିଜାଇଡିଂ ଅଫିସର ଓ ସୁରକ୍ଷା କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ । ଯାହାକୁ ନେଇ ଧର୍ମଶାଳା ଥାନାରେ ଅଭିଯୋଗ ହୋଇଥିଲା । ଯାହାକୁ ନେଇ ଘଟଣା ଘଟିବାର ୪ ଘଂଟା ପରେ ଧର୍ମଶାଳା ପୁଲିସ ଏହି ଘଟଣାରେ ସମ୍ପୃକ୍ତ ୧୨ ଜଣଙ୍କୁ ଗିରଫ କରିବା ସହ ଆଜି ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଏହି ଘଟଣାର ମାଷ୍ଟର ମାଇଁଣ୍ଡକୁ ଖୋଜୁଥିବା ନେଇ ଧର୍ମଶାଳା ଥାନା ଅଧିକାରୀ ରାକେଶ ତ୍ରିପାଠୀ ସୂଚନା ଦେଇଛନ୍ତି । ତେବେ ଅରାବଳ ପଂଚାୟତରେ ଘଟିଥିବା ହିଂସା ଘଟଣାରେ ତଦନ୍ତ ଜାରି ରହିଥିବା ନେଇ ଥାନା ଅଧିକାରୀ ଶ୍ରୀ ତ୍ରିପାଠୀ ପ୍ରକାଶ କରିଛନ୍ତି ।

# ତ୍ରିସ୍ତରୀୟ ପଚାଂୟତ ନିର୍ବାଚନରେ ଆଚରଣବିଧି ଉଲ୍ଲଙ୍ଘନ

## ଅସାମ୍ବିଧାନିକ ଓ ଅଗଣତାନ୍ତ୍ରିକ କାର୍ଯ୍ୟକଳାପ ନେଇ ବିଜେପିର ଅଭିଯୋଗ

ସମ୍ବଲପୁର,୧୮/୨ (ନି.ପ୍ର): ବର୍ତମାନ ରାଜ୍ୟରେ ଚାଲିଛି ତ୍ରିସ୍ତରୀୟ ପଚାଂୟତ ନିର୍ବାଚନ - ୨୦୨୨ । ନିର୍ବାଚନକୁ ଅବାଧରେ, ନିରପେକ୍ଷତାର ସହିତ ସୁନିୟୋଜିତ ଭାବରେ ସମ୍ପନ୍ନ କରିବା ପାଇଁ ରହିଛି ନିର୍ବାଚନ ଆଚରଣ ବିଧି ବ୍ୟବସ୍ଥା । ଏହି ନିର୍ବାଚନ ଆଚରଣ ବିଧି ବ୍ୟବସ୍ଥାରେ ରାଜନୈତିକ ଦଳ, ନିର୍ବାଚନ ଲଢୁଥିବା ପ୍ରାର୍ଥୀ, ତାଙ୍କ ସମର୍ଥକଙ୍କ ପାଇଁ ବିବିଧ ନିୟମାବଳି, ସର୍ତାବଳୀ ଓ ମାର୍ଗଦର୍ଶନ ରହିଥିବା ବେଳେ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ମଧ ରହିଛି ବିଶେଷ ଆଦେଶ, ନିର୍ଦ୍ଦେଶ ଓ ମାର୍ଗଦର୍ଶନ । ସମସ୍ତ ଆଚରଣ ବିଧିକୁ ପାଳନ କରି ଗଣତାନ୍ତ୍ରିକ ବ୍ୟବସ୍ଥାକୁ ମଜବୁତ ଓ ସକ୍ରିୟ କରି ଗଣତନ୍ତ୍ରକୁ ରକ୍ଷା କରିବା ପ୍ରତ୍ୟେକ ନାଗରିକଙ୍କର ସର୍ବପ୍ରଥମ କର୍ତବ୍ୟ ଓ ଦାୟିତ୍ୱ । କିନ୍ତୁ, ଆମ ଜିଲ୍ଲା ସମ୍ବଲପୁରରେ ନିର୍ବାଚନ ପ୍ରଚାର ଓ ନିର୍ବାଚନ କେନ୍ଦ୍ରରେ ତାହାର ତ୍ରୁଟି ବିଚ୍ୟୁତି ଦେଖିବାକୁ ମିଳିଛି । ଜିଲ୍ଲାର ଅନେକ ସରକାରୀ ଅଧିକାରୀ ଓ କର୍ମଚାରୀ ରାଜ୍ୟରେ ଶାସନ କରୁଥିବା ବିଜେଡି ଦଳକୁ ସୁହାଇଲା ଭଳି ଅନେକ ଅନୈତିକ କାର୍ଯ୍ୟ କରିଛନ୍ତି । ଅର୍ଥ ଲାଳସାରେ ସରକାରକୁ ଖୁସ୍ କରି ତଥା ବେନିୟମ ଫାଇଦା ଉଠାଇବା ପାଇଁ ଅସାମ୍ବିଧାନିକ କାର୍ଯ୍ୟମାନ କରିଛନ୍ତି । ଯାହାର ଅଭିଯୋଗ ମାନ ବିଭିନ୍ନ ସ୍ଥାନରେ ବିଭିନ୍ନ ସମୟରେ ହୋଇଆସିଛି । ସେଭଳି ଘଟଣା ଗୁଡିକର ସୂଚନା ବିଭିନ୍ନ ଖବରକାଗଜ ଓ ବୈଦ୍ୟୁତିକ ଗଣମାଧମ ସଙ୍ଗେ ସଙ୍ଗେ ସାମାଜିକ ଗଣମାଧମରେ ମଧ ପ୍ରକାଶିତ ଓ ପ୍ରସାରଣ ହୋଇସାରିଛି । ଯେଉଁ ସରକାରୀ ଅଧିକାରୀ ଓ କର୍ମଚାରୀ ମାନେ ଏଭଳି ବେନିୟମ ଓ ଅସାମ୍ବିଧାନିକ କାର୍ଯ୍ୟରେ ଲିପ୍ତ ରହିଛନ୍ତି ତାଙ୍କ ବିରୁଦ୍ଧରେ ନିର୍ବାଚନ ଆଚରଣ ବିଧି ବା ନିର୍ଦ୍ଦେଶକୁ ଖିଲାପକାରୀ ସମସ୍ତ ନିୟମ ମୁତାବକ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ଗତକାଲି ଚଳିତ ତ୍ରିସ୍ତରୀୟ ପଚାଂୟତ ନିର୍ବାଚନ - ୨୦୨୨ ର ପ୍ରଥମ ପର୍ଯ୍ୟାୟର ଭୋଟ୍ ଗ୍ରହଣ ସମ୍ପନ୍ନ ହୋଇଛି । ନିର୍ବାଚନରେ ମତଦାନ ସମାପ୍ତ ହେଲା ପରେ ଭୋଟ ବାକ୍ସ ସିଲ୍ ହେଲା ପରେ ପୋଲିଙ୍ଗ ଏଜେଣ୍ଟକୁ ଯେଉଁ ଫର୍ମ-୧୧ ପ୍ରଦାନ କରାଯିବାର କଥା ତାହା କରାଯାଇ ନାହିଁ । ବୁଥ୍ ର ସେଦିନର ସମସ୍ତ ନିର୍ବାଚନୀ ବିବରଣୀ ରହିଥିବା ଏହି ଦସ୍ତାବିଜଟି ପୋଲିଙ୍ଗ ଅଧିକାରୀ ସମସ୍ତ ପୋଲିଙ୍ଗ ଏଜେଣ୍ଟକୁ ହସ୍ତାନ୍ତର କରିବାର ନିୟମ ରହିଛି । କିନ୍ତୁ, ଗତକାଲି ଜିଲ୍ଲାର ଅନେକ ପୋଲିଙ୍ଗ ବୁଥରେ ପୋଲିଙ୍ଗ ଅଧିକାରୀମାନେ ପୋଲିଙ୍ଗ ଏଜେଂଟ ମାନଙ୍କୁ ଏହି ଫର୍ମ-୧୧ ଦେଇ ନାହାଁନ୍ତି । ଯାହାଦ୍ୱାରା କି, ପୋଲିଙ୍ଗ ବୁଥରେ ହୋଇଥିବା ମତଦାନର ବିବରଣୀ ଆମ ପାଖରେ ନାହିଁ । ତେଣୁ, ଭୋଟ ଗଣତି ସମୟରେ ପ୍ରକୃତ ମତଦାନର ସ୍ଥିତି ଓ ଗଣତିର ସ୍ଥିତିରେ ଅନ୍ତର ରହିଲେ ଆମେ ତାକୁ ଚ୍ୟାଲେଞ୍ଜ ବା ବିରୋଧ କରି ପାରିବୁ ନାହିଁ । ଏଣୁ ଯେଉଁ ପୋଲିଙ୍ଗ ଅଧିକାରୀ ମାନେ ରହି ନିୟମ ଉଲ୍ଲଂଘନ କରିଛନ୍ତି ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସଙ୍ଗେ ସଙ୍ଗେ ଆଗାମୀ ଚାରିଗୋଟି ପର୍ଯ୍ୟାୟରେ ହେବାକୁ ଥିବା ମତଦାନ ସମୟରେ ଯେମିତି ଏ ଭୁଲ୍ କୁ ଦୋହରା ନଯାଏ ସେଥିପାଇଁ କଡ଼ା ସରକାରୀ ନିର୍ଦ୍ଦେଶ ଜାରି କରାଯାଉ । ଜିଲ୍ଲାରେ ଯେଉଁ ଯେଉଁ ସ୍ଥାନରେ ଭୋଟ ବାକ୍ସ ରଖାଯାଇଛି ଅର୍ଥାତ ଷ୍ଟ୍ରଙ୍ଗରୁମ ଗୁଡିକର ସୁରକ୍ଷା ପ୍ରତି ବିଶେଷ ଦୃଷ୍ଟି ଦିଆଯାଉ । ଷ୍ଟ୍ରଙ୍ଗ ରୁମ ଗୁଡିକର ସୁରକ୍ଷା ବ୍ୟବସ୍ଥାର ଗୁରୁଦାୟିତ୍ୱରେ ରାଜ୍ୟ ପୋଲିସ ସଙ୍ଗେ ସଙ୍ଗେ କେନ୍ଦ୍ରୀୟ ସୁରକ୍ଷା ବଳ ବା ଅର୍ଦ୍ଧ ବେସାମରିକ ବାହିନୀଙ୍କୁ ମଧ ନିୟୋଜିତ କରାଯାଉ । ଉପରୋକ୍ତ ବିଷୟ, ଅଭିଯୋଗ ଓ ଦାବୀ ଗୁଡିକୁ ଗୁରୁତ୍ୱ ସହକାରେ ଗ୍ରହଣ କରି ସେଗୁଡିକ ଉପରେ ଶୀଘ୍ର ଓ ସ୍ଥାୟୀ ପଦକ୍ଷେପ ଗ୍ରହଣ କରିବାକୁ ଆମେ ଦାବି କରୁଛୁ ବୋଲି ବିଜେପିର ଏକ ପ୍ରତନିଧି ମଣ୍ଡଳୀ ଜିଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ମାଧମରେ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲା ବିଜେପି ସଭାପତି ଗିରିଷ ପଟେଲଙ୍କ ନେତୃତ୍ୱରେ ଜିଲ୍ଲା ସାଧାରଣ ସମ୍ପାଦକ ଅନିଲ ବେହେରା, କ୍ଷେତ୍ରିୟ ପ୍ରବକ୍ତା ତଥା ଗଣମାଧମ ସଂଯୋଜକ ମାନସ ରଞ୍ଜନ ବକ୍ସି, ଜିଲ୍ଲା ଉପସଭାପତି ଫଣି ଭୂଷଣ ମିଶ୍ର, କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ସମୀର ରଞ୍ଜନ ବାବୁ, କର୍ଣ୍ଣେଲ ପ୍ରଭାତ ପଣ୍ଡା, ଇଂ. ପ୍ରଭୁଦତ ପଣ୍ଡା, ସରୋଜ କୁମାର ଘଡାଇ, ପ୍ରଦୀପ କୁମାର ସୁପକାର, ପ୍ରଦୀପ କୁମାର ବେହେରା, ଶିବ ଦିଓ୍ୱାନ, କାହ୍ନୁରାମ ଶର୍ମା, ସୌମିତ୍ର ଜତି, ସନ୍ତୋଷ ଡାଲୁଆ, ଅଭିଷେକ ମିଶ୍ର, ହାସିମ ରାଜା, ପ୍ରଭାତ ଶ୍ରୀବାସ, ଟୁକୁ ମହାନ୍ତି ପ୍ରମୁଖ ସାମିଲ ଥିଲେ ।









# ମହଲ ଓ ବଗିଚାର ସହର

କପୁରଥଲା ହେଉଛି ପଂଜାବର କପୁରଥଲା ଜିଲ୍ଲା ଅର୍ନ୍ତଗତ ଏକ ପ୍ରମୁଖ ସହର । ଏଠାକାର ପରିବେଶ ଯେତିକି ଶାନ୍ତ ସେତିକି ପରିଷ୍କାର ବି । ତା' ଛଡ଼ା ଏଠାରେ ରହିଛି ଅନେକ ଐତିହାସିକ ମହଲ ତଥା ବଗିଚା । ଖାସ୍ ସେଥିପାଇଁ ଅନେକେ କପୁରଥଲାକୁ ମହଲ ଓ ବଗିଚାର ସହର ବୋଲି ମଧ୍ୟ ସମ୍ବୋଧନ କରିଥାନ୍ତି । ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ, ଏହି ସହରର ନାମକରଣ ରାଣା କପୁରଙ୍କ ନାମାନୁସାରେ କରାଯାଇଛି, ଯିଏ କି ଜୟସଲମେର୍‌ରେ ରହୁଥିବା ରାଜପରିବାରର ଜଣେ ବଂଶଜ ଥିଲେ । ଆଉ ତାଙ୍କରି ଦ୍ୱାରା ହିଁ ଏହି ସହର ଲୋକଲୋଚନକୁ ଆସିଥିଲା ।

### ପଂଚ ମନ୍ଦିର:

ଐତିହାସିକ ମହତ୍ତ୍ୱ ରଖୁଥିବା ଏହି ମନ୍ଦିର ପରିସରରେ ଛୋଟ ଛୋଟ ପାଂଚଟି ମନ୍ଦିର ଦେଖିବାକୁ ମିଳେ । ଖାସ୍ କଥା ହେଲା ଏହି ପାଂଚଟି ମନ୍ଦିରର ନିର୍ମାଣ ଏପରି ହୋଇଛି, ଯଦ୍ୱାରା ଭକ୍ତ ଚାହିଁଲେ ମନ୍ଦିରର ପ୍ରବେଶ ଦ୍ୱାର ପାଖେ ଠିଆ ହୋଇ ସେହିଠାରୁ ହିଁ ଉକ୍ତ ପାଚଂଟି ମନ୍ଦିରର ଦେବଦେବୀଙ୍କୁ ଦର୍ଶନ କରିପାରିବେ ।



### ସୈନିକ ସ୍କୁଲ:

ଏହା ପ୍ରଥମେ ଜଗତଜିତ୍ ମହଲ ନାଁରେ ଜଣାଯାଉଥିଲା । ଏଠାରେ କପୁରଥଲାରେ ଶାସନ କରୁଥିବା ପୂର୍ବ ମହାରାଜା ଜଗତଜିତ୍ ସିଂ ରହୁଥିଲେ । ପ୍ରାୟ ୨୦୦ ଏକର ପରିସୀମାବ୍ୟାପ୍ତ ଅଂଚଳ ଉପରେ ଗଢ଼ି ଉଠିଥିବା ଏହି ମହଲର ବାସ୍ତୁକଳା ଖୁବ୍ ଆକର୍ଷଣୀୟ । ଖାସକରି ଏହାର ଦରବାର ହଲ୍ ଦର୍ଶକଙ୍କର ମନ ମୋହିନିଏ । ବ ର୍ମାନ ଏହା ସୈନିକ ସ୍କୁଲ ନାମରେ ପରିଚିତ ହେଉଥିଲେ ହେଁ, ଏହାର ଆକର୍ଷଣୀୟ ଏବେ ବି ସେମିତି ଅକ୍ଷୁର୍ଣ୍ଣ ହୋଇ ରହିଛି ।

### କେବେ ଓ କେମିତି ଯିବେ

କପୁଥଲାକୁ ବର୍ଷର ଯେ କୌଣସି ସମୟରେ ବୁଲିଯିବାର ସୁବିଧା ଥିଲେ ହେଁ ସ୍ଥାନୀୟ ପାଣିପାଗ ସୂଚନା କେନ୍ଦ୍ରର ମତାନୁଯାୟୀ, ମାର୍ଚ୍ଚରୁ ଅକ୍ଟୋବର ହେଉଛି ଏଠାକୁ ଭ୍ରମଣରେ ଯିବାର ସବୁଠୁ ଭଲ ସମୟ । କାରଣ ଏହି ସମୟରେ ଏଠାକାର ଜଳବାୟୁ ବେଶ୍ ଆରାମଦାୟକ ଥାଏ । ସେହିପରି ଗମନାଗମନର ମଧ୍ୟ ଭଲ ସୁବିଧା ରହିଛି ଏଠାରେ । ଅମୃତସରସ୍ଥିତ ବିମାନବନ୍ଦର ହେଉଛି ଏଠାକାର ନିକଟତମ ବିମାନବନ୍ଦର, ଯାହା କପୁରଥଲା ସହରଠାରୁ ପ୍ରାୟ ୬୨ କି.ମି ଦୂରରେ ଅବସ୍ଥିତ । ଅନ୍ୟପକ୍ଷେ ଟ୍ରେନ୍ ଓ ବସ୍ ଯୋଗେ ବି ଏଠାକୁ ଯିବାର ସୁବ୍ୟବସ୍ଥା ରହିଛି ।

### କଣ ଦେଖିବେ

ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ କପୁରଥଲାରେ ରହିଛି ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ । ଯେମିତିକି ସୈନିକ ସ୍କୁଲ, ମୁରିଶ ମସ୍‌ଜିଦ୍, ଜଗତଜିଦ୍ କ୍ଲବ, ପଂଚ ମନ୍ଦିର, ଗୁରୁଦ୍ୱାର ବେର ସାହିବ ଇତ୍ୟାଦି...

### ମୁରିଶ ମସଜିଦ୍:

ଏହି ମସଜିଦକୁ ବି ମହାରାଜା ଜଗତଜିତ୍ ସିଂ ନିର୍ମାଣ କରାଇଥିଲେ । ଏହାକୁ ତିଆରି କରିବାପାଇଁ ପ୍ରାୟ ୧୩ ବର୍ଷ ସମୟ ଲାଗିଯାଇଥିଲା । ଆକର୍ଷଣୀୟ କାରୁକାର୍ଯ୍ୟଭରା ଏହି ମସଜିଦକୁ ନିର୍ମାଣ କରିବାର ଦାୟିତ୍ୱ ଜଣେ ଫ୍ରେଂଚ ବାସ୍ତୁକାର ନେଇଥିଲେ ।

### ଜଗତ୍‌ଜିତ୍ କ୍ଲବ:

ଏହା କପୁରଥଲା ସହରର ମଧ୍ୟବର୍ତ୍ତୀ ଅଂଚଳରେ ଗଢ଼ି ଉଠିଥିବା ଏକ ଆକର୍ଷଣୀୟ ଭବନ । ଗ୍ରୀକ୍ କାରୁକାର୍ଯ୍ୟ ଶୈଳୀରେ ନିର୍ମିତ ହୋଇଥିବା ଏହି ଭବନଟିକୁ ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ କାର୍ଯ୍ୟରେ ସାମିଲ କରାଯାଇଛି । ଯେମିତିକି ପ୍ରଥମେ ଏହାକୁ ଏକ ଚର୍ଚ୍ଚର ରୂପ ଦିଆଯାଇଥିଲା, ପରେ ଏହା ସିନେମା ହଲ୍ ଭାବେ କାର୍ଯ୍ୟକଲା । ଆଉ ଏବେ ଏହା ସ୍ଥାନୀୟ ଏକ ଲୋକପ୍ରିୟ କ୍ଲବ ଭାବେ ଜଣାଯାଉଛି ।




### ଗୁରୁଦ୍ୱାର ବେର୍ ସାହିବ:

କପୁରଥଲା ଜିଲ୍ଲା ଅର୍ନ୍ତଗତ ସୁଲତାନ୍‌ପୁର ଲୋଧିଠାରେ ରହିଛି ଏହି ପ୍ରସିଦ୍ଧ ଗୁରୁଦ୍ୱାର ବେର୍ ସାହିବ । ଶିଖ୍ ଧର୍ମାବଲମ୍ବୀ ବ୍ୟକ୍ତିଗଣଙ୍କ ପାଇଁ ଏହା ଏକ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ । କୁହାଯାଏ ଏଠାରେ କୁଆଡ଼େ ଶିଖ୍ ଧର୍ମର ପ୍ରଥମ ଗୁରୁ 'ଗୁରୁ ନାନକ' ୧୪ ବର୍ଷ ଜୀବନ ଅତିବାହିତ କରିଥିଲେ । ସେହିପରି ବେର୍ ହେଉଛି ଏଠାକାର ଏକ ଗଛ ଯାହାକୁ ଗୁରୁ ନାନକ ନିଜେ ଲଗାଇଥିଲେ ଆଉ ସେହି ଗଛ ମୂଳେ ବସି ସେ ଶିଖ୍ ଧର୍ମର ମୂଳମନ୍ତ୍ର ପ୍ରକାଶ କରିଥିଲେ ବୋଲି ଲୋକବିଶ୍ୱାସ ରହିଛି ।

ତେବେ ଏସବୁ ଦର୍ଶନୀୟସ୍ଥାନ ବାଦ୍ କପୁରଥଲାରେ ଦେଖିବାପାଇଁ ଆହୁରି ଅନେକ ପର୍ଯ୍ୟଟନସ୍ଥଳୀ ରହିଛି । ଖାସ୍ କରି ଏଠାରେ ଦେଖିବାକୁ ମିଳୁଥିବା ଛୋଟମୋଟ ବଗିଚା ପର୍ଯ୍ୟଟକଙ୍କୁ ଅଧିକ ଆକର୍ଷିତ କରିଥାଏ ।

# ଜଳବାୟୁ ପରିବର୍ତ୍ତନ ଜଳଚରଙ୍କ ପାଇଁ ବିପଦ

ଜଳବାୟୁ ପରିବର୍ତ୍ତନ ଜଳୀୟ ଜୀବଙ୍କ ଜୀବନକୁ ପ୍ରଭାବିତ କରିପାରେ । ଏକ ନୂତନ ଗବେଷଣାରୁ ଏହି ତଥ୍ୟ ସାମ୍ନାକୁ ଆସିଛି । ଅଷ୍ଟ୍ରେଲିଆର ୟୁନିଭର୍ସିଟି ଅଫ୍ ସିଡନୀ ଏବଂ ସିଡନୀ ଇନଷ୍ଟିଚ୍ୟୁଟ ଅଫ୍ ମେରାଇନ ସାଇନ୍ସର ଗବେଷକଙ୍କ ମତେରେ, ମନୁଷ୍ୟ ଶରୀରରେ ଯେଭଳି ପାକସ୍ଥଳୀର ଗଡ଼ବଡ଼ି ତାର ପୁରା ସ୍ୱାସ୍ଥ୍ୟକୁ ବିଗାଡ଼ିଦିଏ ଠିକ୍ ସେହିଭଳି ଜଳଚରଙ୍କ ପାଇଁ ଘାସପତ୍ର ସଦୃଶ ସୂକ୍ଷ୍ମଜୀବ ଏବଂ ଶୈବାଳଙ୍କ ଉପରେ ସାମାନ୍ୟ ପରିବର୍ତ୍ତନ ଆସିଲେ, ତାହା ପୁରା ସାମୁଦ୍ରିକ ଜୀବଙ୍କ ଜୀବନ ଉପରେ ବିପଦ ସୃଷ୍ଟି କରେ । ବର୍ତ୍ତମାନ ସମୟରେ ଜଳବାୟୁ ପରିବର୍ତ୍ତନ ଜୈବିକ ବିବିଧତାକୁ ପ୍ରଭାବିତ କରିଚାଲିଛି । ଯଦ୍ୱାରା ସମୁଦ୍ର ପଉନ ଉତ୍ତପ୍ତ ହୋଇ ସୂକ୍ଷ୍ମଜୀବଙ୍କ ବିକାଶଧାରା ଉପରେ କୁପ୍ରଭାବ ପକାଉଛି । ଏହି କାରଣରୁ ସମୁଦ୍ର ଶୈବାଳଙ୍କ ସଂଖ୍ୟା ଦ୍ରୁତ ଗତିରେ ହ୍ରାସ ହେବାରେ ଲାଗିଛି । ମନୁଷ୍ୟକୃତ ଅନେକ କାରଣ ଯୋଗୁ ଏବେ ଜଳବାୟୁ ପରିବର୍ତ୍ତନ ହେଉଛି । ଯଦି ଏଭଳି କାର୍ଯ୍ୟ ଅନବରତ ଲାଗିରହେ, ତେବେ ଗବେଷକଙ୍କ ଆଶଙ୍କା ଏହାଦ୍ୱାରା ବିଶ୍ୱସ୍ତରର ସାମୁଦ୍ରିକ ଜଙ୍ଗଲ ପ୍ରଭାବିତ ହୋଇପାରେ । ଏହି ଗବେଷଣା ପ୍ରୋସିଡିଙ୍ଗସ ଅଫ୍ ଦିରୟାଲ ସୋସାଇଟି ବି ପତ୍ରିକାରେ ପ୍ରକାଶିତ ହୋଇଛି ।



# ଅଫିସରେ ବସୁଥିଲେ.....



ଯଦି ଆପଣ ଅଫିସ ଡେକ୍ସରେ ବସୁଛନ୍ତି ତେବେ ନିଜ ଖାଦ୍ୟପାନୀୟ ଉପରେ ଧ୍ୟାନ ଦିଅନ୍ତୁ । ଯଦି ଆପଣ ଦୀର୍ଘ ସମୟ ବସିରହିବା କାମ କରୁଛନ୍ତି ତେବେ ଏପରି ଖାଦ୍ୟ ପଦାର୍ଥକୁ ନିଜଠାରୁ ଦୂରେଇ ରଖନ୍ତୁ ଯାହା ଆପଣଙ୍କ କାର୍ଯ୍ୟକୁ ପ୍ରଭାବିତ କରିବା ସହ ଶରୀର ଉପରେ କୁ-ପ୍ରଭାବ ପକାଇଥାଏ । କାମ କରିବା ସମୟରେ ବାରମ୍ବାର କଫି ପିଇବାକୁ ଇଚ୍ଛା ହୁଏ । କଫି ପିଇବା ଦ୍ୱାରା କାର୍ଯ୍ୟରେ ଷ୍ଟ୍ରେସ୍ କମ ହୋଇ ଆପଣଙ୍କୁ ସତେଜ ଲାଗିଥାଏ । ହେଲେ ଅଧିକ ମାତ୍ରାରେ କଫି ପିଇବା ଦ୍ୱାରା ଏହା ଗ୍ୟାସ ସମସ୍ୟାକୁ ବଢ଼ାଇଥାଏ । ତେଣୁ କଫି ପିଇବା ପରିବର୍ତ୍ତେ ଗ୍ରୀନଟି ପିଅନ୍ତୁ । ପାଚନତନ୍ତ୍ର ନିମନ୍ତେ ଗ୍ରୀନ ଟି ଉତ୍ତମ ସାବ୍ୟସ୍ତ ହେବା ସହ ପଟେ ବି ଖରାପ କରାଏ ନାହିଁ ।

### ତୈଳଯୁକ୍ତ ଖାଦ୍ୟ

ଅଫିସରେ ଅଧିକ ତୈଳଯୁକ୍ତ ଖାଦ୍ୟ ଖାଇବାଠାରୁ ଦୂରେଇ ରୁହନ୍ତୁ । କାରଣ ତୈଳଯୁକ୍ତ ଖାଦ୍ୟ ଖଶଇବା ଦ୍ୱାରା ପେଟ ଭାରି ଲାଗିବା ସହ ନିଦ ଆସିଥାଏ । ଛଣାଛଣି ଖାଇବା ଦ୍ୱାରା ଅସୁସ୍ଥତା ଅନୁଭବ ହୁଏ ଯାହାର ପ୍ରଭାବ ପରଫମାନ୍ସ ଉପରେ ପଡ଼େ । ଏହାବ୍ୟତୀତ ଅଫିସରେ ଜଙ୍କଫୁଡ୍‌ସଠାରୁ ନିଜକୁ ଦୂରେଇ ରଖନ୍ତୁ ।


### ସ୍ନାକ୍ସ ଏବଂ ଚିପ୍ସ

କାମ କରିବା ସମୟରେ ମଝିରେ ମଝିରେ ଚିପ୍ସ ଖାନ୍ତୁ ନାହିଁ । ପ୍ୟାକେଟ୍ ବନ୍ଦ ଚିପ୍ସ ଏବଂ ସ୍ନାକ୍ସକୁ ବର୍ଜନ କରନ୍ତୁ । ଚିପ୍ସ ଅଧିକ ଖାଇବା ଦ୍ୱାରା କାର୍ଯ୍ୟ ସମୟରେ ଅଧିକ ଶୋଷ ଲାଗିବା ସହ ଡିହାଇଡ୍ରେଶନ ସ୍ତର ବଢ଼ିଯାଏ । ପ୍ୟାକେଟ ବନ୍ଦ ଚିପ୍ସ ବଦଳରେ କାଜୁ, ବାଦାମ, ବୁଟ ବି ଖାଇପାରିବେ ।

### ଆମିଷ ଖାଦ୍ୟ


ଅଫିସରେ ଅଧିକ ମାତ୍ରାରେ ଆମିଷ ଖାଦ୍ୟ ଖାଉଥିଲେ ଏହାର ମାତ୍ରାକୁ କମ କରିଦିଅନ୍ତୁ । ଆମିଷ ଖାଇବା ପରେ ଅଫିସରେ ଆପଣଙ୍କୁ ଅଳଶୁଆ ଲାଗିପାରେ ଏବଂ କାମ ଉପରେ ଏହା ପ୍ରଭାବ ପକାଇଥାଏ ।

# ନାଇଟ୍ ସିଫ୍ଟ କରୁଥିଲେ ସାବଧାନ!



ନାଇଟ୍ ସିଫ୍ଟ କରୁଥିବା ଲୋକେ ଏବେ ସାବଧାନ ହୋଇଯାନ୍ତୁ । କାରଣ ଏମାନଙ୍କୁ ଡାଇବେଟିସ୍ ହେବା ଆଶଙ୍କା ଅଧିକ ରହୁଛି ବୋଲି ନିକଟରେ ଏକ ଅଧ୍ୟୟନରୁ ପ୍ରକାଶ ପାଇଛି । ରାତିରେ କାମ କରିବା ଦ୍ୱାରା ରକ୍ତରେ ଗ୍ଲୁକୋଜ୍ ସ୍ତରରେ ଅନିୟମିତତା ଦେଖାଯାଏ । ଏଥିଯୋଗୁଁ ଜଣେ ବ୍ୟକ୍ତି ଟାଇପ୍-୨ ଡାଇବେଟିସ୍‌ରେ ଆକ୍ରାନ୍ତ ହେବା ଆଶଙ୍କା ଅଧିକ ରହୁଛି । ଏହି ରୋଗରେ ରକ୍ତରେ ଗ୍ଲୁକୋଜ୍ ମାତ୍ରା ସାମାନ୍ୟଠାରୁ ଅଧିକ ଥାଏ । ଏହି ରୋଗୀମାନେ ମେଦବୃଦ୍ଧିରେ ଆକ୍ରାନ୍ତ ହେବା ସହ ସେମାନଙ୍କର ଦୃଷ୍ଟିଶକ୍ତି ମଧ୍ୟ ହ୍ରାସ ପାଇଥାଏ । ଏହାବ୍ୟତୀତ ଏମାନଙ୍କର କିଡନୀ ଖରାପ ହୋଇଯିବା ଆଶଙ୍କା ମଧ୍ୟ ଅଧିକ ଥାଏ ।





ଅଧ୍ୟନ ସମୟରେ ଦିନରେ କାମ କରୁଥିବା ଲୋକଙ୍କ ଅପେକ୍ଷା ରାତିରେ କାମ କରୁଥିବା ଲୋକଙ୍କର ଗ୍ଲୁକୋଜ ସ୍ତର ୧୬% ବୃଦ୍ଧି ପାଇଥିବାର ଦେଖାଯାଇଥିଲା । ହାଭାର୍ଡ ମେଡିକାଲ ସ୍କୁଲ ପକ୍ଷରୁ ଏହି ଅଧ୍ୟୟନ କରାଯାଇଥିଲା । ରାତିଟିଏ ବି କାମ କଲେ ଗ୍ଲୁକୋଜ ସ୍ତରରେ ଅନିୟମିତତା ଦେଖାଯାଏ । ନାଇଟ୍ ସିଫ୍ଟରେ ଦୀର୍ଘଦିନ ଧରି କାମ କରିବା ଦ୍ୱାରା ଜଣେ ଟାଇପ୍ - ଟୁ ଡାଇବେଟିସରେ ଆକ୍ରାନ୍ତ ହେବା ଆଶଙ୍କା ଅଧିକ ରହୁଛି ବୋଲି ଅଧ୍ୟୟନରେ ପ୍ରକାଶ ପାଇଛି ।

# ପୋଦିନାର ଉପକାରିତା



ତାଜା ପୋଦିନା ପତ୍ରକୁ କାଟି ସାଲାଡ୍‌ରେ ପକାଇଲେ ଗ୍ୟାଷ୍ଟିକ୍ ସମସ୍ୟା ଦୂର ହୋଇଥାଏ । ସରବତରେ କଟା ପୋଦିନା ପତ୍ର ପକାଇ ପିଅନ୍ତୁ । ଏହା ହଜମଶକ୍ତିକୁ ବଢ଼ାଇବାରେ ସାହାଯ୍ୟ କରିବ । ପୋଦିନା ପତ୍ରକୁ ଶୁଖାଇ ଗୁଣ୍ଡ କରି ରଖନ୍ତୁ । ତରକାରୀ ରାନ୍ଧିବା ପରେ, ଏହି ଗୁଣ୍ଡ ପକାଇଲେ ଝୋଳ ସ୍ୱାଦିଷ୍ଟ ଲାଗିଥାଏ । ପୋଦିନା ଯୁକ୍ତ ପାନୀୟ ସ୍ୱାସ୍ଥ୍ୟ ପାଇଁ ଭଲ । ଚିନି ମିଶ୍ରିତ ଜଳରେ କିଛି ପୋଦିନା ପତ୍ର ପକାଇ ଫୁଟାନ୍ତୁ ଏବଂ ଥଣ୍ଡା ହେବା ପରେ ପିଅନ୍ତୁ । ଗୋଟିଏ ପାତ୍ରରେ ଦହି, ପୋଦିନା ପତ୍ର, କଟା ଅଦା ଓ ଲେମ୍ବୁରସ ଫେଣ୍ଟନ୍ତୁ । ସେଥିରେ ଲୁଣ, ଜିରା ଓ ଗୋଲମରିଚ ଗୁଣ୍ଡ ପକାଇ ପିଇବାକୁ ଦିଅନ୍ତୁ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## କର୍ମଫଳ ଭବିଷ୍ୟତ...

ପାଞ୍ଚଟି ରାଜ୍ୟର ବିଧାନସଭା ନିର୍ବାଚନକୁ ୨୦୨୪ ସାଧାରଣ ନିର୍ବାଚନର ସେମିଫାଇନାଲ ମ୍ୟାଚ ବୋଲି ଉଣା ଅଧିକେ ସବୁ ରାଜନୈତିକ ଦଳ ବିବେଚନା କରୁଛନ୍ତି । ତେଣୁ ଏହାର ଫଳାଫଳ ଆଧାରରେ ସଭିଏଁ ନିଜ ନିଜର ଭବିଷ୍ୟତ ରଣନୀତି ପ୍ରସ୍ତୁତ କରିବେ । ଏହି ଅନୁମାନ ଯଦି ସତ୍ୟ ହୋଇଥାଏ, ତେବେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ଅଣ୍ଟାଭିଡ଼ାକୁ ଏହାର ସଦ୍ୟତମ ନମୁନା ବୋଲି ବିବେଚନା କରାଯାଇପାରେ । ଶ୍ରୀ ରାଓ ଏହି ମର୍ମରେ ଦୁଇଟି କଥା ସ୍ପଷ୍ଟ କରିଛନ୍ତି । ପ୍ରଥମଃ, ୨୦୨୪ ସାଧାରଣ ନିର୍ବାଚନରେ ସେ ଜାତୀୟ ରାଜନୈତିକ ଦୃଶ୍ୟପଟ୍ଟରେ ପ୍ରମୁଖ ଭୂମିକା ଗ୍ରହଣ କରିବା ନିମନ୍ତେ ସ୍ପଷ୍ଟ ଇଙ୍ଗିତ କରିଛନ୍ତି । ଦ୍ୱିତୀୟରେ, ଶ୍ରୀ ରାଓ ଏବେ ବିଜେପି ଏବଂ କଂଗ୍ରେସର ବିକଳ୍ପ ମେଣ୍ଟ ଗଠନ ସକାଶେ ତୃତୀୟ ମେଣ୍ଟ ଗଠନର ପ୍ରୟାସ ଆରମ୍ଭ କରିଛନ୍ତି । ଏହି ଉଦ୍ଦେଶ୍ୟରେ ସେ ଇତିମଧ୍ୟରେ ରାଷ୍ଟ୍ରୀୟ ଜନତା ଦଳ ନେତା ତେଜସ୍ୱୀ ଯାଦବ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ଡିଏମକେ ପ୍ରମୁଖ ତଥା ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ.କେ.ଷ୍ଟାଲିନ, ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଜେଡି (ଏସ) ନେତା ଏଚ. ଡି.ଦେବେଗୌଡ଼ା ଆଦିଙ୍କ ସାକ୍ଷାତ ଆଲୋଚନା କରିସାରିଛନ୍ତି । ଆସନ୍ତା ରବିବାର (ଫେବୃଆରୀ ୨୦) ଦିନ ଶ୍ରୀ ରାଓ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ତଥା ଶିବସେନା ପ୍ରମୁଖ ଉଦ୍ଧବ ଠାକରେଙ୍କୁ ମଧ୍ୟ ଭେଟି କଥାବାର୍ତ୍ତା କରିବାର କାର୍ଯ୍ୟସୂଚୀ ନିର୍ଘଣ୍ଟ ହୋଇଛି । ସାଧାରଣ ନିର୍ବାଚନ ଆସିଲେ, ବିରୋଧୀ ଦଳଙ୍କର ମେଣ୍ଟ କଥା ମନେପଡ଼େ । ଏହା ଭାରତୀୟ ରାଜନୀତିର ଏକ ଧରାବନ୍ଧା ପରମ୍ପରା । ଅତୀତକୁ ଚାହିଁଲେ ଏହାର ଏକ ସୁଦୀର୍ଘ ଧାରା ନଜରକୁ ଆସିବ । ଭାରତରେ ଦିନକୁ ଦିନ ମେଣ୍ଟ ରାଜନୀତି ଯେଉଁଭଳି ଭାବେ ବାସ୍ତବତାରେ ପରିଣତ ହୋଇସାରିଛି, ସେଥିରେ ତୃତୀୟ ମେଣ୍ଟର ଅଭାବ ସଦାବେଳେ ଅନୁଭୂତ ହୁଏ । କଂଗ୍ରେସକୁ ହଟାଇବା ଲାଗି ଅତୀତରେ ମେଣ୍ଟ ହୋଇଥିଲା, ଏବେ ସେହି ଦଳ ସହିତ ବିଜେପିକକୁ କ୍ଷମତାଚ୍ୟୁତ କରିବାର ପ୍ରୟାସସ ଆରମ୍ଭ ହୋଇଛି । କିନ୍ତୁ ଅତୀତ ଏ କଥାର ମଧ୍ୟ ମୂକସାକ୍ଷୀ ଯେ, ଅଧିକାଂଶ ସମୟରେ ମେଣ୍ଟ ଗଠନ ସମ୍ଭବପର ହୋଇନଥାଏ । ପ୍ରାରମ୍ଭିକ ଉତ୍ସାହ ଧୀରେ ଧୀରେ ମଉଳିଯାଏ । ପୁଣି ଯେତେବେଳେ ମେଣ୍ଟ ଗଠିତ ହୁଏ ଅବା ମେଣ୍ଟକୁ ସଫଳତା ମିଳେ, ତାହା ଅଧିକ ଦିନ ଟିକାଏ ନାହିଁ । ଏହା କାହିଁକି ହୁଏ, ତାହା ତର୍ଜମାସାପେକ୍ଷ । କେବଳ ବିଜେପି କିମ୍ବା କଂଗ୍ରେସକୁ କ୍ଷମତାରୁ ଅନ୍ତର କରିବା କିମ୍ବା ନିଜେ କ୍ଷମତା ଅକ୍ତିଆର କରିବା ଲକ୍ଷ୍ୟରେ ଯଦି ମେଣ୍ଟ ଗଠନ ପାଇଁ ପ୍ରୟାସ କରାଯାଏ, ତେବେ ତାହା ଦୀର୍ଘସ୍ଥାୟୀ ହେବା ଅସମ୍ଭବ । ଏହା ବୁଝିବାକୁ ହେବ ଯେ, ବିଜେପି ଯଦି କ୍ଷମତାରେ ଆସୀନ ହୋଇଛି, ତାହା ପଛରେ ଜନସମର୍ଥନ ରହିଛି । ଦେଶର ନାଗରିକମାନେ ସେମାନଙ୍କର ମତାଧିକାର ଜରିଆରେ ସେହି ଦଳକୁ ସରକାର ଗଠନର ସୁଯୋଗ ଦେଇଛନ୍ତି । ନିଜର ନୀତି ଓ କାର୍ଯ୍ୟଦକ୍ଷତା ବଳରେ ସେହି ଦଳ କ୍ଷମତାରେ ରହିଛି । ଗଣତନ୍ତ୍ରରେ ଏହା ବ୍ରହ୍ମସତ୍ୟ ଯେ, ସରକାର ବଦଳେ ଓ କ୍ଷମତାରେ ପଟ୍ଟପରିବର୍ତ୍ତନ ଘଟେ । କିନ୍ତୁ ଏହା ପଛରେ କାରଣଟି ହେଉଛି ଯେଉଁ ଦଳ ଅବା ମେଣ୍ଟ ନିର୍ବାଚନରେ ବିଜୟୀ ହେବାକୁ ଚାହିଁବ, ନିଜର ନୀତି ଓ ଆଦର୍ଶ ବଳରେ ପ୍ରଥମେ ସେମାନଙ୍କୁ ନିର୍ବାଚନ ବୈତରଣୀ ପାର ହେବାକୁ ପଡ଼ିବ । ତେଣୁ ତୃତୀୟ ମେଣ୍ଟ ଗଠନ ପ୍ରୟାସ ପୂର୍ବରୁ ବାମଦଳ ହୁଅନ୍ତୁ ଅବା ଅନ୍ୟ ଯେକୌଣସି ଅଣ-କଂଗ୍ରେସ ଓ ଅଣ-ବିଜେପି କ୍ଷେତ୍ରୀୟ ଦଳ ସେମାନଙ୍କୁ ଜାତୀୟ ଆଭିମୁଖ୍ୟକୁ ଅଗ୍ରାଧିକାର ପ୍ରଦାନପୂର୍ବକ ନିଜର କାର୍ଯ୍ୟସୂଚୀ ସ୍ପଷ୍ଟ କରିବାକୁ ପଡ଼ିବ । ମେଣ୍ଟ ଗଠନ ନିମନ୍ତେ ପରସ୍ପର ଭିତରେ ଥିବା ସ୍ୱାର୍ଥ ଓ ସ୍ୱାଭିମାନକୁ ତ୍ୟାଗ କରିବାକୁ ହେବ । ମେଣ୍ଟ ନେତୃତ୍ୱକୁ ଗ୍ରହଣ କରିବାକୁ ପଡ଼ିବ । ଅତୀତରେ ନିର୍ବାଚନ ଲଢ଼ିବା ପୂର୍ବରୁ ପ୍ରଧାନମନ୍ତ୍ରୀ କିଏ ହେବ ବୋଲି ଟଣାଓଟରା ଲାଗିବା ଭଳି ଘଟଣାର ନଜିର ରହିଛି । ତାହା ହିଁ ମେଣ୍ଟରେ ଫାଟ ଏବଂ ସରକାର ପତନର କାରଣ ପାଲଟିଛି । ସ୍ମରଣ ରଖିବାକୁ ହେବ ଯେ କାହାକୁ କ୍ଷମତାରୁ ହଟାଇବା କିମ୍ବା ନିଜେ କ୍ଷମତା ହାସଲ କରିବା ମୂଳ ଉଦ୍ଦେଶ୍ୟ ନୁହେଁ । ଏକବିଂଶ ଶତାବ୍ଦୀରେ ଭାରତ ଓ ଭାରତବାସୀଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବା ଏବଂ ସୁଶାସନ ଦେବା ହେଉଛି ମୁଖ୍ୟ ଉଦ୍ଦେଶ୍ୟ । ସେଥିପାଇଁ ପ୍ରଥମେ ଏଜେଣ୍ଡା ପ୍ରସ୍ତୁତ କରିବା ଯେକୌଣସି ଦଳ କିମ୍ବା ମେଣ୍ଟ ପାଇଁ ସର୍ବାଦୌ କର୍ତ୍ତବ୍ୟ । ଏହାକୁ ଅଣଦେଖା କଲେ ନାଗରିକମାନେ ମଧ୍ୟ ମେଣ୍ଟ ଆଡୁ ମୁହଁ ଫେରାଇନେବା ଅସମ୍ଭବ ନୁହେଁ । ଏହା ବ୍ରହ୍ମସୂତ୍ରକୁ ସଦାସର୍ବଦା ସ୍ମରଣ ରଖିବାକୁ ପଡ଼ିବ । ତେଣୁ ଅତୀତର ଅନୁଭୂତିକୁ ସ୍ମରଣ କରି ଏବଂ ଦୋଷତ୍ରୁଟିକୁ ଦୂର କରି ଯଦି ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ଏକ ତୃତୀୟ ମେଣ୍ଟ ଗଠନ ସମ୍ଭବପର ହୁଏ, ତେବେ ତାହା ଗଣତନ୍ତ୍ର ପାଇଁ ଅବଶ୍ୟ ଶୁଭଙ୍କର ।

## ବାପି ଲାହିରୀ ଓ ଓଲିଉଡ : 'କଭି ଅଲ୍‌ବିଦା ନା କେହେନା....'



**କଣ୍ଠଶିଳ୍ପୀ ଅନୁପମା ଭୂୟାଁ**

ବପ୍ପି ଲାହିରୀଙ୍କ ସ୍ୱର ସଂଯୋଜନାରେ ୧୯୭୬ରେ ହିନ୍ଦୀ ଫିଲ୍ମ 'ଚଲ୍‌ତେ ଚଲ୍‌ତେ' ପାଇଁ କିଶୋର କୁମାର ଗାଇଥିଲେ - 'ଚଲ୍‌ତେ ଚଲ୍‌ତେ ମେରେ ୟେ ଗୀତ ୟାଦ୍ ରଖନା, କଭି ଅଲବିଦା ନା କେହେନା'। ଏହି ଗୀତ ଯେକେହି ଶୁଣିଲେ ଆଖିକୁ ଲୁହ ଆସିଯିବ। ଏପରିକି ଖୋଦ୍ ବପ୍ପି ଯେତେବେଳେ ଏ ଗୀତ ଗାଉଥିଲେ ସେତେବେଳେ ତାଙ୍କ ଆଖି ବାରମ୍ବାର ଲୁହରେ ଭିଜୁଥିଲା ବୋଲି ଏକ ସାକ୍ଷାତକାରରେ କହିଥିଲେ। ଆଜି ଅନ୍ୟତମ ସ୍ୱର ସାଧକ ବାପି ଲାହିରୀଙ୍କ ଶ୍ରଦ୍ଧାଞ୍ଜଳୀ ଦେଲାବେଳେ ସ୍ମରଣକୁ ଆସୁଛି ତାଙ୍କର ଓଡ଼ିଶା ସହ ସମ୍ପର୍କ। ଅନେକ ହୁଏତ ଜାଣିନଥିବେ ୨୦୧୩ ମସିହାର ସୁଧାକର ବସନ୍ତଙ୍କ ନିର୍ଦ୍ଦେଶିତ ତଥା ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ପ୍ରଯୋଜିତ ଚଳଚ୍ଚିତ୍ର 'ମୋ ଦୁନିଆ ତୁ ହି ତୁ' ଚଳଚ୍ଚିତ୍ରର ଟାଇଟଲ୍ ସଙ୍ଗୀତ 'ମୋ ଦୁନିଆ ତୁ ହି ତୁ...' ବାପି ଲାହିରୀ ନିଜେ ଇରା ମହାନ୍ତିଙ୍କ ସହ ଗାଇଥିଲେ। ଯାହାକି ସେ ସମୟର ଲୋକପ୍ରିୟ ସଙ୍ଗୀତ ତାଲିକାରେ ଅନ୍ୟତମ ଥିଲା।



ଦୁଇଟି ଓଡ଼ିଆ ଚଳଚ୍ଚିତ୍ରର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ସେ। ଏଥିସହ କିଛି ଓଡ଼ିଆ ସଙ୍ଗୀତରେ କଣ୍ଠଦାନ ମଧ୍ୟ କରିଛନ୍ତି ବଲିଉଡର ଏହି ସ୍ୱର୍ଣ୍ଣିମ ଦରବାର୍। ୧୯୮୯ ମସିହାର ଉଦୟ ଶଙ୍କର ପାଣିଙ୍କ ନିର୍ଦ୍ଦେଶିତ ଚଳଚ୍ଚିତ୍ର 'ମିଛ ମାୟା ସଂସାର'ର ସମସ୍ତ ସଂଗୀତ ନିର୍ଦ୍ଦେଶନା ଦେଇଥିଲେ ବାପି ଦା'। 'ମଙ୍ଗଳ ମାୟା ଭକତ ବାନ୍ଧବ..., ବାୟା ମନ ମିଛେ ଏତେ ବାନ୍ଧୁଛୁ ଆଶା....', 'ଏ କେଉଁ ସହର କେମିତି ସହର....', 'ଏଇ ଶୁଭ ଦିନ ଆସେ ହସ ଖୁସି.....' ଆଦି ଗୀତର ନିର୍ଦ୍ଦେଶନା ବାପି ଦା ଦେଇଥିବା ବେଳେ ଏହି ଚଳଚ୍ଚିତ୍ରରେ କଣ୍ଠଶିଳ୍ପୀ ଉଷା ମଙ୍ଗେସକର, ଅମିତ କୁମାର, ଚନ୍ଦ୍ରାଣୀ ମୁଖାର୍ଜୀ, ମହମ୍ମଦ ଅଜିଜ୍, ଉତ୍ତରା କେଲକର ଓ ମହମ୍ମଦ ଅବିଦ୍ ପ୍ରମୁଖ କଣ୍ଠଦାନ କରିଥିଲେ। ଏସବୁ ଗୀତ ଲେଖିଥିଲେ ଗୀତିକାର ନିଜାମ୍। ସେହିଭଳି ତରୁଣ ମଜୁମଦାରଙ୍କ ନିର୍ଦ୍ଦେଶିତ ୧୯୯୪ ମସିହାର ଚଳଚ୍ଚିତ୍ର 'ଅକୁହା କଥା'ରେ ମଧ୍ୟ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ବାପି ଲାହିରୀ। ଏହି ଚଳଚ୍ଚିତ୍ରର 'ଚିଠି ଚିଠି... ଚିଠି ଚିଠି... ପଢ଼େ ଯେତେଯେତେ ଭଲ ଲାଗେ ସେତେ....' ରୋମାଣ୍ଟିକ ସଙ୍ଗୀତ ସେତେବେଳେ ବେଶ ଲୋକପ୍ରିୟ ହୋଇପାରିଥିଲା। ଏହାର ସଙ୍ଗୀତ ନିର୍ଦ୍ଦେଶନା ବାପି ଦା' ଦେଇଥିବା ବେଳେ ଗୀତିକାର ଥିଲେ ନିମାଇଁ ମହାନ୍ତି। ଏଥିସହ ଏହି ଚଳଚ୍ଚିତ୍ରର 'କଥା ଥିଲା... କଥା ଥିଲା.... ଅକୁହା ଯେ... କଥା ଥିଲା' ସଙ୍ଗୀତ ଏବେ ବି ଶ୍ରୋତାଙ୍କ ମନ ମୋହୁଛି।

ବାପି ଲାହିରୀ ପୁରୀରେ ସଂଗୀତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଅନେକ ବର୍ଷ ତଳେ। ସଂଗୀତ ଜଗତରୁ ଲିଭିଯାଇଛି ପ୍ରଥିତଯଶା କଣ୍ଠଶିଳ୍ପୀ ତଥା ଗୀତିକାର ବାପି ଲାହିରୀଙ୍କ ଜୀବନ ଦୀପ। ଯେଉଁ ମଞ୍ଚରେ ତାଙ୍କ ପାଦ ପଡ଼ିଛି, ସାମ୍ନାରେ ଥିବା ଦର୍ଶକ ମତୁଆଲା ହୋଇଛନ୍ତି। ୨୦୦୫ ମସିହାରେ ନିଜ ଟିମ୍ ସହ ସଙ୍ଗୀତ ପରିବେଷଣ କରି ଦର୍ଶକଙ୍କୁ ବିଭୋର କରିଥିଲେ। 'ୟାଦ୍ ଆ ରାହା ହୈ ତେରା ପ୍ୟାର.....' ସଂଗୀତରେ ସେ ଦିନ ସେ ସମୁଦ୍ର ତଟରେ ହଜାର ହଜାର ଦର୍ଶକଙ୍କୁ ତଲ୍ଲୀନ କରିଦେଇଥିଲେ। ବାପି ଲାହିରୀ କହିଥିଲେ, ମୁଁ ଶ୍ରୀଜଗନ୍ନାଥଙ୍କର ଭକ୍ତ। ମୋ ଘରେ ମହାପ୍ରଭୁ ପୂଜା ପାଆନ୍ତି। ତେବେ ସେଥର ସେ ନିଜ ପରିବାର ବର୍ଗଙ୍କ ସହ ମହାପ୍ରଭୁଙ୍କ ଦର୍ଶନ କରି ନପାରିବା ନେଇ ଅବସୋସ ରହି ଯାଇଥିଲା ବୋଲି କହିଥିଲେ। ବାପି ଲହିରୀ ନିଜ ସଙ୍ଗୀତ ମାଧ୍ୟମରେ ପ୍ରତ୍ୟେକ ଭାବନାକୁ ଅତ୍ୟନ୍ତ ସୁନ୍ଦର ଭାବେ ବ୍ୟକ୍ତ କରିଥାନ୍ତି। ତାଙ୍କର ହସଖୁସିଭରା ଚେହେରା ସମସ୍ତଙ୍କର ମନେରହିବ। ତାଙ୍କ ପରି ଜଣେ ପ୍ରଥିତ ଯଶା ସ୍ୱର ସମ୍ରାଟଙ୍କ ପରଲୋକରେ ଶ୍ରୀ ସତ୍ୟସାଇ ବାବାଙ୍କ ନିକଟରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରୁଛି।


'ସାଇବିଥି' ୭ଡି/୧୩୫୪, ସେକ୍ଟର-୯, ସିଡିଏ, କଟକ, (ମୋ)୯୯୩୭୫୮୧୭୦୭


## ଏ କେଉଁ ସହର, କେମିତି ସହର.....



**ଡାକ୍ତର ସମ୍ରାଟ କର**

ଏ କେଉଁ ସହର, କେମିତି ସହର....। ୮୦ ଦଶକର ଓଡ଼ିଆ ଚଳଚ୍ଚିତ୍ର 'ମିଛ ମାୟା ସଂସାର'ର ଏହି ଚର୍ଚ୍ଚିତ ଗୀତରୁ ଓଡ଼ିଶା ସହ ସମ୍ପର୍କ ଯୋଡ଼ିଥିଲେ ବଲିଉଡର ଡିସ୍କୋ ରାଜା ଓରଫ ବାପି ଲାହିରୀ। ପରବର୍ତ୍ତୀ ସମୟରେ ବହୁ ଓଡ଼ିଆ ଚଳଚ୍ଚିତ୍ରରେ ସଙ୍ଗୀତ ନିର୍ଦ୍ଦେଶନା ଦେଇ ଓଡ଼ିଆଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଛାଡ଼ି ଯାଇଛନ୍ତି। ଆଜି ଏହି ବିଶିଷ୍ଟ ଗାୟକଙ୍କ ବିଷୟରେ ଦୁଇ ଧାଡ଼ି ଲେଖିବାକୁ ଅଶ୍ରୁଳ ଚକ୍ଷୁରେ ଉଦ୍ୟମ କରୁଛି। ପିଲାବେଳୁ ମୁଁ ଜଣେ ତାଙ୍କ ସଙ୍ଗୀତର ବିମୁଗ୍ଧ ଶ୍ରୋତା ଥିଲି ଏବଂ ଆଜିର ବୃତ୍ତିଗତ କ୍ଷେତ୍ରରେ ମାନସିକ ଅବସାଦ ଓ ବିଭିନ୍ନ ରୋଗର ଚିକିତ୍ସା କରୁଥିବା ମୁମୂର୍ଷୁ ବା ରୋଗୀମାନଙ୍କୁ ବେଳେ ବେଳେ ତାଙ୍କର ହାଲକା ପ୍ରେରଣାଦାୟକ ଗୀତ ଶୁଣିବାକୁ ପରାମର୍ଶ ଦେବା ସହ ମୁଁ ମଧ୍ୟ କିଛି ସମୟ ଶୁଣି ତା ଭିତରୁ ପ୍ରେରଣା ଓ ଏକ ପ୍ରକାର ଉର୍ଜା ପାଇଥାଏ। ଅଳସ ସକାଳର ସୂର୍ଯ୍ୟ ଉଦୟ ପୂର୍ବରୁ ଲିପିକାର ବନ୍ଧୁ ଅନୁଜ ପ୍ରତୀମ ଶ୍ରୀକାନ୍ତ ଠାରୁ ଏହି ଦୁଃଖଦ ଖବର ପାଇବାପରେ ସେ ବନ୍ଧୁଙ୍କ ମନ ରଖିବା ସହ ମୋ ପ୍ରିୟ ସଂଗୀତ କଣ୍ଠଶିଳ୍ପୀ ବାପି ଲାହିରୀଙ୍କ ପାଇଁ ଦୁଇଧାଡ଼ି ଲେଖୁଛି। ଏହା ନିଃସନ୍ଦେହ ସଙ୍ଗୀତ ଜଗତରେ ତାଙ୍କ ପରିଚୟ ସ୍ୱତନ୍ତ୍ର। ମ୍ୟୁଜିକ କମ୍ପୋଜିସନରେ ସେ ଆଣିଥିଲେ ଏକ ନୂଆ ଧାରା। ତାଙ୍କ ସ୍ୱର ସଂଯୋଜନା ଓ ଗାୟନରେ ରେକର୍ଡ଼ କରିଛି ଅନେକ ଗୀତ। 'ଡିସ୍କୋ କିଙ୍ଗ' ଭାବରେ ପରିଚିତ ଥିଲେ ବାପି ଲାହିରୀ। ତାଙ୍କ ପରଲୋକରେ ସଙ୍ଗୀତ କ୍ଷେତ୍ରରେ ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହେଲା ତାହା ନିଶ୍ଚିତ ଭଜରେ ଅପୂରଣୀୟ।





ସେ ଥିଲେ ଡିସ୍କୋ ସଙ୍ଗୀତ ଜଗତର ମୁକୁଟ ବିହୀନ ସମ୍ରାଟ। ଅଶୀ, ନବେ ଦଶକରେ ଡିସ୍କୋ ଗୀତର ଅନନ୍ୟ ରୂପକାର ବାପି ଦା'ଙ୍କ ଗୀତର ତାଳେ ତାଳେ ଝୁମୁଥିଲେ ସଙ୍ଗୀତପ୍ରେମୀ। ବଲିଉଡର ପ୍ରଥମ ରକ୍ ଷ୍ଟାର ଗାୟକ ଥିଲେ ବାପି। କେବଳ ଭାରତୀୟ ନୁହଁନ୍ତି, ବିଦେଶର ସଙ୍ଗୀତପ୍ରେମୀଙ୍କୁ ମଧ୍ୟ ମତୁଆଲା କରୁଥିଲା ତାଙ୍କ ଗୀତର ମଧୁର ସ୍ୱର। ଧମାକେଦାର ଡ୍ୟାନ୍ସ ପାଇଁ ଛନ୍ଦ ଦେଇ ଗୀତ ତିଆରି କରିବାର କଳା ଓ କୌଶଳ ତାଙ୍କୁ ବେଶ ଜଣାଥିଲା। ସେଥିପାଇଁ ସବୁବର୍ଗର ଶ୍ରୋତାଙ୍କୁ ଆକୃଷ୍ଟ କରୁଥିଲା ତାଙ୍କର ଗୀତର ମାଦକତା। ସ୍ୱର୍ଣ୍ଣ ଆଭୂଷଣ ପିନ୍ଧି ସେ ଭାରତୀୟ ଶ୍ରୋତାଙ୍କ ନିକଟରେ 'ଗୋଲଡମ୍ୟାନ' ଭାବେ ପରିଚିତ ଥିଲେ। ବେକରେ ମୋଟା ମୋଟା ସୁନା ଚେନ, ହାତରେ ମୁଦି ପିନ୍ଧି ସବୁବେଳେ ଏକ ନିଆରା ଅନ୍ଦାଜରେ ଦର୍ଶକଙ୍କ ସାମ୍ନାରେ ସଙ୍ଗୀତ ପରିବେଷଣ କରୁଥିଲେ ବାପ୍ପି। ୫୦ ବର୍ଷର କ୍ୟାରିୟରରେ ସେ ୫୦୦ରୁ ଅଧିକ ଫିଲ୍ମରେ ୫୦୦୦ରୁ ଅଧିକ ଗୀତର ସଂଯୋଜନା କରିଛନ୍ତି। ହିନ୍ଦୀ, ବଙ୍ଗଳା, ତାମିଲ, ତେଲୁଗୁ, ମାଲାୟାଲମ, କନ୍ନଡ଼, ଗୁଜୁରାଟୀ, ମରାଠୀ, ପଞ୍ଜାବୀ, ଭୋଜପୁରୀ, ଅହମିଆ ଭାଷା ସମେତ ବାଙ୍ଗଲାଦେଶୀ ଫିଲ୍ମ ଓ ଇଂରାଜୀରେ ବି ସେ ଗୀତ ସଂଯୋଜନା କରିଛନ୍ତି।

ଅନେକ ହୁଏତ ଜାଣିନଥିବେ ଉଦୟ ଶଙ୍କର ପାଣିଙ୍କ ଦ୍ୱିଭାଷୀ ଫିଲ୍ମ (ଓଡ଼ିଆ-ବଙ୍ଗଳା) 'ମିଛ ମାୟା ସଂସାର'ରେ ସ୍ୱର ସଂଯୋଜନା କରିଥିଲେ ବପ୍ପି ଦା'। ଏହି ଫିଲ୍ମର ସମସ୍ତ ଗୀତ ବେଶ ମନଛୁଆଁ ହୋଇପାରିଥିଲା। ସେହିପରି ଅନୁଭବ-ବର୍ଷାଙ୍କ ଅଭିନୀତ 'ମୋ ଦୁନିଆ ତୁ ହି ତୁ' ଓଡ଼ିଆ ଫିଲ୍ମରେ ସେ ଇରା ମହାନ୍ତିଙ୍କ ସହ ଶୀର୍ଷକ ଗୀତ 'ମୋ ଦୁନିଆ'ରେ କଣ୍ଠଦାନ କରି ଚର୍ଚ୍ଚାକୁ ଆସିଥିଲେ। ଏଥିରେ ସ୍ୱର ସଂଯୋଜନା କରିଥିଲେ ମଳୟ ମିଶ୍ର ଓ ଗୀତ ରଚନା କରିଥିଲେ ଅରୁଣ ମନ୍ତ୍ରୀ। ସେହିପରି 'ଅକୁହାକଥା' ଫିଲ୍ମର 'ଭାଙ୍ଗେ ଯଦି ଖେଳଘର', 'ହଜି ଯିବାରେ,' 'କଥା ଥିଲା', 'ଆଜି ତୁମରି ଓଠରେ', 'ଚିଠି ଚିଠି', 'ଧୋ ବାୟା' ପ୍ରଭୃତି ଗୀତରେ ମଧ୍ୟ ବପ୍ପି, ସାଧନା ସରଗମ, କବିତା କ୍ରିଷ୍ଣାମୂର୍ତ୍ତି ପ୍ରମୁଖଙ୍କ ସହ କଣ୍ଠଦାନ କରିଥିଲେ। ତାଙ୍କ ଶେଷ ଗୀତ ସୁପରହିଟ୍ ହୋଇଥିଲା। ବପ୍ପି ଦା' ଶେଷଥର ପାଇଁ ଟାଇଗର ଶ୍ରଫ୍ ଓ ଶ୍ରଦ୍ଧା କପୁରଙ୍କ ଅଭିନୀତ ଫିଲ୍ମ 'ବାଗୀ-୩' ପାଇଁ 'ଭଙ୍ଗସ' ଗୀତ ସଂଯୋଜନା କରିଥିଲେ। ଏ ଗୀତଟି ମଧ୍ୟ ଖୁବ ଲୋକପ୍ରିୟ ହୋଇଥିଲା। ଉକ୍ତ ଗୀତଟି ଥିଲା ୧୯୮୪ର 'ତୋଫା' ଫିଲ୍ମର ଗୀତ 'ଏକ ଆଖଁ ମାରୁ ତୋ...'ର ରିମିକ୍ସ ଭର୍ସନ। ଅନ୍ୟପଟେ ସେ ଶେଷଥର ପାଇଁ 'ବିଗବସ୍ ସିଜନ-୧୫'ରେ ସଲମାନ ଖାନ୍‌ଙ୍କ ସହ ନଜର ଆସିଥିଲେ। ଏଥିରେ ସେ ତାଙ୍କ ନାତିଙ୍କ ଗୀତ 'ବଚେ ପାର୍ଟି'ର ପ୍ରମୋସନ କରିବାକୁ ଆସିଥିଲେ। କେବଳ ବଲିଉଡ ନୁହେଁ; ଓଡ଼ିଆ ସଙ୍ଗୀତରେ ମଧ୍ୟ ସେ ତାଙ୍କ ସଙ୍ଗୀତର ସ୍ୱାକ୍ଷର ଛାଡ଼ିଛନ୍ତି। ବିଶିଷ୍ଟ ଗାୟକ, ସଙ୍ଗୀତ ନିର୍ଦ୍ଦେଶକ ବାପ୍ପି ଲାହିରୀଙ୍କ ବିୟୋଗ ଭାରତୀୟ ସଙ୍ଗୀତ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି। ବପ୍ପି ଦା' ଆଉ ଆମ ଗହଣରେ ନାହାନ୍ତି ସତ, କିନ୍ତୁ ତାଙ୍କ ସଙ୍ଗୀତର ସୁର, ଲୟ ଓ ତାଳ ସବୁଦିନ ପାଇଁ ଗୁଞ୍ଜରିତ ହେଉଥିବ ଦେଶ ବିଦେଶର ଅଗଣିତ ସଙ୍ଗୀତପ୍ରେମୀଙ୍କ ମନ ଭିତରେ।


♥ ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ, (ମୋ)୯୧୩୨୪୩୩୩୩୩





### ପୁନର୍ବାର

**ରାଜୀବ ଡୋଗ୍ରା**



ଭଗବାନ୍ ମଂଗଳ କରନ୍ତୁ
ମୁଁ ବି ତୁମକୁ ଭଲ ପାଏ
ପୁନର୍ବାର,
ଅନ୍ୟ କେହି ନୁହଁନ୍ତି
ଖାଲି ମୁଁ

ଭଗବାନ୍ ମଂଗଳ କରନ୍ତୁ
ମୁଁ ମଧ୍ୟ ତୁମ ସହିତ ଖୁସି
ଏବଂ ତୁମେ ଭଲ ପାଅ ।
ପୁନର୍ବାର,
ଅନ୍ୟ କେହି ନୁହଁନ୍ତି
ଖାଲି ମୁଁ

ଭଗବାନ୍ ମଂଗଳ କରନ୍ତୁ
ମୁଁ ବି ତୁମକୁ ଭଲ ପାଏ
ପୁନର୍ବାର
ଅନ୍ୟ କେହି ନୁହଁନ୍ତି
ଖାଲି ମୁଁ ।


♥ (ଭାଷା ଶିକ୍ଷକ)
ସରକାରୀ ଉଚ୍ଚ ବିଦ୍ୟାଳୟ
ଠାକୁରଦୱାରା
ଠିକଣା-ଗ୍ରାମ ଜାନକ୍ୟାଡ୍
ପିନ୍ କୋଡ୍ - ୧୭୬୦୩୮
କଙ୍ଗରା ହିମାଚଳ ପ୍ରଦେଶ ।
(ମୋ)୯୮୭୬୭୭୭୨୩୩


### କମାର ହାତର ଲୁହା

**ସୁଭାଷ ଚନ୍ଦ୍ର ଭୂତିଆ**



ରାଜୁଆ କମାର କାମରେ ମାହୀର
କାମ କରେ ମନ ଦେଇ
ପାଖ ଗାଁ ଲୋକେ ଲୁହାକାମ ଯାହା
ତା ପାଖେ କରାନ୍ତି ନେଇ ।

ଧନ ବୋଲି ତାର ବେଶି କିଛି ନାହିଁ
ପୁଅଟି ସର୍ବ ସମ୍ପତ୍ତି
ଯାହା ରୋଜଗାର ଚେମା ପାଇଁ ସବୁ
ଗେହ୍ଲାରେ ତାକୁ ରଖନ୍ତି ।

ଗାଁ ପିଲାମାନେ ସବୁ ପଢୁଛନ୍ତି
କଲେଜ ପୁଅଟା ଯାଉ
ହଷ୍ଟେଲରେ ରହି ଶିକ୍ଷା ଦୀକ୍ଷା କଲେ
ମଣିଷ ତ ହେବ ସେହୁ ।

ଅଧ୍ୟାପକ ମାନେ ଖୁସି ଯେ ହୁଅନ୍ତି
ଚେମା ପାଠପଢ଼ା ଦେଖି
ସାହି ଭାଇ ଲୋକ ପ୍ରଶଂସା କରନ୍ତି
ରାଜୁଆକୁ ନିତି ନିତି ।

ଚେମା ମନ ଉଣା ହୁଏ ଯେତେବେଳେ
ଧନୀ ସାଙ୍ଗ ଗହଣରେ
କେଉଁ ଅଭିସାପେ ଜନ୍ମ ମୋର ହେଲା
ଗରିବ ମୁରୁଖ ଘରେ ।

ଚେମା ବଡ ଆଉ ରଖେଇ ଦେଉନି
ସକାଳ ପ୍ରହରୁ ଉଠି
ଆଜିପରା ପୁଅ ଜନମ ଦିନଟି
ଆସ ଟିକେ ତାକୁ ଦେଖି ।

ରାଜୁଆ ମନରେ ଖୁସିର ଝଲକ
ବିଜୁଳି ପ୍ରାୟ ଖେଳିଲା
ପୋଡ଼ ପିଠା ସାଥେ ଆରିସା କାକରା
ସାଥିରେ ଧରି ଚାଲିଲା ।

ପହଞ୍ଚି ସେଠାରେ ଦେଖିଲା ଯେ ପୁଅ
ପାଳୁଛି ଜନମ ଦିନ
ସାଥି ଗହଣରେ କେକ କାଟୁଛି
ସରାଗେ ଲଗାଇ ମନ ।

ରାଜୁଆକୁ ଦେଖି ଚେମା ଭାବୁଅଛି
ଇଜତ ମୋ ଗଲା ଚାଲି
ସହପାଠୀ ଯେବେ ମଳିମୁଣ୍ଡିଆକୁ
ଜାଣିବେ ମୋ ବାପା ବୋଲି ।

ସେଥିପାଇଁ ଚେମା ଇଙ୍ଗିତେ କହିଲା
ଚାକର ଆମ ଘରର
ଘରଲୋକ ଯାଙ୍କ ହାତେ ଦେଇଛନ୍ତି
ଜନମ ଦିନର ବେଭାର ।

ଏହାଶୁଣି ଭାବେ ଦୁଃଖରେ ରାଜୁଆ
ବାଃ ରେ ମୋ ଗେହ୍ଲା ପୁଅ
ପାଠ ପଢ଼ାଇଲି ମଣିଷ ହେବାକୁ
ଭଲ କରୁ ଅଭିନୟ ।

ପାଠପଢ଼ା ତୋର ସେତିକିରେ ଥାଉ
ଧରିଲା ଡେଣାକୁ ଯାଇ
କଲେଜ ରୁ ନାମ କାଟିଣ ଘରକୁ
ଆଣିଲା ଯେ ବାଧ ହୋଇ ।


♥ ଡିହଡୋଳ, ପରଜଙ୍ଗ,
ଢେଙ୍କାନାଳ


### ଭସ୍ମାସୁର

**ଅଲେଖ ମେହେର**



ରାତ୍ରିର ଅନ୍ଧାରେ କୁକରମ କରେ ଅନ୍ତରେ ଭରି ଗରଳ,
ପିଠିରେ ନ ମାରି ପେଟରେ ମାରଇ ବିନାଶ କରି ସମୂଳ।
ଧନ୍ୟ ଏ ଚିନ୍ତାଧାରା
ଭସ୍ମାସୁର ବିଷକୁମ୍ଭ ଭରା।
ବନ୍ଧୁ ଭାବ ନେଇ ପଥରୁ ଗୋଟେଇ ବାସେ ଦେଇଥିଲି ସ୍ଥାନ,
ତୁନ୍ଦ ପାଳନାର୍ଥେ ଯଥା ସାଧମତେ ଅରପିଲି ଅର୍ଥ ଅନ୍ନ।
ହେଲା ଗୋଖର ନାଗ,
ପ୍ରାଣ ପିଣ୍ଡରୁ କରିଲା ଭାଗ।
ସ୍ୱାର୍ଥରେ ମାତାଳ ମଣିଷ ବୁଝେନା ଆନ ହୃଦୟର କଥା,
ଧୋକା ଦେବା ପଣେ ଧୁରନ୍ଧର ବୀର ଅଜାଡେ ଅଶେଷ ବ୍ୟଥା।
ଘୋର ବିପତ୍ତି ଦାନେ,
ସେବା ପୂରୁବ ଭୁଲଇ ମନେ।
ହୀନ ମଣି ସ୍ୱାନ ଟେକୁଥିଲି ନାକ ଅକାଳେ ରଖିଲା ହଂସା,
ବାରଦ୍ୱାର ବୁଲି ଅଇଁଠା ଚାଟଇ ହେଲେ ବୁଝେ ମନ ଭାଷା।
ପ୍ରାଣେ ଲଗାଇ ବାଜି,
ଦେବଦୂତ ଦର୍ପେ ଥାଏ ସାଜି।
ଫଳଆଶା ଛାଡି ଅକାର୍ପଣ୍ୟ ସ୍ନେହ ଆଣିଲା ଘୋର ବିପତ୍ତି
ଅର୍ଣ୍ଣବରୁ ଆସି ମହାବାତ୍ୟା ବେଗେ ଉଡାଇନେଲା ସମ୍ପତ୍ତି।
ମୋର କରମ ହୀନ,
ବସି ଅପେକ୍ଷା କରେ ସମନ।



♥ ସୋହେଲା ବରଗଡ
ମୋ-୬୩୭୦୨୨୦୫୫୯

## ମିନା ଅପାଙ୍କ ରାମାୟଣ ଟୁଙ୍କି (୩୦)

# ପିତୃଭକ୍ତ ରାମଚନ୍ଦ୍ର



କାର୍ତ୍ତିକ ସାଇଁ



(ପୂର୍ବ ପ୍ରକାଶିତ ଉତ୍ତାରୁ)

ପିଲାମାନେ,

ପ୍ରଭୁ ଶ୍ରୀରାମଙ୍କ ଧରାପୃଷ୍ଠକୁ ଆସିବାର କାରଣ ଥିଲା ଅତ୍ୟାଚାରୀ ରାବଣକୁ ବଧ କରିବା। କାଳ ମଧ୍ୟ ସେହି ହିସାବରେ ତା କାମରେ ଲାଗି ଯାଇଥିଲା। ଗତକାଲି ରାମକୁ ବହୁତ ଭଲ ପାଉଥିବା ରାଣୀ କୈକେୟୀ ଆଜି ରାମଚନ୍ଦ୍ରଙ୍କୁ ବନକୁ ପଠାଇବାକୁ ପ୍ରସ୍ତୁତ।

ରାଜା ଦଶରଥ କୈକେୟୀଙ୍କୁ ବହୁତ ଭଲ



ପାଉଥିଲେ। ରାଜସଭା କାର୍ଯ୍ୟ ସାରି ସେ ପ୍ରାୟ କୈକେୟୀ ଅନ୍ତଃପୁରକୁ ଆସୁଥିଲେ। ରାମଙ୍କ ରାଜ୍ୟାଭିଷେକ କଥା ସ୍ଥିର କରି ସେ କୈକେୟୀଙ୍କୁ ଅନ୍ତପୁରରେ ପ୍ରବେଶ କଲେ।

ସବୁଦିନ ପରି ରାଣୀ କୈକେୟୀ ଦଶରଥଙ୍କର ଅଭ୍ୟର୍ଥନା ଲାଗି ଅନ୍ତଃପୁରରେ ପ୍ରସ୍ତୁତ ନଥିଲେ। ଦଶରଥ ଆଶ୍ଚର୍ଯ୍ୟ ହେଲେ। ସେ ରାଣୀ କୈକେୟୀଙ୍କ ସଂପର୍କରେ ମନ୍ଥରାକୁ ପଚାରିଲେ।

ମନ୍ଥରା ସବୁ କଥା ଜାଣିଥିଲା। ମାତ୍ର ସେ ଚାଲାକି କରି କହିଲା ସେ କିଛି ଜାଣିନି। ରାଣୀ କ୍ରୋଧାଗାରରେ ଶୋଇଛନ୍ତି ବୋଲି ସେ ରାଜାଙ୍କୁ କହିଲା। ପିଲାମାନେ, ସେ ଯୁଗରେ ରାଜନବର ମାନଙ୍କରେ ଏକ ବିଶେଷ କଠୋରି ଥିଲା ଯାହାକୁ କ୍ରୋଧାଗାର କୁହାଯାଉଥିଲା। ରାଣି ରାଗିଥିଲେ ବା ଅଭିମାନ କରିଥିଲେ ସେଇ କୋଠରିରେ ଶୁଅନ୍ତି। ଏହା ରାଜାଙ୍କୁ ସତର୍କ କରେ ଓ ସେ ଉପାୟ କରି ରାଣୀଙ୍କୁ କ୍ରୋଧାଗାରରୁ ବାହାର କରନ୍ତି।

ରାଜା ଦଶରଥ ଆଶ୍ଚର୍ଯ୍ୟ ହେଲେ। ସେ ସଂଗେ ସଂଗେ କ୍ରୋଧାଗାରରେ ପହଂଚିଲେ ଓ ରାଣୀ କୈକେୟୀଙ୍କ ତଳେ ଶୋଇଥିବାର ଦେଖିଲେ। ସେ କୈକେୟୀଙ୍କୁ ତଳୁ ଉପର ପଲଙ୍କ ଉପରେ ବସାଇଲେ ଓ ତାଙ୍କ କୋପର କାରଣ ପଚାରିଲେ।

ବିଭିନ୍ନ ଆଳ ଦେଖାଇ ରାଣୀ କୈକେୟୀ ଶେଷକୁ ରାଜାଙ୍କୁ ତାଙ୍କ ଦେଇଥିବା ବର କଥା ମନେ ପକେଇଦେଲେ। ଦଶରଥ ରାଣୀଙ୍କ କୂଟକଥା ନ ବୁଝିପାରି ବର ଦେବାକୁ 'ହଁ' କହିଲେ।

ସଂଗେ ସଂଗେ କୈକେୟୀ ଦୁଇଟି ବର ଲାଗି ଦୁଇଟି ସର୍ତ୍ତ ରଖିଲେ।

ପ୍ରଥମ କଥା- ତାଙ୍କ ପୁତ୍ର ଭରତ ଅଯୋଧ୍ୟାର ରାଜା ହେବ। ଦ୍ୱିତୀୟ ରାମଚନ୍ଦ୍ର ଚଉଦ ବର୍ଷ ଲାଗି ଅଯୋଧ୍ୟା ତ୍ୟାଗ କରି ବନବାସରେ ଯିବେ।

ଦଶରଥ ପ୍ରଥମେ କିଛି ବୁଝି ପାରିଲେନି। ସେ ଭାବିଲେ ରାଣୀ କୈକେୟୀ କିଛି ଥଟ୍ଟା ତାମସା କରୁଛନ୍ତି। ମାତ୍ର କୈକେୟୀ ବେଶ୍ ଗମ୍ଭୀର ଥିଲେ ଓ ସେ ତାଙ୍କ ବର ଓ ବର ବଦଳରେ ସର୍ତ୍ତ ପୂରଣ କଥା ବାରମ୍ବାର କହିଲେ। ଦଶରଥ ବୁଝି ପାରିଲେନି ସେ କଣ କରିବେ। ଶ୍ରୀରାମ ତାଙ୍କ ଜୀବନ। ତାଙ୍କୁ ବନବାସରେ ପଠାଇ ସେ ବରଦ ପାରିବେ ତ !

ରାଣୀ କୈକେୟୀଙ୍କୁ ସେ ଅନୁରୋଧ କଲେ ତାଙ୍କ ସର୍ତ୍ତ ବଦଳାଇବାକୁ। ରାମଙ୍କୁ ବନବାସ ନ ପଠାଇ ଆଉ ଯାହା ମାଗିବେ ତା ଦେବେ ବୋଲି ପ୍ରତିଜ୍ଞା କଲେ। ମାତ୍ର କୈକେୟୀ ତାଙ୍କ କଥାରେ ଅଟଳ ରହିଲେ।

ଦଶରଥ କୈକେୟୀଙ୍କ କଥାରେ ମର୍ମାହତ ହେଲେ। ବାରମ୍ବାର ସେ କୈକେୟୀଙ୍କୁ ଅନୁରୋଧ କଲେ ତାଙ୍କ ସର୍ତ୍ତ ବଦଳାଇବାକୁ। ମାତ୍ର କୈକେୟୀ ତାଙ୍କ ସର୍ତ୍ତ ବଦଳାଇଲେନି। ରୁକ୍ଷ ଶବ୍ଦରେ ସେ ଦଶରଥଙ୍କୁ ବହୁତ ଦୁଃଖୀ କରାଇଲେ।

ରାତି ପାହି ସକାଳ ହୋଇଥିଲା। ଦଶରଥ କୈକେୟୀଙ୍କୁ ଅନ୍ତଃପୁରରୁ ବାହାରୁ ନାହାନ୍ତି। କୁଳଗୁରୁ ବଶିଷ୍ଠ ମନ୍ତ୍ରୀ ସୁମନ୍ତଙ୍କୁ କୈକେୟୀଙ୍କ ନବରକୁ ପଠାଇଲେ ଦଶରଥଙ୍କୁ ଦେଖା କରିବାକୁ। ସୁମନ୍ତ ଏକମାତ୍ର ମନ୍ତ୍ରୀ ଥିଲେ ଯିଏ ରାଣୀମାନଙ୍କ ଅନ୍ତଃପୁରକୁ ଯାଇ ରାଜାଙ୍କୁ ଦେଖା କରି ପାରୁଥିଲେ।

ସୁମନ୍ତ ଦଶରଥଙ୍କ ଅବସ୍ଥା ଦେଖିଲେ। କୈକେୟୀ ଅନୁଭବ କଲେ ଦଶରଥ ତାଙ୍କୁ ତା ବର ଦେବାକୁ ଅନିଚ୍ଛୁକ। ସେ କୌଶଳରେ ଶ୍ରୀରାମଙ୍କୁ ଡକେଇ ପଠେଇଲେ। ସୁମନ୍ତ ଦଶରଥଙ୍କ ନିର୍ଦ୍ଦେଶକୁ ଅପେକ୍ଷା କଲେ। ରାଜା ଦଶରଥ ମଧ୍ୟ ସୁମନ୍ତଙ୍କୁ କହିଲେ- ପ୍ରିୟ ରାମଙ୍କୁ ଏଠାକୁ ଡକାଇ ଆଣ।

ରାମଚନ୍ଦ୍ର ଖବର ପାଇ ତୁରନ୍ତ ପିତାଙ୍କ ପାଖରେ ପହଂଚିଲେ। ସେ ପିତାଙ୍କଠାରୁ କିଛି ଶୁଣିବା ପୂର୍ବରୁ କୈକେୟୀ ଚାତୁରୀ ଦେଖାଇ ଦଶରଥଙ୍କ ପ୍ରତିଜ୍ଞା କଥା କହିଲେ ଓ ତାଙ୍କ ବର କଥା ମଧ୍ୟ କହିଲେ।

-ରାଜା ଦଶରଥ ସତ୍ୟବାଦୀ ରାଜା। ତୁମେ ଜଣେ ପିତୃଭକ୍ତ ପୁତ୍ର। ଏବେ ମୋ ଦୁଇଟି ବର ବଦଳରେ ମୁଁ ଦୁଇଟି କଥା ମାଗୁଛି। କହିଲେ କୈକେୟୀ।

-ପିତାଙ୍କ ପ୍ରତିଜ୍ଞା ପୂରଣ କରିବା ମୋର ପରମ ଭାଗ୍ୟ ହେବ । ଆପଣ କୁହନ୍ତୁ- କି ପ୍ରକାରେ ଆପଣଙ୍କୁ ବର ମିଳି ପାରିବ।

-ଅଯୋଧ୍ୟାର ରାଜା ଭରତ ହେବ ଓ ତୁମେ ଚଉଦ ବର୍ଷ ଲାଗି ବନବାସ ଯିବ। ରାମଙ୍କୁ କହିଲେ କୈକେୟୀ।

ମାତା କୈକେୟୀଙ୍କ କଥା ଶୁଣି ଶ୍ରୀରାମ ସ୍ମିତ ହସ ଦେଲେ ଓ କହିଲେ - ହେ ମାତେ ! ମୋର ଏ ପରମ ସୌଭାଗ୍ୟ ଯେ ମୁଁ ପିତୃ ସତ୍ୟ ପାଳନ କରିବାକୁ ସୁଯୋଗଗକୁ ପାଇଛି। ସେଥିଲାଗି ମୁଁ ଆପଣଙ୍କ ପାଖରେ କୃତଜ୍ଞ। ଦ୍ୱିତୀୟ କଥା- ଅନୁଜ ଭରତ ରାଜା ହେଲେ ମୁଁ ଅତ୍ୟନ୍ତ ଖୁସି ହେବି। ତେଣୁ ମୁଁ ପିତୃ ସତ୍ୟ ପାଳନ କରିବି ଓ ଚଉଦ ବର୍ଷ ବନବାସ ଯିବି।

ଶ୍ରୀରାମଙ୍କ କଥା ଶୁଣି ଦଶରଥଙ୍କ ହୃଦୟ ଭାଙ୍ଗି ପଡ଼ିଲା। ସେ ବାରମ୍ବାର ମୂର୍ଚ୍ଛା ଗଲେ। ମାତ୍ର କୈକେୟୀଙ୍କ ହୃଦୟରେ ଟିକେ ବି ପରିବର୍ତ୍ତନ ହେଲାନି।

ଧୀରେ ଧୀରେ ଏ ଖବର ଅନ୍ୟ ରାଣୀମାନଙ୍କ ପାଖରେ ପହଂଚିଗଲା। ଅଯୋଧ୍ୟାର ନରନାରୀ କ୍ରନ୍ଦନ କଲେ। ରାମଚନ୍ଦ୍ର ମାତା କୈକେୟୀଙ୍କୁ ପ୍ରଣାମ କରି ତାଙ୍କ ଅନ୍ତଃପୁରରୁ ବାହାରି ଆସିଲେ।

ଆଜି କଥା ଏଇଠି ରହିଲା। ପୁଣି କାଲି ଆଉ ସବୁ କଥା କହିବି। ମିନା ଅପା କଥା ସାରିଲେ।

(କ୍ରମଶଃ)

♥ (ମୋ) ୯୯୮୦୩୦୦୭୫୧

---

କବିତା

ତୁମ ପାଇଁ

## ମୁଗୁରା ପଛଟା ମେଳା

### ରାମଚନ୍ଦ୍ର ସେଠୀ

ଘଳଘାଳ ଖାଲି ଡେଇଁଲେ ମାଛ
ବାପ ପୁଅଙ୍କର ବିଲେ
କଥା ହେଲେ ଦୁହେଁ ଧରିବେ ମାଛ
ମୁଗୁରା ନେଇକି ଗଲେ।

ମୁଗୁରା ବସେଇ ହିଡ଼ରେ ଗୋଟେ
କରିଦେଲେ ବଡ଼ ଘାଇ
ଘୁ ଘୁ ପାଣି ପଡ଼ିଗଲା ଖସି
ମୁଗୁରା ଭିତରେ ଯାଇ।

ଗୋଟିଏ ଗୋଟିଏ ଗଡ଼ିଲେ ମାଛ
ପଡ଼ିଲେ ମୁଗୁରା ତଳେ
ସକାଳେ ଆସିବା ମାଛକୁ ନେବା
ବାପପୁଅ କଥା ହେଲେ।

ନିଦ ହେଲା ନାହିଁ ସାରା ରାତିଯାକ
ସକାଳୁ ଧାଇଁଲେ ଉଠି
ଧଇଁ ସଇଁ ହେଇ ପାଛିଆ କାଖେଇ
ପହଂଚିଲେ ଯାଇ ସେଠି।

ଦେଖିଲେ ମୀନ କି କରାଣ୍ଡି ପଡ଼ିନି
ମୁଗୁରା ପଛଟା ମେଳା
ଏ ପଟରେ ଯେଉଁ ପଶିଲା ମାଛ
ସେପଟେ ବାହାରି ଗଲା।

♥ହାତୀମୁଣ୍ଡା, ବାଣପୁର, ଖୋର୍ଦ୍ଧା

## ବଣରେ ସଭା

### ଝରଣା ମଲ୍ଲିକ୍

ବଣ ମୂଲକେ ବସିଲା ସଭା
ସଭାପତିଙ୍କ ପାଇଁ
ପଶୁ, ପକ୍ଷୀତ ଏକାଠି ହେଲେ
ମଣିଷ ଦେଖା ନାହିଁ।

ସଭାର ପରେ ସ୍ଥିର ହୋଇଲା
ବାଘ ଯେ ସଭାପତି
ମଣିଷ ଜାତି ଶତ୍ରୁ ଆମର
ନିଇତି ରାଜନୀତି।

ସ୍ୱାର୍ଥପର ସେ ମାନେନା କିଛି
ଜଙ୍ଗଲ ଧ୍ୱଂସ କରେ
ବଣ ମୂଲକ ଫଳ, ଫୁଲକୁ
ନିଇତି ବିକ୍ରି କରେ।

ଜଙ୍ଗଲ ସଫା କରି ଦେଲାଣି
କାଠର ସରଞ୍ଜାମ
ଖଟ, ଚଉକି, ଘର, କରଇ
ବୁଝେନା ସେ ନିୟମ
ପଶୁ, ପକ୍ଷୀତ ଗାଆଁରେ ପଶି
ଛେଳି, କୁକୁଡ଼ା ଖାଏ
ଖାଦ୍ୟ ଅଭାବେ ଜଙ୍ଗଲ ପ୍ରାଣୀ
ମଣିଷ ରକ୍ତ ପିଏ।

♥ମାଣିଖମ୍ବ, ମୋତିଗଂଜ, ବାଲେଶ୍ୱର
ମୋ: ୯୨୩୮୫୭୪୫୦୩

## ପଢିବାକୁ ଦିଅ ଛାଡ଼ି

### ଶିଶିର କୁମାର ପଣ୍ଡା

ଦୀପା ସିପୁ ବସି ପାଠ ପଢୁଥିଲେ
ଦୀପାକୁ ଡାକିଲା ଆଇ
କହିଲା, ହଇଲୋ ପାଠ ତୁ କାହିଁକି
ଭାଇ ପାଖେ ପଢୁ ଯାଇ ?

ପାଠ ପଢ଼ି ତୁହି କି ଲାଭ କହିଲୁ
ସରଗ କାହାକୁ ନବୁ
ଝିଅ ହୋଇ ଯଦି ପାଠ ତୁ ପଢ଼ିବୁ
ଖାଲି ବଦନାମ ହବୁ ।

ଘର କାମ ତେଣେ କାହିଁରେ କେତେଯେ
ସେକଥା ଦିଶୁନି ତତେ
ପାଠ ପଢ଼ି ଭାବୁ ଡାକତର ହବୁ
ମରଣ ନାଇଁଲୋ ମତେ !

ଆର ଘରେ ଥାଇ ସବୁ ଶୁଣୁଥିଲେ
ମୋ ମାଉସୀ ପୁଅ ଭାଇ
ପଦାକୁ ଆସିକି କହିଲେ, ହଇଲୋ
ପାଗଳୀ ହେଲୁ କି ଆଇ ?

ଝିଅ ମାନଙ୍କୁ ତୁ କଅଣ ଭାବୁଛୁ
ନାହିଁତ ସେ ଯୁଗ ଆଉ
କିଛି ନ ଜାଣିକି ଦୀପାଟା ଉପରେ
ହେଉ ଖାଲି ରାଉରାଉ !

ଆଜିକା ଯୁଗରେ ପୁଅ ଠାରୁ ଝିଅ
କେଉଁଠି କଅମ ନୁହେଁ
ଇଚ୍ଛାଶକ୍ତି ଥିଲେ , ସୁଯୋଗ ପାଇଲେ
ଜହ୍ନ ରାଇଜକୁ ଛୁଏଁ ।

ପୁଅ ଝିଅ କିଛି ଫରକ ନ ଦେଖି
ପଢ଼ିବାକୁ ଦିଅ ଛାଡ଼ି
ଝିଅ ଖାଲି ଘର କାମ ଯେ କରିବ
ଏକଥା ମନରୁ କାଢ଼ି ।

♥କୁଆଁସ, ମେରଦାକାଟିଆ, ଯାଜପୁର
ମୋ: ୮୯୮୧୭୩୭୨୨୮

## ପାଠ ପଢ଼ିବ ବସି

### ଜୟନ୍ତ କୁମାର ମଲ୍ଲିକ୍

ରାତି ପାହିଲା ସକାଳ ହେଲା
କାଉଟେ ଆସେ ଉଡ଼ି
ବୁଝେଇ କୁହେ କେତେଯେ କଥା
ପକେଇ କାଆ ରଡ଼ି ।

ଆକାଶେ ଚାହିଁ ଦେଖରେ ପିଲେ
ସୂରୁଯ ଆସେ ଧାଇଁ
ଅଳସ ପଣେ ନ ଶୁଅ ଆଉ
ବେଳ ମିଳିବ ନାହିଁ ।

ଭୋକ ଲାଗିଲେ ଖାଇବ ପିଲେ
ମାଆ ଯା' ଦେବେ ବାଢ଼ି
ଇସ୍କୁଲ ଯିବ ସାବଧାନରେ
ଦେଖି ମଟର ଗାଡ଼ି ।


ବାମ ପଟରେ ଚାଲିବ ତୁମେ
ସାଥି ପିଲାଙ୍କୁ ନେଇ
ନିଜ ଭିତରେ କଳି ଝଗଡ଼ା
କରିବ ନାହିଁ କେହି ।

ନ ରାଗି କାହା ଉପରେ ପିଲେ
ମୁରୁକି ଦେବ ହସି
ଗୁରୁଙ୍କ କଥା ମାନିବ , ଆଉ
ପାଠ ପଢ଼ିବ ବସି ।

♥ଶୂରଡିହ , ନନ୍ଦିପୁର , ଯାଜପୁର
ମୋ: ୯୪୩୭୮୬୫୭୨୭

---

# କୁହୁକ ଘର



ବିନୟ କୁମାର ଦାସ



ଲେଖକଜଣକ ସବୁବେଳେ କିଛି ନା କିଛି ଲେଖାଲେଖି କରିବାରେ ବ୍ୟସ୍ତ ରହୁଥିଲେ । ତାଙ୍କ ଲେଖାମାନ ବିଭିନ୍ନ ସମ୍ବାଦପତ୍ର ଆଉ ପତ୍ରପତ୍ରିକାରେ ଛପା ହେଉଥାଏ । ପାଠକପାଠିକାମାନେ ଫୋନ୍ ରେ ବା ଚିଠିରେ ତାଙ୍କୁ ବହୁତ ପ୍ରଶଂସା ବି କରୁଥିଲେ । ଏ ସବୁକୁ ଲକ୍ଷ୍ୟ କରି ଲେଖକଙ୍କ ପତ୍ନୀ ଦିନେ ତାଙ୍କୁ କହିଲେ, " ତୁମେ ତ କେତେ କଣ ଲେଖୁଛ , ଥରେ ମୋ ବିଷୟରେ ବି କିଛି ଲେଖ ।"

"ନିଶ୍ଚୟ ଲେଖିବି । ଏମିତି ଅନୁରୋଧ ତୁମେ କେବେ ତ କରି ନଥିଲ । ଆଜି କରିଛ ମାନେ ଆଜି ପ୍ରଥମେ ସେଇ କଥା ହିଁ ଲେଖିବି । "

" ବାଃ, ତୁମେ ତୁମର ଆରମ୍ଭ କର , ମୁଁ ଯାଉଛି ତୁମ ପାଇଁ ତୁମର ପ୍ରିୟ ଅଦାଛେଚା ଚା କପେ ତିଆରି କରି ଆଣୁଛି ।"

ଚା ପିଇ ସାରି ଲେଖକ ଆରମ୍ଭ କରିଦେଲେ ଏକ ଲେଖା..ତା ନାମ ଦେଲେ " ଆମ କୁହୁକ ଘର ।"

ମୁଁ , ମୋ ପତ୍ନୀ ଆଉ ଆମର ଦୁଇଟି ପିଲା ଏକ କୁହୁକଘରେ ବାସ କରୁଛୁ । ଆମକୁ ଭୋକ ଲାଗିବା ପୂର୍ବରୁ ଯଥା ସମୟରେ ଆମକୁ ଭୋଜନ ମିଳିଯାଏ । ତାହା ପୁଣି ଯିଏ ଯାହା ପସନ୍ଦ କରେ..ସେମିତି ରନ୍ଧା ଖାଦ୍ୟ । ତେଣୁ ଖାଇବା ପିଇବାରେ ଆମର କେବେ କିଛି ଅସୁବିଧା ହୁଏ ନାହିଁ । ମୁଁ ଅଫିସରୁ ଆଉ ପିଲାମାନେ ସେମାନଙ୍କର ସ୍କୁଲରୁ ଫେରି ନିଜ ନିଜର ଜୋତା ଖୋଲି ରଖି ଦେଉ । ପରଦିନ ଦେଖିଲା ବେଳକୁ ସେ ଜୋତା ପାଲିସ୍ ହୋଇ ଚକଚକ୍ ଦିଶୁଥାଏ । ଆମ ଘରେ ଯେଉଁ ଡଷ୍ଟବିନ୍ ରହିଛି , ସେଥିରେ ପ୍ରତିଦିନ ଘରର ଯାବତୀୟ ଅପରିଷ୍କାର ପଦାର୍ଥ ରଖା ଯାଉଥାଏ, କିନ୍ତୁ ରାତି ପାହିବା ପୂର୍ବରୁ ସେ ଡଷ୍ଟବିନ୍ ପୂରା ସଫା ହୋଇଯାଇଥାଏ । ଆମ କୁହୁକ ଘରେ ପିଲାମାନେ ଖେଳାଖେଳି କରିବା ପରେ ଝାଳ ଲାଗି ସେମାନଙ୍କ ପୋଷାକପତ୍ରରୁ ଦୁର୍ଗନ୍ଧ ବାହାରେ ସିନା , ହେଲେ ତହିଁ ପରଦିନ ସେଗୁଡିକ ସଫା ସୁତୁରା ହୋଇ ସୁନ୍ଦର ଦେଖାଯାଏ । ଯେଉଁ ଜିନିଷପତ୍ର ଆଜି ଏଣେତେଣେ ଘର ଭିତରେ ପଡିଥାଏ, ତାହା କିଛି ସମୟ ପରେ ସବୁ ବ୍ୟବସ୍ଥିତ ହୋଇଯାଏ । ଆମ କୁହୁକ ଘରେ ସାରା ଦିନ ମାଆ..ମାଆ ଡାକ ଅତି କମ୍ ରେ ଶହେଥର ଶୁଣା ଯାଉଥାଏ । ମାଆ, ମୋ କ୍ଲିପ୍ କୁଆଡେ ଗଲା ଯେ ...ମାଆ, ମୋ ରଫ୍ ଖାତା ମିଳୁନି । ମାଆ, ମୋ ହୋମ୍ ଟାସ୍କରେ ମୋତେ ଟିକେ ସାହାଯ୍ୟ କର ନା । ମାଆ..ଦେଖିଲ, ଭାଇ କେମିତି ମୋତେ ବାଡଉଛି । ମାଆ...ରୁନି ମୋତେ ଖାଲି ଭୂତୁଣି କହି ଚିଡାଉଛି ।

ମୋ କୁହୁକଘରେ ମୋ ପିଲାମାନେ ସବୁବେଳେ କେବେ ବି କିଛି ପ୍ରକାରର ସମସ୍ୟାର ସମ୍ମୁଖୀନ ହୁଅନ୍ତି ନାହିଁ । ମାଆ.. ମୋ ଟିଫିନ୍ ବକ୍ସ ଟିକେ ଜଲଦି ସଜାଡି ଦିଅ କହିଲା ମାତ୍ରେ ସେତକ ହୋଇଯାଏ । ମାଆ.. ଦେଖିଲ କେମିତି ବର୍ଷାପାଗ... ଆଜି ନା ଗରମାଗରମ ପକୋଡି ଖାଇବାକୁ ଭାରି ଇଚ୍ଛା ହେଉଛି । ବାସ୍..କେଇଟା ମିନିଟ୍ ଭିତରେ ସେତକ ରେଡି ହୋଇଯାଏ । ହଁ ସତ.. ପରା, କୁହୁକଘର ଯେ .. ସେମିତି ତ ହେବ । ମୋ ପିଲାମାନେ ଶୋଇବା ପୂର୍ବରୁ ଦିନେ ଦିନେ ଗପ ଶୁଣିବାକୁ ମନ କରିଥାନ୍ତି... ସେତକ ବି ଭଗବାନଙ୍କ ଦୟାରୁ ପୂରଣ ହୋଇଯାଏ । ସକାଳୁ ମୋ ନିଦ ଭାଙ୍ଗିଲେ ପ୍ରଥମେ ଶୁଣେ କେହି ଜଣେ ମାଆ ବୋଲି ଡାକୁଥିବ । ଶୋଇବାକୁ ଗଲା ବେଳେ ବି ସେମିତି ମାଆ ଡାକ ମୁଁ ଶୁଣିବାକୁ ପାଏ । ଏମିତି କି ଭିକାରୀଟିଏ ଆସିଲେ ବି ସେଇ ଡାକ..ମାଆ ।

ତେବେ ଶେଷରେ ଖାଲି ଏତିକି କହିବି...ଏମିତି କୁହୁକ ଘର କେବଳ ଏକୁଟିଆ ମୋର ନାହିଁ । ସମସ୍ତଙ୍କର ଏମିତି କୁହୁକ ଘରଟିଏ ନିଶ୍ଚୟ ରହିଛି । ଆଉ ସେ କୁହୁକ ଘରର ଯାଦୁକର କେବଳ ହିଁ ମାଆ ଅଟନ୍ତି । ଈଶ୍ୱର କରନ୍ତୁ, ସଂସାରରେ ସମସ୍ତେ ଏମିତି କୁହୁକଘରେ ଶାନ୍ତିରେ ବାସ କରନ୍ତୁ । ସେଇ ଅସଲ ଯାଦୁକରଙ୍କୁ ସମସ୍ତେ ସମ୍ମାନ ଆଉ ଶ୍ରଦ୍ଧା ପ୍ରଦାନ କରୁଥାନ୍ତୁ ।

ଆରେ ବାଃ...ବେଶ୍ ସଜାଇ ମଜାଇ କି ତ ଲେଖିଦେଲ । କୋଉ କାଗଜକୁ ଦେବ ନା ଏମିତି ଖାଲି ମୋ ହାତରେ ଧରାଇ ଦେବ ବା ?

ପତ୍ନୀଙ୍କ କଥା ଶୁଣି ଲେଖକ ଚମକି ପଡିଲେ । ପତ୍ନୀ ଯେ ପଛଆଡେ ଛିଡା ହୋଇ ମୂଳରୁ ଲେଖାଟିକୁ ପଢୁଥିଲେ, ସେତକ ସେ ଜାଣି ପାରି ନଥିଲେ ।


♥ଅନାମିକା ନୀଡ, ଅଂଗାରଗଡିଆ, ବାଲେଶ୍ୱର-୧

---

 କନ୍ଦର୍ପ ବେହେରା

# ଏକାଗ୍ରତା

ଥରେ ମହର୍ଷି ବ୍ୟାସ ତାଙ୍କର ପୁତ୍ର ଶୁକଙ୍କୁ ରାଜା ଜନକଙ୍କ ପାଖକୁ ପଠାଇଲେ । ରାଜା ଜନକଙ୍କଠାରୁ ତାଙ୍କ ପୁତ୍ର ଦୀକ୍ଷା ଗ୍ରହଣ କରିବେ । ଶୁକ ରାଜଭବନ ପାଖକୁ ଗଲେ । ରାଜଭବନ ପାଖରେ ଥିବା ଦ୍ୱାର ପାଖକୁ ଯାଇ ନିର୍ବିକାର ଭାବରେ ଠିଆ ହେଲା । ବାଳକ



ଜଣଙ୍କ କଣ ପାଇଁ ଠିଆ ହୋଇଛି କେହି ବି ଜାଣି ପାରିଲେ ନାହିଁ ।

କିଛି ସମୟ ସେମିତି ଠିଆ ହେବା ପରେ ଜଣେ ବ୍ୟକ୍ତି ଆସନଟିଏ ଧରି ଆସିଲେ । ବାଳକକୁ କିଛି ବି ନ କହି ଆସନଟି ଥୋଇଦେଲେ ସେଠାରେ । ଶୁକ ଆସନ ଉପରେ ବସି ପଡିଲା । ଏମିତି ଦୁଇଦିନ କାଳ ଶୁକ ସେମିତି ନିର୍ବିକାର ଭାବରେ ବସି ରହିଥାଏ ।

ରାଜ ଦରବାବରେ ସମସ୍ତେ ନିଜ ନିଜ କାର୍ଯ୍ୟରେ ବ୍ୟସ୍ତ ରହିଥାନ୍ତି । କେହି ବି ବ୍ୟକ୍ତି ଆସି ତାକୁ ପଚାରି ବୁଝୁ ନାହାନ୍ତି ତୁମେ କାହାକୁ ଭେଟିବାକୁ ଆସିଛ । କଣ କାମ ଦରକାର ତୁମର ? ଶୁକ କିଛି କଥା ନ କହି ସେମିତି ବସିଥାନ୍ତି ।

କିଛି ଦିନ ପରେ ଜଣେ ବ୍ୟକ୍ତି ଆସିଲେ ବାଳକ ପାଖକୁ । ବାଳକଟି ସେମିତି ନିର୍ବିକାର ଭାବରେ ବସିଥିବା ଦେଖି ତାଙ୍କୁ ରାଜଭବନ ଭିତରକୁ ନେଇଗଲେ । ବହୁ ଦିନ ପର୍ଯ୍ୟନ୍ତ ରାଜଭବନରେ ବାଳକ ଶୁକ ସେମିତି ଏକୁଟିଆ ରହିଲେ । ରାଜଭବନ ପରିସରରେ ସମସ୍ତ ପ୍ରକାର ସୁଖସୁବିଧା ମଧ୍ୟ ତାଙ୍କୁ ଦିଆଗଲା । ହେଲେ ବାଳକଟିର କୌଣସି ପ୍ରକାର ପରିବର୍ତନ ଦେଖାଗଲା ନାହିଁ । ସେମିତି ବସି ରହିଥାଏ ବାଳକଟି ।

ଶେଷରେ ଜଣେ ମନ୍ତ୍ରୀ ବାଳକ ପାଖକୁ ଆସିଲେ । କହିଲେ ରାଜା ଜନକ ତୁମକୁ ଯିବା ପାଇଁ କହିଛନ୍ତି । ତୁମେ ମୋ ସାଥିରେ ଆସ । ମନ୍ତ୍ରୀ ବାଳକକୁ ରାଜା ଜନକ ପାଖକୁ ନେଇଗଲେ ।

ରାଜା ବାଳକଟି ଆସିଥିବାରୁ ତାକୁ ପରୀକ୍ଷା କରିବା ପାଇଁ ପାଣି ଭର୍ତୀ ଏକ କଳସ ହାତରେ ଦେଇ କହିଲେ, ରେ ବାଳକ ତୁମେ ଏଇ କଳସଟି ଧରି ରାଜଭବନ ଚାରିପଟେ ସାତଥର ବୁଲି ଆସ । ଯେମିତି ପାଣି ଭର୍ତୀ କଳସରୁ ବୁନ୍ଦାଏ ବି ପାଣି ତଳେ ପଡି ନ ଯାଏ ।

ରାଜା ଜନକଙ୍କ କଥାରେ ବାଳକଟି ରାଜି ହୋଇଗଲା । ହାତରେ ପାଣି ଭର୍ତ୍ତୀ କଳସକୁ ଧରି ରାଜଭବନ ଚାରିପଟେ ସାତଥର ବୁଲିଲା । ଶେଷରେ ରାଜା ଜନକଙ୍କ ପାଖକୁ ଆସିଲେ । ବାଳକ ଶୁକ ରାଜା ଜନକଙ୍କ ପାଖକୁ ଯାଇ କହିଲା - ମହାରାଜ ! ଆପଣଙ୍କର ଆଦେଶ ଅନୁଯାୟୀ ପାଣି ବୁନ୍ଦାଏ ବି ତଳେ ପକାଇ ନାହିଁ । ରାଜା ଦେଖିଲେ ଯେ, ବାଳକର ଚେହେରାରେ ଟିକିଏ ପରିବର୍ତନ ହୋଇଯାଇଛି । ଆଉ ମୁଁ କହିଥିବା ନିର୍ଦ୍ଦେଶକୁ ସେ ପାଳନ କରିଛି । ମନ ଭିତରେ ସନ୍ତୋଷଭାବ ଥିବାର ରାଜା ଅନୁମାନ କଲେ । ବାଳକଠାରୁ କଳସକୁ ରାଜା ଗ୍ରହଣ କରି କହିଲେ ପୁତ୍ର, ବ୍ୟାସ ମୁନି ଯେଉଁ ଶିକ୍ଷା ଗ୍ରହଣ କରିବାକୁ ତୁମକୁ ମୋ ପାଖକୁ ପଠାଇଥିଲେ ଏବେ ତାହା ପୂର୍ଣ୍ଣ ହୋଇଯାଇଛି । ବର୍ତମାନ ତୁମର ଆଉ ଜ୍ଞାନର ଆବଶ୍ୟକତା ନାହିଁ ।

ଶୁକ କହିଲା- ମହାରାଜ ଆପଣଙ୍କ ଆର୍ଶୀବାଦ ହିଁ ମୋତେ ବହୁ ଶିକ୍ଷା ଦେଇଛି ।

ରାଜା ଜନକ କହିଲେ - ମୁଁ ଏକ ସପ୍ତାହ ହେଲା ତୁମର ପରୀକ୍ଷା କରୁଥିଲି । ଦୁଃଖ ଏବଂ ସୁଖ ଦଶା ତୁମ ପାଖରେ ଥିବାର ମୁଁ ଦେଖିପାରିଲି ନାହିଁ । ତୁମ ବ୍ୟବହାର ଅତିସରଳ ସ୍ୱଭାବ । ମୋହମାୟା, କ୍ରୋଧ, ଲୋଭ, ଅହଂକାର ଏବଂ ସୁଖ, ଦୁଃଖ ଆଦି ସବୁ ତୁମ ପାଖରେ ନାହିଁ । ତେଣୁ ତୁମେ ଆଜି ମୋର ପରୀକ୍ଷାରେ ବିଜୟ ଲାଭ କରିଛ ।

ଏକାଗ୍ରତା ହିଁ ଜୀବନର ଶେଷ ଦୀକ୍ଷା ବୋଲି ଭାବିବାକୁ ହେବ । ମୋର ବିଶ୍ୱାସ ତୁମେ ତୁମର ପିତା ବ୍ୟାସ ଏବଂ ସମାଜର ଗରୀବ , ଖଟିଖିଆ, ଦୀନହୀନ ମାନଙ୍କର ସେବା କରିବ ।

♥କବି କୁଟୀର , ସା/ପଡୋ-ଡଇଁଚା ,ଭାୟା-ରେଢାଖୋଲ, ଜି-ସମ୍ବଲପୁର , ପିନ୍-୭୬୮୧୦୬ , ମୋ-୭୦୭୭୫୭୯୩୧୭

# ଗଣତନ୍ତ୍ରରେ ଲୋକଙ୍କ ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରାନଯାଉ : ସମୀର ମହାନ୍ତି


ଭୁବନେଶ୍ୱର,୧୮/୨ (ନି.ପ୍ର): ଚଳିତ ତ୍ରିସ୍ତରୀୟ ପଚାଂୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ଗତକାଲି ଶେଷ ହୋଇଛି । ଗତ ୨୦୧୭ ପଂଚାୟତ ନିର୍ବାଚନ ସମୟରେ ବିଜେଡିର ରାଜନୈତିକ ହିଂସାରେ ଆମ ଦଳର ୧୩ ଜଣ କାର୍ଯ୍ୟକର୍ତାଙ୍କ ମୁଣ୍ଡ ଗଡ଼ି ଥିଲାବେଳେ ପରବର୍ତୀ ସମୟରେ ମାହାଙ୍ଗା ଡବଲ ମର୍ଡର ଏବଂ ଏବେ ଭଦ୍ରକରେ ଜଣଙ୍କର ମୃତ୍ୟୁ ପ୍ରସଙ୍ଗରେ ଏପର୍ଯ୍ୟନ୍ତ ବି ମୁଖ୍ୟମନ୍ତ୍ରୀ ମୁହଁ ଖୋଲି ନାହାଁନ୍ତି । ରାଜ୍ୟରେ ରାଜନୈତିକ ହିଂସା ପ୍ରସଙ୍ଗରେ ବିଜେଡିର ଜବାବ୍ ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି । ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାନ୍ତି କହିଛନ୍ତି ଯେ, ବିଜୁ ଜନତା ଦଳର ପ୍ରତାପ ଜେନା, ସୁଶାନ୍ତ ସିଂହ, ଦିବ୍ୟଶଙ୍କର ମିଶ୍ର, ସଞ୍ଜୟ ଦାସବର୍ମାଙ୍କ ଭଳି ଦାଗୀ ନେତାଙ୍କୁ ନବୀନ ନିଜର ଛତ୍ର ଛାୟା ତଳେ ରଖିଛନ୍ତି । ସେମାନେ ବିଭିନ୍ନ ହିଂସାରେ ସମ୍ପୃକ୍ତ ଥିଲେ ମଧ୍ୟ ତାଙ୍କ ଉପରେ କାହିଁକି କିଛି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ । ତେଣୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାଢ଼େ ୪କୋଟି ଓଡ଼ିଶାବାସୀଙ୍କୁ ନୈତିକତାର ଭାଷା କହି ନିଜକୁ ଲଜ୍ଜିତ କରନ୍ତୁ ନାହିଁ । ସତସାହାସ ଥିଲେ ନିର୍ବାଚନକୁ ମୁକ୍ତ, ଅବାଧ ଓ ନିରପେକ୍ଷ ଭାବେ ଅନୁଷ୍ଠିତ କରାଇବା ପରିପ୍ରେକ୍ଷୀରେ ରାଜନୈତିକ ଜବାବ ରଖିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଶ୍ରୀ ମହାନ୍ତି ଖୋଲା ଆହ୍ୱାନ ଦେଇଛନ୍ତି ।



ଦିନକୁ ଦିନ ନବୀନ ବାବୁଙ୍କ ସରକାରରେ ଅରାଜକତା ଓ ହିଂସା ଶୀର୍ଷରେ ପହଂଚିଛି । ଗତ କାଲି ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ଧର୍ମଶାଳା, ଯାଜପୁର, ବ୍ରହ୍ମଗିରି, ଅନୁଗୋଳ, ହିନ୍ଦୋଳ, ଭଦ୍ରକ, କଣାସ, ନୟାଗଡ଼, ଜଳେଶ୍ୱର, ବାଙ୍ଗିରିପୋଷୀ, ଭଟଲି ଓ ପାଟଣାଗଡ଼ ସମେତ ପିପିଲି, ବଲାଙ୍ଗିର, କନ୍ଧମାଳ, ଝାରସୁଗୁଡ଼ା ସମେତ ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ହୋଇଥିବା ହିଂସାକାଣ୍ଡରେ ଶାସକ ଦଳର କର୍ମୀମାନେ ସିଧାସଳଖ ସମ୍ପୃକ୍ତ ।ବିଜୁ ଜନତା ଦଳର ଗୁଣ୍ଡାରାଜ ପାଇଁ ନାଗରିକମାନେ ଭୋଟ ଦେବାକୁ ବୁଥକୁ ଯିବାକୁ ଭୟ କରୁଛନ୍ତି । ଶାସକ ଦଳ କର୍ମୀମାନଙ୍କ ପ୍ରାଦୁର୍ଭାବ ଏତେ ଅଧିକ ଯେ ଗଣମାଧ୍ୟମ ପ୍ରତିନିଧିଙ୍କୁ ବାଡେବାରେ ସେ ପଛଘୁଂଚା ଦେଇନାହାନ୍ତି ।

ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ରେ ସ୍ଥାନୀୟ ବିଧାୟକଙ୍କ ଭାଇ ପୁଲିସ ଗାଡିରେ ଟଙ୍କା ବାଂଟୁଥିବା ଭିଡିଓ ମଧ୍ୟ ଭାଇରାଲ ହୋଇଛି । ସେହିପରି ଝାରସୁଗୁଡା ଜିଲ୍ଲାର ଲଖନପୁରରେ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ସରକାରଙ୍କ ପ୍ରଭାବଶାଳୀ ମନ୍ତ୍ରୀଙ୍କ ଝିଅ ଦିନ ଦ୍ୱିପହରରେ ଏସଏସଜି ଗ୍ରୁପ ସହ ମିଶି ଟଙ୍କା ବାଂଟୁଛନ୍ତି । ଏପରିକି ଶାସକ ଦଳର କର୍ମୀମାନେ ଭୋଟ ଜବରଦଖଲ କରୁଥିବାର ଭିଡିଓ ମଧ୍ୟ ଭାଇରାଲ ହେଉଛି । ଏନେଇ ବିଜୁ ଜନତା ଦଳର ମୁଖିଆ ଗଣମାଧମ ଆଗରେ ନିଜର ଉତର ରଖିବାକୁ ଶ୍ରୀ ମହାନ୍ତି ଦାବୀ କରିଛନ୍ତି । ଓଡ଼ିଶା ପ୍ରଶାସନ, ଡିଜିପି ଶାସକ ଦଳର ଇଙ୍ଗିତରେ କାମ ନକରି ଠିକ ଭାବରେ ନିଜର କାର୍ଯ୍ୟ କରିବା ସହ ଲୋକମାନଙ୍କୁ ବୁଥରେ ସୁରକ୍ଷିତ ଦିଅନ୍ତୁ । ସେହିପରି ରାଜ୍ୟ ନିର୍ବାଚନ କମିଶନ ଆଗାମୀ ପର୍ଯ୍ୟାୟର ମତଦାନ କିଭଳି ଶାନ୍ତିପୂର୍ଣ୍ଣ ହେବ, ସେ ଦିଗରେ ଧ୍ୟାନ ଦେବାକୁ ଶ୍ରୀ ମହାନ୍ତି କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସାଧାରଣ ସଂପାଦକ ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା, ଗଣମାଧମର ପ୍ରମୁଖ ଦିଲୀପ ମଲ୍ଲିକ ଉପସ୍ଥିତ ଥିଲେ ।

# ପୁଣି ଖସିଲା ସଂକ୍ରମଣ : ଗତ ୨୪ ଘଣ୍ଟା ମଧ୍ୟରେ ୬୭୧କରୋନା ପଜିଟିଭ ଚିହ୍ନଟ



ଭୁବନେଶ୍ୱର,୧୮/୨ (ନି.ପ୍ର): ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୬୭୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୩୯୩ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୨୭୮ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିମଧ୍ୟରୁ ୧୩୧ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ-କିଶୋର ଥିବା ଜଣାଯାଇଛି । ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୦୩ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି ।

ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳରୁ ୨୨ ଜଣ, ବାଲେଶ୍ୱରରୁ ୧୨ ଜଣ, ବରଗଡ଼ରୁ ୧୬ ଜଣ, ଭଦ୍ରକରୁ ୭ ଜଣ, ବଲାଙ୍ଗୀରରୁ ୭ ଜଣ, ବୌଦ୍ଧ ଜିଲ୍ଲାରୁ ୧୬, କଟକରୁ ୩୧ ଜଣ, ଦେବଗଡ଼ରୁ ୬ ଜଣ, ଢେଙ୍କାନାଳରୁ ୫ ଜଣ, ଗଜପତିରୁ ୨୭, ଗଞ୍ଜାମରୁ ୧୧ ଜଣ, ଜଗତସିଂହପୁରରୁ ୧୨ ଜଣ, ଯାଜପୁରରୁ ୪୭ ଜଣ, ଝାରସୁଗୁଡ଼ାରୁ ୨୦ ଜଣ, କଳାହାଣ୍ଡିରୁ ୧୧ ଜଣ, କନ୍ଧମାଳରୁ ୧୩ ଜଣ, କେନ୍ଦ୍ରାପଡ଼ାରୁ ୧୯ ଜଣ, କେଉଁଝରରୁ ୯ ଜଣ, ଖୋର୍ଦ୍ଧାରୁ ୧୦୩ ଜଣ, କୋରାପୁଟରୁ ୩୯ ଜଣ, ମାଲକାନଗିରିରୁ ୨ ଜଣ, ମୟୁରଭଞ୍ଜରୁ ୨୨ ଜଣ, ନବରଙ୍ଗପୁରରୁ ୪, ନୟାଗଡ଼ରୁ ୧୮ ଜଣ, ନୂଆପଡ଼ାରୁ ୧୪ ଜଣ, ପୁରୀରୁ ୧୨ ଜଣ, ରାୟଗଡ଼ାରୁ ୯ ଜଣ, ସମ୍ବଲପୁରରୁ ୨୮ ଜଣ, ସୋନପୁରରୁ ୧, ସୁନ୍ଦରଗଡ଼ରୁ ୧୦୫ ଜଣ ଓ ଷ୍ଟେଟ ପୁଲରୁ ୨୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୨, ୮୧, ୪୫୫ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ୧୨, ୬୪, ୫୭୧ ଜଣ ସୁସ୍ଥ ହୋଇଛନ୍ତି । ଏବେ ବି ୭୮୫୫ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି ।

# ବିଜେପି ଚିନ୍ତାଧାରାରେ ଗଣମାଧମ ଅସୁରକ୍ଷିତ : ବିଜେଡି

ଭୁବନେଶ୍ୱର,୧୮/୨ (ନି.ପ୍ର): ପରାଜୟ ଭୟରେ ରାଜ୍ୟ ବିଜେପି ଏବେ ରକ୍ତମୁଖା ହୋଇଛି । ଦଳ ଯେଉଁ ଚିନ୍ତାଧାରା ନେଇ ଚାଲୁଛି ସେଥିରେ ଗଣମାଧମ ଆଦୌ ସୁରକ୍ଷିତ ନୁହେଁ । ଦେଶର ବିଜେପି ଶାସିତ ରାଜ୍ୟଗୁଡିକରେ ଗଣମାଧମ ପ୍ରତିନିଧି ମଧ୍ୟ ସୁରକ୍ଷିତ ନୁହନ୍ତି ।ଶାନ୍ତିପ୍ରିୟ ଓଡିଶାରେ ବିଜେପି ବିହାର ଓ ଉତରପ୍ରଦେଶ ଢାଂଚାରେ ହିଂସାକାଣ୍ଡ କରୁଥିବା କହିଛନ୍ତି ବିଜେଡିର ରାଷ୍ଟ୍ରୀୟ ମୁଖପାତ୍ର ଡକ୍ଟର ସସ୍ମିତ ପାତ୍ର ।

ବିଜେପି ସାମ୍ବାଦିକ ସମ୍ମିଳନୀର ଜବାବ ଦେଇ ରାଉରକେଲା ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଡକ୍ଟର ପାତ୍ର କହିଛନ୍ତି ଯେ ଓଡିଶା ହେଉଛି ଏକ ଶାନ୍ତିପ୍ରିୟ ରାଜ୍ୟ ଓ ବିଜେଡି ସବୁବେଳେ ଅହିଂସାରେ ବିଶ୍ୱାସ କରେ । ହେଲେ ନିର୍ବାଚନରେ ପରାଜୟ ଭୟରେ ବିଜେପି ଏବେ ରକ୍ତମୁଖା ହୋଇଛି ଏବଂ ରାଜ୍ୟର ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ କରୁଛି । ବିଜେପି ନେତାମାନେ ହିଂସାକାଣ୍ଡ ଭିଆଇବାରେ ଏକ୍ସପର୍ଟ । ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପରେ ବିଜେପି ଜାଣିଲାଣି ଯେ ବିଜେଡି ଏକ ବୃହତ ବିଜୟ ଆଡକୁ ଅଗ୍ରସର ହେଉଛି । ତେଣୁ ପରାଜୟ ଭୟରେ ବିଜେପି ତାହାର ପୁରୁଣା ଫର୍ମୁଲା ପକାଇ ଗଣ୍ଡଗୋଳ କରୁଛନ୍ତି ।

ଯଦି ଆଗାମୀ ଦିନରେ ବିଜେପି ଦିନକୁ ୩/୪ଟି ସାମ୍ବାଦିକ ସମ୍ମିଳନୀ କରି ବିଜେଡିକୁ ଗାଳିଦେବ ସେଥିରେ ଆଶ୍ଚର୍ଯ୍ୟ ହେବାର ନାହିଁ । ପିପିଲିରେ ବିଜେଡିର ଜିଲ୍ଲାପରିଷଦ ପ୍ରାର୍ଥୀଙ୍କୁ ଯେଭଳି ମରଣାନ୍ତକ ଆକ୍ରମଣ କରାଯାଇଥିଲା ତାହା ସମସ୍ତେ ଦେଖିଛନ୍ତି । ପାରଳାଖେମୁଣ୍ଡିରେ ବିଜେଡି ସମର୍ଥିତ ଜଣେ ସରପଞ୍ଚଙ୍କ ଉପରେ ବିଜେପି କର୍ମୀ ମରଣାନ୍ତକ ଆକ୍ରମଣ କରିଥିଲେ । ହେଲେ ଏ ଘଟଣାରେ ବିଜେପିର କୌଣସି ନେତା ମୁହଁ ଖୋଲୁ ନାହାନ୍ତି । ବିଜେପିର ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର ସରକାରୀ କର୍ମଚାରୀଙ୍କୁ ଆକ୍ରମଣ କରିବାକୁ ପଛାଉ ନଥିବାବେଳେ ଅତୀତରେ ବିଜେପୁରରେ ମନ୍ତ୍ରୀ ସୁଶାନ୍ତ ସିଂହଙ୍କ ଡ୍ରାଇଭରଙ୍କୁ ବିଜେପି କର୍ମୀମାନେ ସଂଘବଦ୍ଧ ଭାବେ ହତ୍ୟା କରିବାର ନଜିର ମଧ୍ୟ ରହିଛି ।ବିଜେପିର ନେତା ଓ କ୍ୟାଡରମାନେ ହିଂସାତ୍ମକ ନହୋଇ ଗଣତନ୍ତ୍ରର ଏହି ମହାପର୍ବରେ ଶାନ୍ତିଶୃଙ୍ଖଳାର ସହ ସାମିଲ ହୁଅନ୍ତୁ । ଯଦି ବିଜେପି ତାହାରା ହିଂସାତ୍ମକ ଆଚରଣ ପରିବର୍ତନ ନକରେ ତେବେ ପୂର୍ବଥର ଭଳି ଶାନ୍ତିପ୍ରିୟ ଓଡିଶାବାସୀ ଚଳିତ ନିର୍ବାଚନରେ ମଧ୍ୟ ଆପଣଙ୍କୁ ପରାଜୟର ରାସ୍ତା ଦେଖାଇଦେବେ ।

# ବିଜେପି- ବିଜେଡି ଆଚରଣ ବିଧି ଉଲ୍ଲଂଘନ କରୁଛନ୍ତି

## ନିର୍ବାଚନ ଆୟୋଗ କାର୍ଯ୍ୟାନୁଷ୍ଠାନ ନେଇପାରୁ ନାହାଁନ୍ତି : ସୁର ରାଉତରାୟ

ଭୁବନେଶ୍ୱର, ୧୭ ଫେବୃଆରୀ – ଦୁଇ ଶାସକ ଦଳ ବ୍ୟାପକ ଭାବେ ନିର୍ବାଚନ ଆଚରଣବିଧି ଉଲଙ୍ଘନ କରୁଥିବା ବେଳେ, ରାଜ୍ୟ ନିର୍ବାଚନ ଆୟୋଗ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଫଳ ହୋଇଛନ୍ତି ବୋଲି ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ କ୍ଷୋଭ ପ୍ରକାଶ କରିଛନ୍ତି ।

ଶ୍ରୀ ରାଉତରାୟ କହିଛନ୍ତି ଯେ, ଜଟଣୀ, ଖୋର୍ଦ୍ଧାଜିଲ୍ଲା ଏବଂ ରାଜ୍ୟର ଅନ୍ୟ ଅଂଚଳରେ ବିଜେଡ଼ି, ବିଜେପି ଦଳର ଆଚରଣ ବିଧିର ଖୋଲା ଉଲଙ୍ଘନ ସେ ପ୍ରତ୍ୟକ୍ଷ ଭାବରେ ଦେଖୁଛନ୍ତି । ବିଜେଡ଼ି, ବିଜେପି ଦଳର ପୂର୍ବତନ ସାଂସଦ, ପୂର୍ବତନ ବିଧାୟକ, ବିଧାୟକ, ସାଂସଦ, ମନ୍ତ୍ରୀ ଓ ଦଳୀୟ ପଦାଧିକାରୀମାନେ ଟଙ୍କାଥଳି ଧରି ବୁଲୁଛନ୍ତି । ମଦ, ମାଂସର ଆସର ଚାଲିଥିଲା ବେଳେ, ପୁଲିସ୍ ନୀରବଦ୍ରଷ୍ଟା । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କୁଶାସନ ପାଇଁ ଜନପ୍ରିୟତା ହରାଇଛନ୍ତି । ଏଣୁ ସାଧାରଣ ଲୋକଙ୍କୁ ଅର୍ଥ ବଳରେ କିଣିବା ପାଇଁ ଶାସକ ଦଳ ଆପ୍ରାଣ ଉଦ୍ୟମ କରୁଛି । ସାଧାରଣ ଭୋଟରଙ୍କ ଉପରେ ପୋଲିସ୍ ମାଧ୍ୟମରେ ମିଥ୍ୟା ମୋକଦ୍ଦମା ରୁଜୁର ଧମକ ଦିଆଯାଉଛି । ଶାସକ ଦଳର ଗୁଣ୍ଡାମାନେ ବିଭିନ୍ନ ସ୍ଥାନରେ ଆତଙ୍କରାଜ ଚଳାଇଛନ୍ତି । ମାତ୍ର ନିର୍ବାଚନ ଆୟୋଗ ଓ ପୋଲିସ୍ ନୀରବଦ୍ରଷ୍ଟା ସାଜିଛନ୍ତି ।

ବିଜେଡ଼ି ଦଳୀୟ ବିଧାୟକ ଓ ପଦାଧିକାରୀମାନେ ଭୋଟନଦେଲେ ଭତା କାଟିଦେବା, ରାସନକାର୍ଡ଼ କାଟି ଦେବାକୁ ଧମକ ଦେଇଛନ୍ତି । ଅନେକ ସ୍ଥାନରେ ରାସନକାର୍ଡ଼ର ଆବେଦନ ଫର୍ମ, ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତାର ଫର୍ମ ପୂରଣ କରାଇ ଭୋଟ ଦେବାକୁ ପ୍ରଲୋଭନ ଦେଖାଉଛନ୍ତି । ଗତକାଲି ମତଦାନ ସମୟରେ ଝାରସୁଗୁଡ଼ା, କୃଷ୍ଣପ୍ରସାଦ, ବ୍ରହ୍ମଗିରି, କଣାସ ବ୍ଲକ ଏବଂ ରାଜ୍ୟର ବିଭିନ୍ନ ସ୍ଥାନରେ ଶାସକ ଦଳ ଭୋଟ ଅପହରଣ କରିବାକୁ ବୋମାମାଡ଼, ଫାର୍ସାମାଡ଼ ଆଦି ହିଂସାକାଣ୍ଡ ଭିଆଇବା ଘଟଣାରୁ ସ୍ପଷ୍ଟ ହେଉଛି ଯେ, ମୁଖ୍ୟମନ୍ତ୍ରୀ ଏ ରାଜ୍ୟରେ ଗଣତନ୍ତ୍ରକୁ କ୍ରମାଗତ ଭାବେ ହତ୍ୟା କରି ଚାଲିଛନ୍ତି ।



ର୍ୟାଲି ଓ ମିଟିଂରେ ନିର୍ବାଚନ ଆୟୋଗ ଧାର୍ଯ୍ୟ କରିଥିବା ଜନଗହଳିରୁ ଶାସକ ଦଳ ୧୦୦ଗୁଣା ଲୋକ ଜମା କରୁଥିବା ବେଳେ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେଉନି । ଗତକାଲି ଗଣମାଧମର ବରିଷ୍ଠ ସାମ୍ବାଦିକଙ୍କୁ ଯେଉଁଭଳି ଭାବରେ ମରଣାନ୍ତକ ଆକ୍ରମଣ କରାଗଲା ସେଥିପ୍ରତି ଶ୍ରୀ ରାଉତରାୟ ଦୃଢ଼ ନିନ୍ଦା କରିଛନ୍ତି । ଆକ୍ରମଣକାରୀଙ୍କ ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

ଏହି ସାମ୍ବାଦିକ ସମ୍ମିଳନୀରେଜଟଣୀ ଜଣେ ପ୍ରସିଦ୍ଧ ବ୍ୟବସାୟୀ ଅନାଥ ପଟ୍ଟନାୟକ , ମନୋରଞ୍ଜନ ଦାଶ, ଚିନ୍ମୟ ସୁନ୍ଦର ଦାସ, ଲିଙ୍ଗରାଜ ସାହୁ, ରମେଶ ମହାପାତ୍ର, ମୋହନ ଜେନା ଓ ମିହିର ଆଚାର୍ଯ୍ୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# କୃଷି କ୍ଷେତ୍ରରେ ବିଦ୍ୟୁତ ବ୍ୟବହାରରେ ଓଡ଼ିଶା ଚାଷୀ ସବୁଠୁ ପଛରେ: କିଷାନ କଂଗ୍ରେସ

ଭୁବନେଶ୍ୱର,୧୮/୨ (ନି.ପ୍ର): ବର୍ତମାନର କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀଙ୍କ ଆୟକୁ ଦ୍ୱିଗୁଣା କରିବା ପାଇଁ ବାରମ୍ବାର ଯେଉଁ ସ୍ଲୋଗାନ ଦେଇ ଚାଲିଛନ୍ତି ତାହା କେବଳ ପ୍ରଚାର ସର୍ବସ୍ୱ । ଓଡ଼ିଶା ବିଦ୍ୟୁତ ନିୟମାକ ଆୟୋଗ ତାଙ୍କ ରିପୋର୍ଟରେ ବାରମ୍ବାର ସୁଚାଉଛନ୍ତି ଯେ, ଓଡ଼ିଶା ବିଦ୍ୟୁତ କ୍ଷେତ୍ରରେ ଏକ ବଳକା ରାଜ୍ୟ । କିନ୍ତୁ ସେଂଟ୍ରାଲ ଇଲେକସିଟି ଅଥରିଟି ସର୍ବଶେଷ ରିପୋର୍ଟରେ କହିଛନ୍ତି,ଏବେ ମଧ୍ୟ ଓଡ଼ିଶାର ଚାଷୀ କୃଷି ଆଧୁନିକୀକରଣରେ ପଛୁଆ, ଜାତୀୟ ହାରରେ କୃଷି କ୍ଷେତ୍ରରେ ବିଦ୍ୟୁତ ବ୍ୟବହାରରେ ଓଡ଼ିଶାର ଚାଷୀ ଢେର୍ ପଛରେ । କୃଷି ଭିତ୍ତିକ ଶିଳ୍ପ ଓ ସରକାରୀ ହେଉ କି ଘରୋଇ କରଣ ଶୀତଳଭଣ୍ଡାର ହେଉ, ବିଦ୍ୟୁତ ଯୋଗାଣ ବ୍ୟବସ୍ଥାରେ ଅହେତୁକ ତୃଟି ରହିଛି । ସରକାର ଚାଷୀଙ୍କୁ ବିଜୁଳି ଯୋଗାଣରେ ଚାଷୀଙ୍କୁ ରିହାତି ଦେଇ ନାହାନ୍ତି, କିନ୍ତୁ ଅନ୍ୟ ରାଜ୍ୟରେ ଚାଷ କ୍ଷେତ୍ରରେ ଚାଷୀଙ୍କୁ ରିହାତି, ଆବଶ୍ୟକ ସ୍ଥଳେ ମାଗଣା ବିଜୁଳି ଯୋଗାଇ ଦିଆଯାଉଛି । କେବଳ ସରକାର ବିଭିନ୍ନ ଦିଗରେ ଚାଷୀଙ୍କୁଭୁଆଁ ବୁଲାଇ ଚାଲିଛନ୍ତି ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି କିଷାନ ସେଲ୍ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି ।

ସରକାରଙ୍କ ଜଳସମ୍ପଦ, କୃଷି, ଶକ୍ତି ବିଭାଗ ମଧ୍ୟରେ ତାଳ ମେଳ ନାହିଁ । ଚାଷୀଙ୍କ ଆୟ ଦୁଇଗୁଣା କେବଳ ସରକାରଙ୍କ ଧୁଆଁବାଣ । ସରକାର ତିଳେମାତ୍ର ଚାଷୀଙ୍କ ପାଇଁ ଚିନ୍ତିତ ନୁହନ୍ତି । ସରକାର କାହିଁକି ଓଆଇଆରସିଙ୍କ ସହିତ ଚାଷୀଙ୍କ କଥାର ସଠିକ୍ ସମାଧାନ କରୁ ନାହାନ୍ତି । ଯାହା ଫଳରେ ବିଜୁଳି ପାଇଁ କୃଷି କ୍ଷେତ୍ରରେ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି । ଯଦି ରାଜ୍ୟ ସରକାର ପ୍ରକୃତ ପକ୍ଷେ ଚାଷୀଙ୍କ ହିତରେ ତେବେ ଆସନ୍ତା ଆର୍ଥିକ ବର୍ଷଠାରୁ କୃଷି କ୍ଷେତ୍ରରେ ବ୍ୟବହୃତ ବିଦ୍ୟୁତ ସମସ୍ତ ଚାଷୀଙ୍କୁ ମାଗଣାରେ ଯୋଗାଇ ଦେବାକୁ ନୀତିଗତ ନିଷ୍ପତି ନିଅନ୍ତୁ ବୋଲି କଂଗ୍ରେସ ଦଳ ପକ୍ଷରୁ ଶ୍ରୀ ପଟ୍ଟନାୟକ ରାଜ୍ୟ ସରକାରଙ୍କ ନିକଟରେ ଦାବୀ କରିଛନ୍ତି ।

# ନିର୍ବାଚନୀ ହିଂସାକୁ ନେଇ ରାଜ୍ୟ ନିର୍ବାଚନ କମିଶନଙ୍କୁ ସ୍ମାରକ ପତ୍ର ଦେଲା ବିଜେପି

ଭୁବନେଶ୍ୱର ,୧୮/୨ (ନି.ପ୍ର): ରାଜ୍ୟରେ ପଂଚାୟତ ନିର୍ବାଚନର ପ୍ରଥମ ପର୍ଯାୟ ନିର୍ବାଚନୀ ହିଂସାକୁ ନେଇ ରାଜ୍ୟ ନିର୍ବାଚନ କମିଶନଙ୍କ ନିକଟରେ ଫେରାଦ ହୋଇଛି ବିଜେପି । ସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ କମିଶନଙ୍କୁ ଭେଟି ଦଳ ଏକ ଦାବିପତ୍ର ପ୍ରଦାନ କରିଛି । ଏଥିରେ କୁହାଯାଇଛି ଯେ ପ୍ରଥମ ପର୍ଯ୍ୟାୟ ପଂଚାୟତ ନିର୍ବାଚନରେ ବ୍ୟାପକ ଅନିୟମିତତା ହୋଇଛି । କମିଶନଙ୍କ ଦାୟିତ୍ୱରେ ଅବାଧ ଓ ନିରପେକ୍ଷ ନିର୍ବାଚନ କରିବା । ଭୋଟ୍ କେନ୍ଦ୍ରରେ ସରକାରୀ କଳକୁ ଅପବ୍ୟବହାର କରାଯାଇଛି । ପ୍ରିଜାଇଡ଼ି ଅଫିସରମାନେ ଶାସକ ଦଳ କର୍ମୀ ଭଳି କାମ କରିଛନ୍ତି ବୋଲି ଏଥିରେ ଅଭିଯୋଗ କରାଯାଇଛି । ଏହାସହ ଭୋଟ୍ ସରିବା ପରେ ଦିଆଯାଉଥିବା ୧୧(ଏ) ଫର୍ମ ଯାହା ମାଧ୍ୟମରେ କେତେ ବାଲାଟ ପେପର ଇସ୍ୟୁ ହୋଇଛି, କେତେ ବ୍ୟବହାର ହେଲା, କେତେ ପୁରୁଷ, କେତେ ମହିଳା ତାହାର ହିସାବ ରଖିବା ପାଇଁ ଆଇନ ଅଛି । କିନ୍ତୁ ରାଜ୍ୟରେ ପ୍ରାୟ ୭୦ରୁ ୮୦ପ୍ରତିଶତ ସ୍ଥାନରେ କମିଶନଙ୍କ ନିର୍ଦ୍ଦେଶ ନାହିଁ କହି ଦିଆଗଲା ନାହିଁ । ଏହାକୁ ମଧ୍ୟ କମିଶନଙ୍କ ନଜରକୁ ଅଣାଯାଇଛି ବୋଲି ଦଳ ପକ୍ଷରୁ ସୂଚନା ଦିଆ ଯାଇଛି ।

# ବିଜେପି ବିରୋଧରେ ନିର୍ବାଚନ କମିଶନଙ୍କୁ ଫେରାଦ ହେଲା ବିଜେଡି

ଭୁବନେଶ୍ୱର,୧୮/୨ (ନି.ପ୍ର): ନିର୍ବାଚନ ଚାଲୁଥିବା ବେଳେ ବିଜେପି ବିଭିନ୍ନ ସ୍ଥାନରେ ହିଂସା ଘଟାଉଥିବା ଅଭିଯୋଗ ଆଣି ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହୋଇଛି ବିଜେଡି । ବିଜେଡି ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ କମିଶନଙ୍କୁ ଦୋଷୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛି ।

ଗଞ୍ଜାମ ବିଜେପିର ସଭାପତି ବିଭୁତି ଭୂଷଣ ଜେନା ଓ ବିଧାୟକ ଜୟନାରାୟଣ ମିଶ୍ରଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ ଆଣିଛି ବିଜେଡି । ପୁରୀ ଜିଲ୍ଲା କଣାସରେ ଗତକାଲି ସାମ୍ବାଦିକଙ୍କ ଉପରେ ମାଡ଼ ମାରିଥିବା ପ୍ରସଙ୍ଗକୁ ମଧ୍ୟ ନିନ୍ଦା କରିବା ସହ ହିଂସା କରିଥିବା ବିଜେପି କର୍ମୀଙ୍କ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଦଳ ଦାବି କରିଛି ।

ସେହିପରି ଗଞ୍ଜାମ ଜିଲ୍ଲାରେ ଆଦର୍ଶ ଆଚରଣ ବିଧି ଖୋଲାଖୋଲି ଉଲ୍ଲଂଘନ କରୁଛି ବିଜେପି । ନିର୍ବାଚନ ବେଳେ ଭୋଜିଭାତ ସମ୍ପୂର୍ଣ୍ଣ ବାରଣ ଥିବାବେଳେ ଗଞ୍ଜାମ ଜିଲ୍ଲା ବିଜେପି ସଭାପତି ବିଭୁତି ଭୂଷଣ ଜେନା ଗୋଳନ୍ଥରାର ଏକ ସରକାରୀ ବିଦ୍ୟାଳୟରେ ଭୋଜିଭାତ ଆୟୋଜନ କରିଛନ୍ତି । ଏନେଇ ମଧ୍ୟ ବିଜେଡି ରାଜ୍ୟ ନିର୍ବାଚନ ଆୟୋଗଙ୍କୁ ଫେରାଦ ହୋଇଛି । ସେହିଭଳି ନୋ କ୍ୟାମ୍ପେନ ସମୟ ୭ଟା ପରେ ଏକ ବିରାଟ ବାଇକ୍ ରାଲି ବାହାର କରି ଆଚରଣ ବିଧି ଉଲ୍ଲଂଘନ କରିଛନ୍ତି ବିଭୁତି ଭୂଷଣ ଜେନା । ଯାହାକୁ ନେଇ ଦଳ ରାଜ୍ୟ ନିର୍ବାଚନ କମିଶନଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛି ।

# ନିର୍ବାଚନ ଜନିତ ହିଂସା ନେଇ ରାଜ୍ୟ ନିର୍ବାଚନ ଆୟୋଗଙ୍କ ନିକଟରେ ଫେରାଦ ହେଲା କଂଗ୍ରେସ

ଭୁବନେଶ୍ୱର,୧୮/୨ (ନି.ପ୍ର): ଚଳିତ ପଂଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ବେଳେ ଉଭୟ ବିଜେଡି ବିଜେପି ସମର୍ଥିତ ଗୁଣ୍ଡାମାନଙ୍କ ଦ୍ୱାରା ସଙ୍ଗଠିତ ହିଂସା, ବୋମାମାଡ଼, ବୁଥ ରିଗିଂ, ଭୋଟ ବାକ୍ସ ଲୁଟ ଆଦି ଘଟଣାରେ ରାଜ୍ୟ ନିର୍ବାଚନ କମିଶନଙ୍କ ପାଖରେ ଫେରାଦ ହୋଇଛି କଂଗ୍ରେସ ।ବୁଥ ରିଗିଂ ଭଳି ଅପରାଧୀଙ୍କ କାର୍ଯ୍ୟକଳାପରେ ସମ୍ପୃକ୍ତ ଗୁଣ୍ଡାମାନଙ୍କୁ ଗିରଫ କରିବା ସହିତ ଏହି ବୁଥ ଗୁଡିକରେ ପୁନଃ ମତଦାନ ପାଇଁ ଦାବି କରିଛି କଂଗ୍ରେସ । ଆଜି ପ୍ରଦେଶ କଂଗ୍ରେସ ର ଏକ ୬ ଜଣିଆ ଉଚ୍ଚ ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ ଆୟୋଗଙ୍କ ପାଖରେ ଅଭିଯୋଗ କରି କହିଲେ କେଉଁଝର ଜିଲ୍ଲା ଘଷିପୁରା ବ୍ଲକର ରାମଚନ୍ଦ୍ରପୁର ଗ୍ରାମପଞ୍ଚାୟତ ଅଧୀନରେ ରାମଚନ୍ଦ୍ରପୁର ବୁଥ ନମ୍ବର ୧୭,ବଦପଦନା ବୁଥ ନମ୍ବର ୭, ୮, ୯, ୧୦ ରେ ବିଜେଡି ସମର୍ଥିତ ସରପଞ୍ଚ ପାର୍ଥ ପ୍ରଦୀପ୍ତ ସାହୁ ଓ ତାଙ୍କର ହାତଗଣତି ସମର୍ଥକଙ୍କ ଦ୍ୱାରା ବୁଥ ରିଗିଂ କରାଯାଇଛି ।ଲୋକେ ଏହାର ବିରୋଧ କରି ପ୍ରିଜାଇଡିଂ ଅଫିସର ଓ ପର୍ଯ୍ୟବେକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସେମାନେ କୌଣସି ପ୍ରକାରର କାର୍ଯ୍ୟନୁଷ୍ଠାନ ଗ୍ରହଣ କଲେ ନାହିଁ ।ଘଟଣାର ସମ୍ପର୍କରେ ସ୍ଥାନୀୟ ପୋଲିସ କୁ ଅଭିଯୋଗ କରାଯାଇଛି କିନ୍ତୁ ପୋଲିସ ଚୁପ ।ଘଷିପୁରା ବିଧାୟକ ଓ ତାଙ୍କ ପୁତ୍ରମାନଙ୍କର ଷଡ଼ଯନ୍ତ୍ର କ୍ରମେ ଏହି ବେଆଇନ କାମ କରାଯାଇଛି ।ଏଣୁ ଉଭୟ ବିଜେଡି ବିଧାୟକ ଓ ତାଙ୍କ ପୁତ୍ର ସମେତ ସରପଞ୍ଚ ପାର୍ଥ ପ୍ରଦୀପ୍ତ ସାହୁ ଓ ତାଙ୍କର ସମର୍ଥକ ଯେଉଁମାନେ ଏହି ଘଟଣାରେ ସମ୍ପୃକ୍ତ ତାଙ୍କୁ ଗିରଫ କରିବା ସହ ଏହି ବୁଥ ଗୁଡିକରେ ପୁନଃ ମତଦାନ ପାଇଁ ନିର୍ଦେଶ ଦେବାକୁ ଦାବି ଜଣାଇଛି ଦଳ । ପୁନଃଶ୍ଚ ଗଜପତି ଜିଲ୍ଲାର ଗ୍ରାମ୍ୟ ଉର୍ଣ୍ଣୟନ ସଂସ୍ଥାର ପ୍ରକଳ୍ପ ନିର୍ଦେଶକ (ପିଡ଼ିଡିଆରଡିଏ) ଖୋଲା ଖୋଲି ଭାବେ ବିଜେଡି ପାଇଁ କାର୍ଯ୍ୟ କରୁଛନ୍ତି ।ଗଜପତି ଜିଲ୍ଲାର ବିଜେଡି ନେତା ତିରୁପତି ପାଣିଗ୍ରାହୀ ଭୋଟ ରିଗିଂ ପାଇଁ ନିଜ ସମର୍ଥକଙ୍କୁ ଉସକାଉଛନ୍ତି ।ଯାଜପୁର ଜିଲ୍ଲାର ଯାଜପୁର ବ୍ଲକ ର ଝଳପଡା ପଞ୍ଚାୟତ କାକୁଡିକୁଦ ବୁଥ, ଏରବାଙ୍ଗ, ସୁଜନପୁର, ରୁଦ୍ରପୁର, ଛତିଶଡେବିଲ ପଞ୍ଚାୟତ ର ସମସ୍ତ ବୁଥ ପୋଲିସର ସହଯୋଗରେ ବୁଥ ଜବରଦଖଲ ହୋଇଛି ।ପୁରୀ ଜିଲ୍ଲାର କଣାସ ବ୍ଲକ ଅଞ୍ଚଳରେ ନିର୍ବାଚନରେ ଅନିୟମିତତା ସମ୍ପର୍କରେ ଖବର ସଂଗ୍ରହ କରୁଥିବା ସାମ୍ବାଦିକଙ୍କୁ ଆକ୍ରମଣ ହୋଇଛି ।ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳରେ ରକ୍ତାକ୍ତ ସଂଘର୍ଷ ଘଟଣାରେ ଉଭୟ ବିଜେଡି ଓ ବିଜେପିର ଗୁଣ୍ଡାମାନଙ୍କୁ ଗିରଫ କରିବା ଦରକାର । ଢେଙ୍କାନାଳ ଜିଲ୍ଲାର ଗନ୍ଦିଆ ବ୍ଲକ୍ରର ନିହଲପ୍ରସାଦ ରେ ବୁଥ ରିଗିଂ ଘଟଣାରେ ଅଭିଯୁକ୍ତ ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ ।ଗଞ୍ଜାମ ଜିଲ୍ଲାର ଚିକିଟି,କୁକୁଡ଼ାଖଣ୍ଡି ଓ ଦିଗପହଣ୍ଡି ବ୍ଲକ ଅଞ୍ଚଳରେ ପୋଲିସ ଶାସକ ଦଳର ଏଜେଣ୍ଟ ସାଜିଛି ।

ରିଗିଂ ଘଟଣାରେ ସମ୍ପୃକ୍ତ ଅପରାଧୀ ମାନଙ୍କୁ ତୁରନ୍ତ ଗିରଫ ସହ ଏ ସବୁ ବୁଥରେ ପୁନଃ ମତଦାନ କରାଯିବା ପାଇଁ ନିର୍ଦେଶ ଦେବାକୁ ଆୟୋଗଙ୍କୁ ଅନୁରୋଧ କରିଛି ଦଳ ।ତ୍ୱରିତ ଓ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନ ହେଲେ ଆଗାମୀ ପର୍ଯାୟ ମତଦାନ ଦିନ ଗୁଡିକରେ ହିଂସା ବଢ଼ାଇବା ଦିଗରେ ପ୍ରୋତ୍ସାହନ ଦେଲା ଭଳି ହେବ । ତେଣୁ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛି ଦଳ ।ଏହି ୬ ଜଣିଆ ପ୍ରତିନିଧି ମଣ୍ଡଳିରେ ପିସିସି ବରିଷ୍ଠ ଉପସଭାପତି ଶିବାନନ୍ଦ ରାୟ, ମୁଖପାତ୍ର ମନୋଜ ମହାପାତ୍ର,ରଜନୀ କୁମାର ମହାନ୍ତି, ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ୟାଶୀର ନୱାଜ,କଂଗ୍ରେସ ନେତା ଶାନ୍ତନୁ ସାହୁ ଓ ପିସିସି ଗଣମାଧମ ସଂଯୋଜକ ଦୀପକ କୁମାର ମହାପାତ୍ର ଉପସ୍ଥିତ ଥିଲେ ।

# ଅଧ୍ୟକ୍ଷ/ ଉପାଧ୍ୟକ୍ଷ ଓ ନାଏବ ସରପଂଚଙ୍କ ପାଇଁ ପରୋକ୍ଷ ନିର୍ବାଚନ

ଭୁବନେଶ୍ୱର,୧୮/୨ (ନି.ପ୍ର): ନାଏବ ସରପଂଚ ପଂଚାୟତ ସମିତିର ଅଧ୍ୟକ୍ଷ/ ଉପାଧ୍ୟକ୍ଷ ଏବଂ ଜିଲ୍ଲା ପରିଷଦର ସଭାପତି/ ଉପସଭାପତି ପଦଗୁଡ଼ିକ ପରୋକ୍ଷ ନିର୍ବାଚନ ମାଧ୍ୟମରେ ପୂରଣ କରାଯିବ । ଆସନ୍ତା ମାର୍ଚ୍ଚ ମାସ ୧୧ ତାରିଖରେ ସମସ୍ତ ଗ୍ରାମପଂଚାୟତର ନାଏବ ସରପଂଚପଦ ପାଇଁ ପରୋକ୍ଷ ନିର୍ବାଚନ ଅନୁଷ୍ଠିତ ହେବ । ପଂଚାୟତ ସମିତିର ଅଧ୍ୟକ୍ଷ ପଦ ନିମନ୍ତେ ମାର୍ଚ୍ଚ ୧୨ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ ଓ ମାର୍ଚ୍ଚ ୧୩ ତାରିଖରେ ଜିଲ୍ଲା ପରିଷଦ ସଭାପତି ନିର୍ବାଚନ ଅନୁଷ୍ଠିତ ହେବ । ସେହିପରି ପଂଚାୟତ ସମିତିର ଉପାଧ୍ୟକ୍ଷ ପଦବୀ ପାଇଁ ମାର୍ଚ୍ଚ ୨୩ ତାରିଖରେ ଓ ଜିଲ୍ଲା ପରିଷଦର ଉପସଭାପତି ପଦବୀ ନିମନ୍ତେ ମାର୍ଚ୍ଚ ୨୫ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ । ପରୋକ୍ଷ ନିର୍ବାଚନ ମାଧ୍ୟମରେ ଉପରୋକ୍ତ ପଦବୀଗୁଡ଼ିକ ପୂରଣ ହେଉଥିବାରୁ ଏଥି ନିମନ୍ତେ ନିର୍ବାଚନ ଅଧିକାରୀମାନେ ସଭ୍ୟମାନଙ୍କର ଏକ ସ୍ୱତନ୍ତ୍ର ବୈଠକ ଡାକିବେ ଓ ପରୋକ୍ଷ ନିର୍ବାଚନ ନ ସରିବା ପର୍ଯ୍ୟନ୍ତ ସଭ୍ୟମାନେ ସଭାଗୃହରୁ ବାହାରକୁ ଆସିପାରିବେ ନାହିଁ । ଉପରୋକ୍ତ ପଦବୀ ପୂରଣ ନିମନ୍ତେ ଧାର୍ଯ୍ୟ ଦିନଗୁଡ଼ିକରେ ଦାୟିତ୍ୱରେ ଥିବା ନିର୍ବାଚନ ଅଧିକାରୀ ସକାଳ ୧୦.୩୦ରୁ ୧୧.୩୦ ମଧ୍ୟରେ ପ୍ରାର୍ଥୀଙ୍କୁ ନାମାଙ୍କନ ପତ୍ର ଦେବେ ଓ ୧୧.୩୦ରୁ ୧୨.୩୦ ମଧ୍ୟରେ ନାମାଙ୍କନ ପତ୍ର ଯାଂଚ କରାଯିବ ଏବଂ ଅପରାହ୍ଣ ୧ ଘଂଟା ପୂର୍ବରୁ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଏବଂ ଅପରାହ୍ଣ ୧.୩୦ ଠାରୁ ଅପରାହ୍ଣ ୪ ଘଟିକା ପର୍ଯ୍ୟନ୍ତ ସଂପୃକ୍ତ ପଦବୀ ନିମନ୍ତେ ଭୋଟ ଗ୍ରହଣ କରାଯିବ । ଭୋଟ ଗ୍ରହଣ ପରେ ପରେ ଭୋଟଗଣତି କରାଯିବ ବୋଲି ନିର୍ବାଚନ କମିଶନ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ପ୍ରଚାର ସରିଲା : ୨୦ ରେ ଭୋଟ

ଖଇରା,୧୮/୨(ନିପ୍ର) ଆସନ୍ତା ୨୦ ତାରିଖ ପଂଚାୟତ ନିର୍ବାଚନ ପାଇଁ ଚାଲିଥିବା ବିଭିନ୍ନ ରାଜନୈତିକ ଦଳର ପ୍ରଚାର କାର୍ଯ୍ୟ ସଂଧ୍ୟାରେ ଶେଷ ହୋଇଛି । ଜିଲ୍ଲାପରିଷଦ ସଭ୍ୟଙ୍କ ଠାରୁ ଆରମ୍ଭକରି, ସରପଂଚ, ସମିତିସଭ୍ୟ ତଥା ୱାର୍ଡମେମ୍ବରର ମାନଙ୍କର ପ୍ରଚାର କାର୍ଯ୍ୟ ଆଜି ଶେଷ ହୋଇଛି । ବିଜେଡି, ବିଜେପି, କଂଗ୍ରେସ, ବାମପନ୍ଥି ଦଳ ନିଜପ୍ରାର୍ଥୀ ମାନଙ୍କ ସପକ୍ଷ୍ୟରେ ପ୍ରଚାର କାର୍ଯ୍ୟକୁ ଜୋରଦାର କରିଥିଲେ । ବିଜେଡିର ସାଂସଦ ମାଜୁଲତା ମଣ୍ଡଳ, ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବିଜେପିର ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପାଣ୍ଡା, ରାଜ୍ୟ ବିଜେପି ସାଧାରଣ ସମ୍ପାଦକ ଗୋଲକ ପ୍ରସାଦ ମହାପାତ୍ର, ବିଜେପୁ ମୁଖ ପାତ୍ର ଠାକୁର ରଣଜିତ ଦାସ, ଯୁବ ନେତା ନୀଳମାଧବ ପଣ୍ଡା, କଂଗ୍ରେସର ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ ପ୍ରାର୍ଥୀ ମାନଙ୍କ ପାଇଁ ପ୍ରଚାର କରିଥିଲେ ।

## ଜୟନ୍ତଙ୍କ ବାଇକ ରାଲି

ଖଇରା,୧୮/୨(ନିପ୍ର)ଆଜି ପ୍ରଚାର ଦିବସର ଶେଷ ଦିନରେ ୩ନଂ ଜୋନର ବିଜେଡି ଜିଲାପରିଷଦ ସଭ୍ୟ ଜୟନ୍ତ କୁମାର ରାଉତ କୁପାରୀ ପଂଚାୟତର ବିଭିନ୍ନ ଅଂଚଳରେ ବିଶାଳ ମୋଟର ସାଇକେଲ ରାଲି ରେ ପ୍ରଚାର କାର୍ଯ୍ୟ କରିଥିଲେ । ସେ ଚୂନନଟୀ,କୁମ୍ଭକା,କବର, କୁାପରୀ, ହରିପୁର, ବାଉଁଶଗଡିଆ, ପଟାଗଡିଆ, ସହିତ ଜୋନର ଥିବା ଗ୍ରାମଗୁଡିକରେ ପ୍ରଚାର କାର୍ଯ୍ୟ କରିଥିଲେ । କୁପାରୀ ପଂଚାୟତର ସରପଂଚ ପ୍ରାର୍ଥୀନୀ ଭବେଜ୍ୟା।ସ୍ୱ। ନାୟକ,ସମିତିସଭ୍ୟା ପ୍ରାର୍ଥୀନୀ ସୁନିତା ସାହୁଙ୍କ ସମେତ ୱାର୍ଡମେମ୍ବର ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ବିଭିନ୍ନ ସ୍ଥାନରେ ପ୍ରାର୍ଥୀ ମାନଙ୍କୁ ସ୍ୱାଗତ କରାଯିବା ସହିତ ଶଙ୍ଖ ହୁଳହୁଳି ମାଧ୍ୟମରେ ସ୍ୱାଗତ କରିଥିଲେ।

## ଭୋଟଗ୍ରହଣ କେନ୍ଦ୍ର ଆଗରେ ପୋଲିସକୁ ମାଡ ସହ ଗାଡି ଭଙ୍ଗାରୁଜା

ବରଗଡ଼, ୧୮/୦୨ (ନି.ପ୍ର): ଭୋଟଗ୍ରହଣ କେନ୍ଦ୍ର ଆଗରେ ପୋଲିସକୁ ମାଡ ସହ ଗାଡି ଭଙ୍ଗାରୁଜା ହୋଇଛି । ଗାଇସିଲଟ ବ୍ଲକ କଠଉମାଲ ଗାଁରେ ପୋଲିସ - ଜନତା ମୁହାଁମୁହିଁ ହୋଇଛନ୍ତି । ସାମାନ୍ୟ ଭୁଲ୍ ବୁଝାମଣାକୁ ନେଇ ପୋଲିସ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଛନ୍ତି । ଏଥିରେ ଗାଇସିଲଟ ଥାନା ଅଧିକାରୀଙ୍କ ମୁଣ୍ଡ ଫାଟିଥିବା ସୂଚନା ମିଳିଛି । ଘଟଣା ପରେ ପୋଲିସ ପକ୍ଷରୁ ସେଠାରେ ଲାଠି ଚାର୍ଜ କରାଯାଇଛି ।

# ଭୋଟ ବାକ୍ସ ଭିତରେ ୧୪୩୪ ପ୍ରାର୍ଥୀଙ୍କ ଭାଗ୍ୟ

ବାଲିଆପାଳ,୧୮/୦୨ (ନି.ପ୍ର): ବାଲିଆପାଳ ବ୍ଲକର ଆଜି ଦ୍ୱିତୀୟ ପର୍ଯ୍ୟାୟ ମତଦାନ କାଁ ଭାଁ ଗଣ୍ଡଗୋଳକୁ ଛାଡିଦେଲେ ଶାନ୍ତିଶୃଙ୍ଖଳାର ସହ ସମାପ୍ତ ହୋଇଛି । ବାଲିଆପାଳ ବ୍ଲକର ୨୮ଟି ପଂଚାୟତର ୩୮୯ ଟି ବୁଥରେ ମତଦାନ ହୋଇଥିଲା ବାଲିଆପାଳ ବ୍ଲକର ୨୮ଟି ପଂଚାୟତରେ ପ୍ରମୁଖ ରାଜନୈତିକ ଦଳ କଂଗ୍ରେସ, ବିଜେପି ଓ ବିଜେଡିରୁ ୧୬୨ ଜଣ ସରପଂଚ, ୧୪୫ ଜଣ ସମିତି ସଦସ୍ୟ, ୧୧୧୩ ଜଣ ଓାର୍ଡ ସଭ୍ୟ ଏବଂ ୧୪ ଜଣ ଜିଲ୍ଲା ପରିଷଦ ସଦସ୍ୟଙ୍କ ଭାଗ୍ୟ ଭୋଟବାକ୍ସ ଭିତରେ ବନ୍ଦ ହୋଇଯାଇଛି । ନିଜ ପସନ୍ଦର ଯୋଗ୍ୟ ପ୍ରାର୍ଥୀମାନଙ୍କୁ ବାଛିବା ପାଇଁ ମତଦାନ କେନ୍ଦ୍ରରେ ଯୁବପିଢୀ ସମେତ ମହିଳାଙ୍କ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା । ନିର୍ବାଚନକୁ ଶାନ୍ତି ଶୃଙ୍ଖଳା ସହ ସମ୍ପର୍ଣ୍ଣ କରିବାକୁ ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ବୁଥ ପାଇଁ ଜଣେ ପ୍ରିଜାଇଡିଙ୍ଗ ଅଫିସର, ଜଣେ ସେକେଣ୍ଡ ପୋଲିଙ୍ଗ ଅଫିସର, ଜଣେ ସହକାରୀ ପୋଲିଙ୍ଗ ଅଫିସର, ଜଣେ ପୁଲିସ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଥିଲା ବେଳେ ପ୍ରତ୍ୟେକ ପଂଚାୟତ ପାଇଁ ଜଣେ ସେକ୍ଟର ଅଫିସର, ଜଣେ ସହକାରୀ ସେକ୍ଟର ଅଫିସର ନିଯୁକ୍ତି ହୋଇଥିଲେ । ଏହିପରି ଭାବେ ମୋଟ ୧୫୫୬ ଜଣ ପୋଲିଙ୍ଗ ଅଫିସର ଏବଂ ୫୬ ଜଣ ସେକ୍ଟର ଓ ସହକାରୀ ସେକ୍ଟର ଅଫିସର ନିଯୁକ୍ତି ହୋଇଥିଲେ।ତେବେ ନୁଆଗାଁ ପ ାୟତ କଟ୍ରାମୋହଲ ବୁଥରେ କେନ୍ଦ୍ରଭିତରେ ଭୋଟରଙ୍କୁ ନିର୍ଦ୍ଦିଷ୍ଟ ଚିହ୍ନରେ ଭୋଟଦେବାକୁ ପ୍ରବଚାଉଥିବା ନେଇ ସାମନ୍ୟ ଉତେଜନା ପ୍ରକାଶ ପାଇଥିଲା ବସ୍ତା ଏସଡିପିଓ ଜଳନ୍ଧଥ ଜାଲି ଘଟଣା ସ୍ଥଳରେ ପହଂଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ । ସେହିପରି ମଧୁପୁରା ପ ାୟତ ମଧୁପୁରା ୟୁଜିଏମଇ ସ୍କୁଲରେ ମଧ ସାମନ୍ୟ ଉତେ ଜନା ପ୍ରକାଶ ପାଇଥିଲା ।ଆଇଆଇସି ପର୍ଶୁରାମ ସାହୁ ଘଟଣାସ୍ଥଳରେ ପହଂଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ । ସେହିପରି ବିଭିନ୍ନ ମତଦାନ କେନ୍ଦ୍ରରେ କିଛି ଅବ୍ୟବସ୍ଥା କୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା । ଅଣ୍ଡି ପ ାୟତ ୮ ନମ୍ବର ଓାର୍ଡ ବୁଥରେ ଗୋଟିଏ ଦୁଆରମୁହଁ ବିଶିଷ୍ଟ ରୁମରେ କେନ୍ଦ୍ର ହୋଇଥିବାରୁ ସଂଧ୍ୟା ୫.୩୦ ପର୍ଯ୍ୟନ୍ତ ଲୋକମନେ ମତଦାନ କରିଥିଲେ ।ତେବେ ସଂଧ୍ୟା ସୁଦ୍ଧା ସମସ୍ତ ଭୋଟବାକ୍ସ ଗୁଡିକ ସୁରକ୍ଷିତ ଭାବେ ଭୋଟଗଣତି କେନ୍ଦ୍ର ପର୍ଯ୍ୟନ୍ତ ଅଣାଯାଇଥିବା ବିଡିଓ ଲଳିତ ସୋରେଙ୍ଗ କହିଛନ୍ତି ।

# ଖଇରାରେ ୫୧୭ ବୁଥ କେନ୍ଦ୍ର

ଖଇରା,୧୮/୨(ନିପ୍ର) ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ପ୍ରଶାସନ ଚୂଡାନ୍ତ ପର୍ଯ୍ୟାୟରେ ପହଁଚିଛି । ଖଇରା କଲେଜ ପରିସରରେ ଖୋଲାଯାଇଥିବା ନିର୍ବାଚନ ପରିଚାଳନା କକ୍ଷରେ ଆଜି ବୁଥ ୫୧୭ କେନ୍ଦ୍ରକୁ ପୋଲିଂ ପାଟି ପାଠାଯାଇଥିବାର କାର୍ଯ୍ୟ ଚାଲୁ ରହିଛି । ନିର୍ବାଚନକୁ ଦୃଷ୍ଟିରେ ରଖି ବିଡିଓ ପାର୍ଶୁରାମ ପଣ୍ଡା, ତହସିଲଦାର ମହେନ୍ଦ୍ର କୁମାର ବେହେରାଓ ଆଇଆଇସି ଗଣେଶ୍ୱର ପ୍ରଧାନଙ୍କ ପକ୍ଷରୁ ବ୍ଲକ ଠାରୁ କଲେଜ ଛକ ପର୍ଯ୍ୟନ୍ତ ଟ୍ରାଫିକ ନିୟନ୍ତ୍ରଣ ପାଇଁ ତଦାରଖ କରିଥିଲେ । ନିର୍ବାଚନ ନିୟନ୍ତ୍ରଣ କକ୍ଷରେ ବିଭନ୍ନ ଆଡୁଆସିତିବା ଅଧିକାରୀ ମାନଙ୍କୁ ୫୧୭ବୁଥକୁ ପଠାଯାଇଥିଲା । ୪୦ଜଣ ସେକ୍ଟର ଅଫିସରଙ୍କୁ ନିଜୁକ୍ତି ଦିଆଯାଇଥିବା ବେଳେ ଚିହ୍ନଟ ହୋଇଥିବା ଉତ୍ତେଜନା ପ୍ରବଣ ଓ ଅତି ଉତ୍ତେଜନା ପ୍ରବଣ ବୁଥ କେନ୍ଦ୍ର ପାଇଁ ପୁଲିସ ବ୍ଲକ ପକ୍ଷରୁ ପଦକ୍ଷେପ ନିଆଯାଇଛି । ଚଳିତ ନିର୍ବାଚନରେ ମହିଳା ଭୋଟରଙ୍କ ସଂଖ୍ୟା ୬୭ଜହାର ୨୨୯ ହୋଇତିଲା ବେଳେ ପୁରୁଷ ଭୋଟରଙ୍କ ସଂଖ୍ୟା ୭୭ଜହାର ୧୯୦ ଜଣ ମତଦାନ ସାବ୍ୟସ୍ତ କରିବେ ।

# ଲିଗ ଅଫ ଚାମ୍ପିଅନ୍ସ ସିଜିନ ୪ ଉଦ୍‌ଘାଟିତ

## କ୍ରୀଡା ସମାଜରେ ଭାଇଚାରାର ପରଂପରାକୁ ମଜଭୁତ କରିଥାଏ




ବାରିପଦା, ୧୮/୦୨ (ନି.ପ୍ର): ବାରିପଦାର ଚିପଟଅସ୍ତିଆ ଠାରେ ୨୦୧୩ ମସିହା ଠାରୁ ଅଦ୍ୟାବଧି ଚାଲୁରହିଥିବା ବାରିପଦାର ପ୍ରଥମ ଟେନିସ ବଲ ଆଇ.ପି.ଏଲ. ଫର୍ମାଟ କ୍ରିକେଟ ଲିଗ ଲିଗଅଫ ଚାମ୍ପିଅନ୍ସ (ଏଲଓସି) ସିଜିନ ୪ ଆଜି ଅପରାହ୍ନରେ ଉଦଘାଟିତ ହୋଇଯାଇଛି । ଏହି ଲିଗରେ ଜେଣ୍ଟେଲ ଫାଇଟର୍ସ, ଏଫ.ଏମ. ଟାଇଗର୍ସ, ଜିରୋ ଫାଇଟର୍ସ, ଡୋମିନେଟର ଇଲେଭେନ, ଡେଞ୍ଜର ଫାଇଟର୍ସ ଓ ୟୁନାଇଟେଡ ଇଲେଭେନ ମୋଟ ଛଅଟି ଦଳ ଅଂଶ ଗ୍ରହଣ କରିଛନ୍ତି । ଏହି ଉଦଘାଟନୀ ପର୍ବ ଅବସର ରେ ଆୟୋଜିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ରେ ଜେକେ ଡ୍ୟାନ୍ସ ଗ୍ରୁପର କଳାକାର ମାନେ ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ । ଆୟୋଜିତ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ପ୍ରଗତିବାଦୀର ଜିଲ୍ଲା ପ୍ରତିନିଧି ତଥା ଓଡିଶା ସାମ୍ବାଦିକ ସଂଘ (ଓଜେୟୁ) ର ରାଜ୍ୟ ଉପସଭାପତି ଦୀପକ କୁମାର ନାୟକ, ସମ୍ମାନୀତ ଅତିଥି ଭାବରେ କ୍ରାନ୍ତିଧାରାର ଓଡିଶା ବ୍ୟୁରୋ ମୁଖ୍ୟ ଶ୍ରୀକାନ୍ତ ରାଉତ, ସାମ୍ବାଦିକ ଦିଲ୍ଲୀପ କୁମାର ପାତ୍ର, ସମାଜସେବୀ ଜଗା ରାଉତ, ରମାକାନ୍ତ ରାଉତ, ଅଚ୍ୟୁତାନନ୍ଦ ଦାସ ପ୍ରମୁଖ ଯୋଗ ଦେଇ କ୍ରୀଡା ସମାଜରେ ଭାଇଚାରାର ପରଂପରାକୁ ମଜଭୁତ କରିଥାଏ ବୋଲି କହିଥିଲେ । ଆୟୋଜକ ମା ଅମ୍ବିକା କ୍ରିକେଟ ସ୍କ୍ୱାର୍ଡର ସଦଶ୍ୟ କୁମାରେଶ ନାୟକ ମଂଚ ପରିଚାଳନା କରିଥିବା ବେଳେ, ସଦଶ୍ୟ ଲୋକେଶ୍ୱର ଭଞ୍ଜ, ମାନସ କୁମାର କବାଟ, ସିଦ୍ଧେଶ୍ୱର ମହାନ୍ତି, ଦେବେନ୍ଦ୍ର ଦାସ, ରାମଚନ୍ଦ୍ର ସାହୁ, ଦେବୀପ୍ରସାଦ ଦାଶ, ସୁମନ କୁମାର ଦାଶ, ବିନୋଦ ମହାପାତ୍ର, ସିପୁ ବେହେରା, ଶିବା ବାରିକ, ଲକ୍ଷ୍ମଣ ସାହୁ, ସୁରେନ୍ଦ୍ର ଦାସ, ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ରେ ସହଯୋଗ ଥିଲେ । ଉଦଘାଟନୀ ମ୍ୟାଚରେ ୟୁନାଇଟେଡ ଇଲେଭେନ ଏଫ.ଏମ. ଟାଇଗର୍ସ ଦଳକୁ ୮ ରନରେ ପରାସ୍ତ କରିଛି । ଏହି ମ୍ୟାଚକୁ ଦୁଇ ଅଭିଜ୍ଞ ଆମ୍ପାୟାର କୁମାରେଶ ନାୟକ ଓ ରଞ୍ଜିତ ପଲେଇ ପରିଚାଳନା କରିଥିଲେ ।

## କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ପାଇଁ ବର୍ଜ୍ୟବସ୍ତୁ ଖାଇ ମରୁଛନ୍ତି ଗାଈ ଗୋରୁ

ନୀଳଗିରି, ୧୮/୦୨ (ନି.ପ୍ର): ନୀଳଗିରି ଏନ.ଏ.ସି.ର ୧୩ଗୋଟି ୱାର୍ଡର ପରିବେଶ ର ସ୍ୱଚ୍ଛତା ଆଣିବା ପାଇଁ ପ୍ରତିଦିନ ପ୍ରତି ୱାର୍ଡରେ ସଫେଇ କାର୍ଯ୍ୟ କରାଯାଇ ଆସୁଛି । ୧୩ଗୋଟି ୱାର୍ଡରୁ ବାହାରୁଥିବା ବର୍ଯ୍ୟବସ୍ତୁ କୁ ଟ୍ରାକ୍ଟର ଯୋଗେ ଜାମୁଡ଼ିହା ପଂଚାୟତର ମଲିଆଣି ଗ୍ରାମର ମୋରମ ଖାଦାନ ଠାରେ ତିଆରି ହୋଇଥିବା ଗାରବେଜ ୟାର୍ଡରେ ପକାଯାଉଥିବା ବେଳେ ଏହାର ଚାରିପାଖେ ପାଚେରୀ ନ ଥିବା ବେଳେ ଆଖପାଖ ଗାଁରେ ପ୍ରତିଦିନ ଗୋରୁଗାଈ ମାନେ ଏଠାରେ ପଡ଼ିଥିବା ବର୍ଜ୍ୟବସ୍ତୁ ଖାଇ ମରୁଛନ୍ତି । ପାଖାପାଖି ୧୦ରୁ ଉର୍ଦ୍ଧ୍ୱ ଗୋରୁ ବର୍ଜ୍ୟବସ୍ତୁ ଖାଇ ମରିଥିବା ଜଣାପଡ଼ିଛି । ତେବେ ଏନ.ଏ.ସି. କର୍ତ୍ତୃପକ୍ଷଙ୍କ ଅଣଦେଖା ପାଇଁ ଗୋରୁ ମୃତୁମୁଖରେ ପଡୁଛନ୍ତି ବୋଲି ଅଂଚଳବାସୀମାନେ କ୍ଷୋଭପ୍ରକାଶ କରୁଛନ୍ତି । ଏ ନେଇ ଏନ.ଏ.ସି. କର୍ତ୍ତୃପକ୍ଷ ଅଶେଷ କୁମାର ନାୟକଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ପାଚେରୀ ନିର୍ମାଣ କରାଯିବା ସହ ଗୋରୁ ମୃତ୍ୟୁ ହୋଇଥିବା ନେଇ ଅଭିଯୋଗ ଆସିଲେ ତଦନ୍ତ କରାଯାଇ କ୍ଷତିପୂରଣ ଦେବାର ବ୍ୟବସ୍ଥା କରାଯିବ ବୋଲି ସୂଚନା ଦେଇଛନ୍ତି ।

## ବାଲାଟ ପେପରରେ ପୂର୍ବରୁ ମୋହର ବାଜିଥିବା ଅଭିଯୋଗ

ନବରଙ୍ଗପୁର, ୧୮/୦୨ (ନି.ପ୍ର): ବାଲାଟ ପେପରରେ ପୂର୍ବରୁ ମୋହର ବାଜିଥିବା ଅଭିଯୋଗ । ହୋଇଛି । ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ଦହଣା ପଚାଂୟତ ୭ ନଂ ୱାର୍ଡ଼ରୁ ଏଭଳି ଅଭିଯୋଗ ସାମ୍ନାକୁ ଆସିଛି । ଜଣେ ସରପଂଚ ପ୍ରାର୍ଥୀଙ୍କ ଚିହ୍ନରେ ମୋହର ବାଜି ସାରିଥିବା ଅଭିଯୋଗ ହୋଇଛି । ଯାହାକୁ ନେଇ ସେଠାରେ ଉତେଜନା ପ୍ରକାଶ ପାଇଛି । ଉତେଜନା ପରେ କିଛି ସମୟ ଯାଏଁ ମତଦାନ ବନ୍ଦ ରହିଛି ।

# କୋର୍ଟସାହି ପଂଚାୟତର ୫ଓ୩ନଂ ୱାର୍ଡରେ ରି-ପୋଲିଂ ଲାଗି ଜିଲ୍ଲାପାଳଙ୍କୁ ଫେରାଦ

ଜଳେଶ୍ୱର, ୧୮/୨(ନି.ପ୍ର): ଗତ ୧୬ ତାରିଖରେ ବାଲେଶ୍ୱର ଜିଲାର ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ଜଳେଶ୍ୱର ବ୍ଲକର ପ୍ରତ୍ୟେକ ବୁଥ୍‌ରେ ଭୋଟିଂ କାର୍ଯ୍ୟ ଶେଷ ହୋଇଛି । କେତେକ ଭୋଟ କେନ୍ଦ୍ରରେ ଅନିୟମିତତା ହୋଇଥିବାର ଅଭିଯୋଗ ହୋଇଥିବା ବେଳେ କୋଟସାହି ପଂଚାୟତର ୫ ଓ ୩ନଂ ବୁଥ୍‌ରେ ବୁଥ୍ ଦଖଲ ଓ ରେଗିଂ ହୋଇଥିବା ସଂପର୍କରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଛି । ଜଳେଶ୍ୱର ବ୍ଲକରେ ଥିବା ୪୪୬ ବୁଥ୍‌ରେ ନିର୍ବାଚନ ଗତ ୧୬ ତାରିଖରେ ଶେଷ ହୋଇଛି । କିନ୍ତୁ କୋଟସାହି ପଂଚାୟତର ୫ନଂ ବୁଥ୍‌ରେ ଅନିୟମିତତା ସଂପର୍କରେ ସେଠାକାର ସରପଂଚ ପ୍ରାର୍ଥିନୀ ସଂଗୀତା ପରିଡା ଓ ସମିତି ସଭ୍ୟ ପ୍ରାର୍ଥୀ ରାଧାଶ୍ୟାମ ନାଥ ଆଜି ଜିଲାପାଳଙ୍କୁ ଲିଖିତଭାବେ ଅଭିଯୋଗ କରିବାରୁ ଏହାକୁ ଜିଲାପାଳ ଗ୍ରହଣ କରିଛନ୍ତି । ୫ନଂ ବୁଥ୍‌ରେ ୱାର୍ଡ ସଦସ୍ୟମାନେ ଭୋଟରଙ୍କ ଅଗୋଚରରେ ଅର୍ଦ୍ଧାଧିକ ମତଦାନ ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି । ୩ନଂ ବୁଥ୍‌ରେ ମଧ୍ୟ ଅନୁରୂପଭାବେ ଏପରି ସଂଗୀନ କାର୍ଯ୍ୟ ହୋଇଥିବା ଅଭିଯୋଗର ବିଚାର ଲାଗି ଜିଲାପାଳ ଗ୍ରହଣ କରିଥିବା ଜଣାଯାଇଛି । ଏପରି ଘଟଣା ଜଣାଯିବାପରେ ସମଗ୍ର ପଂଚାୟତରେ ଆଲୋଚ୍ୟର ବିଷୟ ହୋଇଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଯୋଗୀଙ୍କୁ ଗୁପ୍ତ ତଥ୍ୟ ଦେଇଥିଲେ....

ଛାଡ଼ିବାର ଆଶଙ୍କା ଥିବାରୁ ଏପରି ପଦକ୍ଷେପ ନିଆଯାଇଥିଲା । ଚିତ୍ରା ୨୦୧୩ରୁ ୨୦୧୬ ଯାଏ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜର ସିଇଓ ଓ ଏମଡି ଭାବେ କାର୍ଯ୍ୟ କରିଥିଲେ । ଏହାପରେ ବ୍ୟକ୍ତିଗତ କାରଣରୁ ସେ ଏହି ପଦ ଛାଡ଼ି ଦେଇଥିଲେ । ନିଜ ପଦରେ ଥିବା ବେଳେ ସେ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜର ଗୁପ୍ତ ତଥ୍ୟ ହିମାଳୟରେ ଅବସ୍ଥାପିତ ଜଣେ ଯୋଗୀଙ୍କୁ ଦେଉଥିଲେ । ତାଙ୍କ କଥାରେ ହିଁ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ଚାଲୁଥିଲା । କାହାକୁ ନିଯୁକ୍ତି ମିଳିବ ଓ କାହାର ଦରମା ବଢ଼ିବ, ତା'ର ନିଷ୍ପତ୍ତି ମଧ ଯୋଗୀ ଜଣଙ୍କ ନେଉଥିଲେ । ଏ ସମ୍ପର୍କରେ ସେବି ଜାଣିବା ପରେ ହଇଚଇ ଦେଖିବାକୁ ମିଳିଛି । ହେଲେ ଯୋଗୀ ଜଣଙ୍କ କିଏ ଓ କାହିଁକି ତାଙ୍କ କଥାରେ ଚିତ୍ରା ପରିଚାଳିତ ହେଉଥିଲେ, ସେକଥା ଜଣାପଡ଼ିନି । ସେବିର ତଦନ୍ତରୁ ମିଳିଥିବା ତଥ୍ୟ ଅନୁଯାୟର, ଚିତ୍ରା ତାଙ୍କ ଆଧାତ୍ମିକ ଗୁରୁଙ୍କୁ ଷ୍ଟକ ଏକ୍ସଚେଞ୍ଜର ସମସ୍ତ ବ୍ୟବସାୟ ଓ ଆର୍ଥିକ ଯୋଜନା ସଂକ୍ରାନ୍ତ ତଥ୍ୟ ଦେଉଥିଲେ । ଯୋଗୀଙ୍କ ନିର୍ଦ୍ଦେଶରେ ସେ ସବୁ ପ୍ରକାରର କାର୍ଯ୍ୟ କରୁଥିଲେ । ଚିତ୍ରାଙ୍କର ଏଭଳି ବେଆଇନ କାମ ପାଇଁ ସେବି ତାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ ୩ କୋଟି ଟଙ୍କାର ଜରିମାନା ଦେବାକୁ କହିଛନ୍ତି । ୨୦୧୭ରେ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ଏହାର ଇନିସିଆଲ୍ ପବ୍ଲିକ୍ ଅଫର (ଆଇପିଓ) ଜାରି କରିବାକୁ ଯୋଜନା ରଖିଥିଲା । ହେଲେ ଏକ୍ସଚେଞ୍ଜ୍ ?ର ତଥ୍ୟ ବାହାରକୁ ଯାଉଥିବା ଅଭିଯୋଗ ହେବାରୁ ଏହା ଉପରେ ରୋକ ଲାଗିଥିଲା । ଏହି ଅଭିଯୋଗକୁ ଆଧାର କରି ସେବି ତଦନ୍ତ ଆରମ୍ଭ କରିଥିଲା । ୩ ବର୍ଷ ଧରି ସେବି କରୁଥିବା ତଦନ୍ତରୁ ଯୋଗୀ ଓ ଚିତ୍ରାଙ୍କ ମଧୁଚନ୍ଦ୍ରିକାର ଗୁମର ଫିଟିଛି ।

## ଅହମ୍ମଦାବାଦ ସିରିଜ ବିସ୍ଫୋରଣ....

ଫେବୃଆରୀ ୮ରେ ସ୍ୱେଶାଲ କୋର୍ଟ ବିଚାରପତି ଅମ୍ବାଲାଲ ପଟେଲ ୬,୭୫୨ ପୃଷ୍ଠା ବିଶିଷ୍ଟ ରାୟରେ ୪୯ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ । ଏହି ସମୟରେ ପ୍ରମାଣ ଅଭାବରୁ ୨୮ ଜଣଙ୍କୁ ମୁକ୍ତ କରାଯାଇଥିଲା । ପ୍ରଥମଥର ପାଇଁ ଦେଶରେ ୪୯ ଜଣଙ୍କୁ ଏକକାଳୀନ ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ଦୋଷୀ ସାବ୍ୟସ୍ତ କରାଯିବା ଭଳି ଘଟଣା ମଧ ଦେଖିବାକୁ ମିଳିଥିଲା । ସମସ୍ତଙ୍କ ବିରୋଧରେ ୩୦୨ ଓ ୟୁଏପିଏ ଲାଗିଛି । ସୂଚନାଯୋଗ୍ୟ, ୨୦୦୮ ମସିହା ଜୁଲାଇ ୨୬ ତାରିଖ ସନ୍ଧ୍ୟା ୬ଟା ୪୫ରେ ଅହମଦାବାଦରେ ପ୍ରଥମ ବିସ୍ଫୋରଣ ହୋଇଥିଲା । ମଣିନଗରରେ ହୋଇଥିବା ପ୍ରଥମ ଧମାକା ପରେ ଚାରିଆଡ଼େ ଆତଙ୍କ ଖେଳି ଯାଇଥିଲା । ତେବେ କେହି କିଛି ବୁଝିବା ଆଗରୁ ଆଗାମୀ ୭୦ ମିନିଟ୍ ମଧ୍ୟରେ ଆଉ ୨୦ଟି ବୋମା ବିସ୍ଫୋରଣ ହୋଇଥିଲା । ଏଥିରେ ୫୬ ଜଣ ପ୍ରାଣ ହରାଇଥିବା ବେଳେ ୨୦୦ରୁ ଅଧିକ ଲୋକ ଆହତ ହୋଇଥିଲେ । ୨୦୦୨ ମସିହା ଗୋଧ୍ରା ଟ୍ରେନ ପୋଡ଼ି ଘଟଣାର ବଦଲା ନେବାକୁ ଇଣ୍ଡିଆନ ମୁଜାହିଦିନ ଏପରି କାଣ୍ଡ ଘଟାଇଥିବା ଦାବି କରିଥିଲା ।

## ସରିଲା ଦ୍ୱିତୀୟ ପର୍ଯ୍ୟାୟ....

ଜିଲ୍ଲାପାଳଙ୍କୁ ତୁରନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହାସହିତ ବାଲାଟ ପେପରରେ ତ୍ରୁଟି ଯୋଗୁ ୩ଟି ସ୍ଥାନରେ ପୁନଃ ମତଦାନର ସମ୍ଭାବନା ରହିଛି । ଯାଜପୁର ଜିଲ୍ଲାର କନିକାପଡ଼ା ପଂଚାୟତର ବୁଥ ନମ୍ବର-୨ ଓ ୩ରେ କେତେକ ଦୁର୍ବୃର୍ତ୍ତ ବାଲାଟ ପେପର ନେଇ ପଳାଇଥିବାବେଳେ ଜଗତସିଂହପୁର ଜିଲ୍ଲାର ପାଟସରା ପଂଚାୟତର ୨ଟି ବୁଥରେ ଗଣ୍ଡଗୋଳ କରି ବାଲାଟ ବାକ୍ସକୁ ଭଙ୍ଗାରୁଜା କରିଥିବା ସୂଚନା ମିଳିଛି । ସେହିପରି ବଲାଙ୍ଗିର ଜିଲ୍ଲାର ଲୋଇସିଂହା ବ୍ଲକର ଠାକୁରପାଲ୍ଲୀ ବୁଥ-୨ରେ ଦିଆଯାଇଥିବା ବାଲାଟ ପେପରରେ ୬ଜଣ ସରପଂଚ ପ୍ରାର୍ଥୀଙ୍କ ନାଁ ପରିବର୍ତ୍ତେ ମାତ୍ର ୩ଜଣ ପ୍ରାର୍ଥୀଙ୍କ ଚିହ୍ନ ରହିଥିଲା । ନବରଙ୍ଗପୁରର ନନ୍ଦାହାଣ୍ଡି ବ୍ଲକର ଡହଣା ପଂଚାୟତର ୭ ନମ୍ବର ୱାର୍ଡରେ ଜଣେ ସରପଂଚ ପ୍ରାର୍ଥୀଙ୍କ ସପକ୍ଷରେ ବାଲାଟ ପେପରରେ ଟାମ୍ପରିଂ ହୋଇଥିବା ଅଭିଯୋଗ ହୋଇଛି । ବ୍ୟତୀତ ବରଗଡ଼ ଜିଲ୍ଲାର ଗାଇସିଲେଟ୍ ବ୍ଲକର କାଥୁଆମୂଳ ବୁଥ ବାହାରେ ଲୋକଙ୍କ ମଧ୍ୟରେ ଗଣ୍ଡଗୋଳ ଯୋଗୁ ଗାଇସିଲେଟ୍ ଥାନା ଅଧିକାରୀ ଆହତ ହୋଇଥିଲେ । ଉଲ୍ଲେଖଯୋଗ୍ୟ, ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ପଂଚାୟତ ଭୋଟରେ ବ୍ୟାପକ ହିଂସାକାଣ୍ଡ ପରେ ବିଭିନ୍ନ ଆଡୁ ସମାଲୋଚନା ହେବାରୁ ରାଜ୍ୟ ନିର୍ବାଚନ କମିଶନର ଗତକାଲି ପୁଲିସ ଡିଜିଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରି ପରବର୍ଲୀ ନିର୍ବାଚନଗୁଡ଼ିକୁ ହିଂସାମୁକ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

## ମୁଖ୍ୟମନ୍ତ୍ରୀ କହିଲେ....

ଗୁଜବ କରାଯାଉଛି । କିନ୍ତୁ ମୁଁ ସଂପୂର୍ଣ୍ଣ ସୁସ୍ଥ ଅଛି । ପ୍ରଭୁ ଲିଙ୍ଗରାଜ ମନ୍ଦୀରଙ୍କ ଦର୍ଶନ କରି ଖୁସି ଅନୁଭବ କରୁଛି । ଗଣମାଧମ ପ୍ରତିନିଧି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପ୍ରଶ୍ନ କରିଥିଲେ । ଏହା ପରେ ମୁଖ୍ୟମନ୍ତ୍ରୀ ବିନ୍ଦାସ୍ ଅନ୍ଦାଜରେ ହସି ହସି କହିଥିଲେ, "ଯେବେ ନିର୍ବାଚନ ଆସେ, ମୋ' ସ୍ୱାସ୍ଥ୍ୟ ଭଲ ନଥିବା ନେଇ ଗୁଜବ କରାଯାଏ । କିନ୍ତୁ ମୁଁ ସମ୍ପୂର୍ଣ୍ଣ ସୁସ୍ଥ ଅଛି ଏବଂ ଭଲ ଅଛି ।"ହାରିବା ଭୟରେ ବିରୋଧୀମାନେ ଏପରି ଗୁଜବ ପ୍ରଚାର କରୁଛନ୍ତି କି ପ୍ରଶ୍ନର ଜବାବରେ ମୁଖ୍ୟମନ୍ତ୍ରୀ କହିଥିଲେ, "ଏବେ ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାରୁ ଅଧିକ କିଛି କହିବା ଉଚିତ ହେବନାହିଁ । କିନ୍ତୁ ଯେତେବେଳେ ଏମିତି ଗୁଜବ ପ୍ରଚାର ହୁଏ, ସେତେବେଳେ ବିଜେଡି ଭଲ କରିଥାଏ ।" ସୂଚନା ଯୋଗ୍ୟ, କିଛି ଦିନ ହେଲା ମୁଖ୍ୟମନ୍ତ୍ରୀଙ୍କ ଦେହ ଅଧିକ ଖରାପ ଥିବା ଚର୍ଚ୍ଚା ହେଉଥିଲା । ମୁଖ୍ୟମନ୍ତ୍ରୀଙ୍କ ପାଇଁ ଭୁବନେଶ୍ୱର ବିମାନବନ୍ଦରରେ ଏକ ଏୟାର ଆମ୍ବୁଲାନ୍ସ ରଖାଯାଇଥିବା ଆଲୋଚନା ହେଉଥିଲା ।

## ମୁଁ ଜଣେ ଏମିତି ଆତଙ୍କବାଦୀ....


ଆପକୁ ହରାଇବା ପାଇଁ ପ୍ରିୟଙ୍କା ଗାନ୍ଧି ଭଦ୍ରା, ରାହୁଲ ଗାନ୍ଧି, ନରେନ୍ଦ୍ର ମୋଦି, ସୁଖବୀର ବାଦଲ, ଚରଣଜିତ ସିଂହ ଚନ୍ନି ଓ କ୍ୟାପଟ୍ନେ ଅମରିନ୍ଦର ସିଂହଙ୍କ ଭଳି ନେତାମାନେ ଏକାଠି ହୋଇଛନ୍ତି । ସମସ୍ତେ ସମାନ କଥା କହୁଛନ୍ତି । ଲାଗୁଛି ସେମାନେ ଏକାଠି ଭିଡିଓ କଲ୍ ଚ୍ୟାଟ କିମ୍ବା ରାତିରେ କନଫରେନ୍ସରେ କଥା ହେଉଛନ୍ତି । ଆମ ମାନଙ୍କର ଭୁଲ କ'ଣ ?" ସୂଚନାଯୋଗ୍ୟ, କୁମାର ବିଶ୍ୱାସ କହିଥିଲେ ଯେ "ଅରବିନ୍ଦ କେଜ୍ରିୱାଲ ହେଉଛନ୍ତି ବିଚ୍ଛିନ୍ନତାବାଦୀଙ୍କ ସମର୍ଥକ । ସେ ପଞ୍ଜାବ ମୁଖ୍ୟମନ୍ତ୍ରୀ କିମ୍ବା ଖଲିସ୍ତାନର ପ୍ରଧାନମନ୍ତ୍ରୀ ହେବାକୁ ଚାହୁଁଛନ୍ତି ।" ଏହାକୁ ନେଇ ରାଜନୀତିକ ବୟାନ ଦେଖିବାକୁ ମିଳିଛି ।

# ଲାବନ୍ୟାକୁ ନ୍ୟାୟ ଦାବିରେ ଏବିଭିପିର ଆନ୍ଦୋଳନ

ଭୁବନେଶ୍ୱର, ୧୮/୦୨ (ନି.ପ୍ର): ତାମିଲନାଡୁର ତାଞ୍ଜାଭୁର ଜିଲ୍ଲାର ସେକ୍ରେଡ଼ ହାର୍ଟ ମିଶନାରୀ ସ୍କୁଲରେ ୧୭ବର୍ଷୀୟ ଛାତ୍ରୀ ଲାବନ୍ୟାର ଆତ୍ମହତ୍ୟା ଘଟଣାରେ ଏବିଭିପି କଟକ ଜିଲ୍ଲା ପକ୍ଷରୁ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ଓ ରେଭେନ୍ସା ବିଶ୍ୱବିଦ୍ୟାଳୟ ରେ ଛାତ୍ରଛାତ୍ରୀ ମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ତାମିଲନାଡୁ ର ଛାତ୍ରୀ ଲାବନ୍ୟାକୁ ବିଦ୍ୟାଳୟରେ ଧର୍ମ ପରିବର୍ତନ ପାଇଁ ବାଧ୍ୟକରି ତାକୁ ଆତ୍ମହତ୍ୟା ପାଇଁ ପ୍ରେରିତ କରାଯାଇଛି । ଲାବନ୍ୟା ମୃତ୍ୟୁ ସମୟରେ ଜାରିକରିଥିବା ଭିଡ଼ିଓରେ ମଧ ବିଦ୍ୟାଳୟର ଦୁଇ କର୍ମଚାରୀଙ୍କ ନାମ ଉଲ୍ଲେଖ କରିଛି । ଏତେ ସବୁ ପରେ ମଧ ତାମିଲନାଡୁ ସରକାର ଏ ଦିଗରେ କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷପ ଗ୍ରହଣ କରିନାହାଁନ୍ତି । ନ୍ୟାୟାଳୟ ପକ୍ଷରୁ ସିବିଆଇ ତଦନ୍ତ ପାଇଁ ନିଷ୍ପତି ହୋଇଥିଲେ ସୁଦ୍ଧା ସରକାର ଏହାକୁ ସମର୍ଥନ ଯୋଗାଉନାହାନ୍ତି । ଏହାକୁ ବିରୋଧ କରି ଏବିଭିପି ର ରାଷ୍ଟ୍ରୀୟ ସାଧାରଣ ସମ୍ପାଦିକା ସୁଶ୍ରୀ ନିଧି ତ୍ରିପାଠୀ ଓ ୩୫ଜଣ ଅନ୍ୟ କାର୍ଯ୍ୟକାର୍ତା ମାନେ ତାମିଲନାଡୁର ମୁଖ୍ୟମନ୍ତ୍ରୀ ଭବନ ନିକଟରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରୁଥିବାବେଳେ ତାମିଲନାଡୁ ପୋଲିସ ତାଙ୍କୁ ଅଗଣତାନ୍ତ୍ରିକ ଭାବେ ଗିରଫ କରିଛନ୍ତି । ଏଣୁ ଲାବନ୍ୟା ଘଟଣାର ସିବିଆଇ ତଦନ୍ତ ଦାବି ସହ ଗିରଫ ହୋଇଥିବା ବିଦ୍ୟାର୍ଥୀ ପରିଷଦର କାର୍ଯ୍ୟକାର୍ତା ମାନକୁ ତୁରନ୍ତ ମୁକୁଳାଇବା ପାଇଁ ଦାବି କରି ଏବିଭିପି ଆନ୍ଦୋଳନକୁ ଓଲ୍‌ହାଇଛି । ଏଥିସହ ଓଡ଼ିଶାରେ ଜିଲ୍ଲାପାଳଙ୍କ ପାଣ୍ଠିରୁ ମିଶନାରୀ ମାନଙ୍କୁ ଅର୍ଥ ଯୋଗାଇବା ପାଇଁ ରାଜ୍ୟ ସରକାରଙ୍କ ନିଷ୍ପତିକୁ ଏବିଭିପି ଦୃଢ଼ ନିନ୍ଦା କରିଛି । ଧର୍ମାନ୍ତରୀକରଣ ବିରୋଧୀ ଦୃଢ଼ ଆଇନ ଆଣିବାପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିକଟରେ ଏବିଭିପି ଦାବି ରଖିଛି । ଲବନ୍ୟାକୁ ନ୍ୟାୟ ମିଳିବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବବୋଲି ଏବିଭିପି ମତ ରଖିଛି । ଏହି ବିକ୍ଷୋଭରେ ଏବିଭିପିର କେନ୍ଦ୍ରୀୟ କାର୍ଯ୍ୟ ସମିତି ସଦସ୍ୟା ସଂଗୀତା ପଣ୍ଡା, ଜିଲ୍ଲା ସଂଯୋଜକ ଓମ ବିଶ୍ୱଜିତ ସ୍ୱାଇଁ, ବିଭାଗ ସଂଯୋଜକ ଓମ ପ୍ରକାଶ ପଣ୍ଡା, ଛାତ୍ରନେତା ସୁଶୀଲ ନନ୍ଦ, ଜଗଦୀଶ ଜେନା, ସୁଶୀଲ ମିଶ୍ର, ଚିନ୍ମୟୀ ସାହୁ, ପ୍ରିୟଦର୍ଶିନୀ ପୃଷ୍ଟି, ଦୀପକ ବାରିକ, ଚନ୍ଦନ , ସତ୍ୟଜିତ ସାହୁ, ଅଭିରାମ ଲେଙ୍କା ,ସଞ୍ଜୟ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

# ଉତ୍ତର ଭାରତ ଭ୍ରମଣ ପାଇଁ ସ୍ୱତନ୍ତ୍ର 'ଆଇଆରସିଟିସି'ର ରିହାତି ଟ୍ରେନ ବ୍ୟବସ୍ଥା

ବାଲେଶ୍ୱର,୧୮/୦୨ (ନି.ପ୍ର): ସହଜ ଓ ଅପେକ୍ଷାକୃତ କମ ଖର୍ଚ୍ଚରେ ଉତର ଭାରତର ଦର୍ଶନୀୟ ତଥା ତୀର୍ଥସ୍ଥାନ ଭ୍ରମଣ ପାଇଁ 'ଭାରତୀୟ ରେଳ ଖାଦ୍ୟ ପ୍ରସ୍ତୁତକାରୀ ଏବଂ ପର୍ଯ୍ୟଟନ ନିଗମ' (ଆଇଆରସିଟିସି) ପକ୍ଷରୁ ଆରମ୍ଭ ହୋଇଛି ସ୍ୱତନ୍ତ୍ର ରିଆତି ଟ୍ରେନ ବ୍ୟବସ୍ଥା । ସମସ୍ତ ପ୍ରକାର ସୁବିଧା ମଧ୍ୟରେ ଓଡ଼ିଶାରୁ ଅଧିକ ଯାତ୍ରୀ ଏହାର ସୁଯୋଗ ନେବାକୁ 'ଆଇଆରସିଟିସି'ର ଭୁବନେଶ୍ୱର ଆଞ୍ଚଳିକ ଶାଖା ପରିଚାଳକ ଡ.କ୍ରାନ୍ତି ପି ସାବରକର ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ଜନସାଧାରଣଙ୍କୁ ନିୟମିତ ବ୍ୟବଧାନରେ ଦେଶ ଭ୍ରମଣ ପାଇଁ ଏହି ନିଗମ ରିଆତି ବ୍ୟବସ୍ଥା କରିଥାଏ ବୋଲି ସେ କହିଛନ୍ତି । ସାମ୍ପ୍ରତିକ



କରୋନା ସଂକ୍ରମଣ ସ୍ଥିତି କ୍ରମଶଃ ହ୍ରାସ ପାଇ ଚାଲିଥିବା ବେଳେ ଆସନ୍ତା ମାର୍ଚ୍ଚ ୧୯ ତାରିଖରୁ ୭ଶହ ସିଟ ବିଶିଷ୍ଟ ଏହି ସ୍ୱତନ୍ତ୍ର ରିଆତି ଟ୍ରେନ ଆନ୍ଦ୍ର ପ୍ରଦେଶର ରାଜମଣ୍ଡ୍ରିରୁ ୯ ଦିନିଆ ଯାତ୍ରା ଆରମ୍ଭ କରିବ ବୋଲି ଶ୍ରୀମତୀ ସାବରକର ସୂଚନା ଦେଇଛନ୍ତି । ଆନ୍ଧ୍ର ପ୍ରଦେଶ ସମେତ ଓଡ଼ିଶାର ବ୍ରହ୍ମପୁର, ଖୋର୍ଦ୍ଧା, ଭୁବନେଶ୍ୱର, କଟକ, ଯାଜପୁର, ଭଦ୍ରକ, ଓ ବାଲେଶ୍ୱର ପ୍ରଭୃତି ରେଳ ଷ୍ଟେସନରୁ ଯାତ୍ରୀମାନେ ଏହି ଟ୍ରେନରେ ଯିବେ । ଏହି ଟ୍ରେନ ପ୍ରଥମେ ଆଗ୍ରାର ତାଜମହଲ, ଆଗ୍ରା ଫୋର୍ଟ ପରେ ଶ୍ରୀକୃଷ୍ଣ ଜନ୍ମଭୂମି ମଥୁରା ଓ କତରାର ବୈଷ୍ଣବଦେବୀ ମନ୍ଦିର, ପଞ୍ଜାବ ଅମୃତସର ସ୍ୱର୍ଣ୍ଣ ମନ୍ଦିର, ଭାରତ-ପାକିସ୍ତାନର ସୀମା ଫାଟକ ଏବେ ଶେଷରେ ହରିଦ୍ୱାରର ମନସା ଦେବୀ ଦର୍ଶନ, ଗଙ୍ଗା ଆରତି ପ୍ରଭୃତି ଦେଖିବା ପାଇଁ ସୂଚୀ ରହିଛି । ୯ଦିନ ଓ ୮ ରାତିର ଏହି ଯାତ୍ରା କାଳରେ ଆଇଆରସିଟିସି ପକ୍ଷରୁ ସମସ୍ତ ପ୍ରକାର ଆବଶ୍ୟକ ସେବା ପ୍ରଦାନ କରାଯିବ । କଡ଼ା ନିରାପତ୍ତା ସାଙ୍ଗକୁ ସମସ୍ତ ଯାତ୍ରୀଙ୍କୁ ବୀମାଭୁକ୍ତ କରାଯିବା ସମ୍ପର୍କରେ ଆଞ୍ଚଳିକ ପରିଚାଳକ ଡ. ସାବରକର ସୂଚନା ଦେଇଛନ୍ତି । ସାଧାରଣ ଯାତ୍ରୀଙ୍କ ନିମନ୍ତେ ଜଣପ୍ରତି ୮,୫୧୦ ଓ ଆରାମଦାୟକ ଯାତ୍ରା ସୁବିଧା ପାଇଁ ଜଣପ୍ରତି ୧୦,୪୦୦ ଟଙ୍କାର ଟିକଟ ମୂଲ୍ୟ ଧାର୍ଯ୍ୟ କରାଯାଇଛି । ଏହାର ସୁଯୋଗ ନେବା ସହ ଆବଶ୍ୟକ ସ୍ଥଳେ ଅନଲାଇନରେ ସିଟ ବୁକ କରିପାରିବେ ବୋଲି ସେ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ଡ. ସାବରକରଙ୍କ ସମେତ ଭୁବନେଶ୍ୱର ପର୍ଯ୍ୟଟନ ବିଭାଗ ସହକାରୀ ଅଧିକାରୀ ରାକେଶ ବିଶ୍ୱାଳ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ ।

# ରେଳ ଓଭରବ୍ରିଜ୍ ଉପରେ ବିମ୍ ସ୍ଥାପନ : ଯାତାୟାତ ବନ୍ଦ ସହିତ ହେବନି ବିଦ୍ୟୁତ୍ ସରବରାହ

ଜଳେଶ୍ୱର, ୧୮/୨(ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ନୂଆବଜାରସ୍ଥିତ ୪୫ନଂ ରେଳ ଲେଭେଲ କ୍ରସିଂରେ ନିର୍ମାଣ ହେଉଥିବା ଓଭରବ୍ରିଜ୍ ଉପରେ ଆଜି ବିମ୍ ସ୍ଥାପନ ହେବାକୁ ଥିବାରୁ ଏହି ରାସ୍ତାରେ ସମସ୍ତ ଯାନବାହନ ଚଳାଚଳ ବନ୍ଦ ରହିବ । ସେହିପରି ବିଦ୍ୟୁତ୍ ସରବରହ ମଧ୍ୟ ବନ୍ଦ ରଖାଯିବ ବୋଲି ପ୍ରଶାସନ ପକ୍ଷରୁ ଘୋଷଣା ହୋଇଛି । ଦୀର୍ଘ ୮ ଘଣ୍ଟା ଧରି ବିଦ୍ୟୁତ୍ ବନ୍ଦ ରହୁଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି । ଜଳେଶ୍ୱରରୁ ଭୋଗରାଇ, ଚନ୍ଦନେଶ୍ୱର, ଦୀଘା, କଣ୍ଟାଇ ଇତ୍ୟାଦିକୁ ଯିବାଲାଗି ୫୭ନଂ ରାଜ୍ୟ ରାଜପଥର ନୂଆବଜାର ଲେଭେଲ କ୍ରସିଂ ଠାରେ (୪୫ନଂ ରେଳ ଓଭରବ୍ରିଜ୍) ନିର୍ମାଣ ଲାଗି ୨୦୧୮ରୁ କାର୍ଯ୍ୟ ଆରମ୍ଭ ହୋଇଛି । ପିଲର ଗୁଡିକ ଉପରେ ବିମ୍ (ଗାର୍ଡର) ପଡିବାକୁ ଥିବାରୁ ଚଣ୍ଡିଗଡରୁ ଏକ ଉଚ୍ଚ କ୍ଷମତା ସମ୍ପନ୍ନ କ୍ରେନ୍ ଅଣାଯାଇଛି । ଏଥିରେ ବିମ୍ ଗୁଡିକ ସଂଯୋଗ କରିବା ସ୍ଥିର ହୋଇଥିବାରୁ ଆଜି ନୂଆବଜାର-ବଡବଜାର ରାସ୍ତାରେ ସମସ୍ତ ଯାନ ଚଳାଚଳ ରାତ୍ରୀ ତମାମ ବନ୍ଦ ରଖାଯିବ ବୋଲି ଡାକବାଜିରେ ଘୋଷଣା ହୋଇଛି । ସେହିପରି ଜଳେଶ୍ୱର ସହରରୁ ରାତ୍ରୀ ୯ଟାରୁ ଭୋର ୫ଟା ଯାଏ ବିଦ୍ୟୁତ୍ ସରବରାହ ବନ୍ଦ ରହିବା କୁହାଯାଇଛି । ପ୍ରକାଶଯୋଗ୍ୟ ଆଜି ୬୫ଟି ବିମ୍ ବିଲର ଉପରେ ସ୍ଥାପନ କରାଯିବାକୁ ରହିଛି । ବିଦ୍ୟୁତ୍ ସରବରାହ ବନ୍ଦ ରହୁଥିବାରୁ ସାଧାରଣରେ ପ୍ରତିକ୍ରିୟ ପ୍ରକାଶ ପାଇଛି ।

## ଟ୍ରେନ ଯାତ୍ରୀଙ୍କୁ ଶିଷ୍ଟାଚାର ରକ୍ଷାପାଇଁ ରେଳପଥ ପକ୍ଷରୁ ଅଭିଯାନ

ଭୁବନେଶ୍ୱର, ୧୮/୦୨ (ନି.ପ୍ର): ଟ୍ରେନ୍ ରେ ଯାତ୍ରା ସମୟରେ ଯାତ୍ରୀମାନଙ୍କ ମଧ୍ୟରେ ଶାଳୀନତା ଏବଂ ଶିଷ୍ଟାଚାର ବଜାୟ ରଖିବା ପାଇଁ ପୂର୍ବତଟ ରେଳପଥ ଏକ ସଚେତନତା କାର୍ଯ୍ୟକ୍ରମ ହାତକୁ ନେଇଛି । ଟ୍ରେନରେ ଯାତ୍ରା ସମୟରେ ଜନସାଧାରଣଙ୍କ ମଧ୍ୟରେ ଶିଷ୍ଟାଚାର ସମ୍ବନ୍ଧରେ ଯାତ୍ରୀମାନଙ୍କୁ ପରାମର୍ଶ ଦେବା ପାଇଁ ଟିକେଟ୍ ଯାଂଚ କର୍ମଚାରୀ ମାନଙ୍କ ସହିତ ରେଳବାଇ ସୁରକ୍ଷା ବଳ (ଆରପିଏଫ୍), କ୍ୟାଟରିଂ, ଇଲେକ୍ଟ୍ରିକାଲ୍ ଏବଂ ମେକାନିକାଲ୍ କର୍ମଚାରୀଙ୍କ ସମେତ ଅନ୍-ବୋର୍ଡ ଟ୍ରେନ୍ କର୍ମଚାରୀଙ୍କୁ ମଧ ନିର୍ଦ୍ଦେଶ ଦିଆଯାଇଛି । ଯାତ୍ରୀମାନଙ୍କୁ ସହ-ଯାତ୍ରୀମାନଙ୍କର କୌଣସି ପ୍ରକାର ଅସୁବିଧା ନକରିବାକୁ ପରାମର୍ଶ ଦିଆଯାଉଛି । ଯେପରିକି ଉଚ୍ଚ ସ୍ୱରରେ ଫୋନ୍ ମାଧ୍ୟମରେ କଥାବାର୍ତ୍ତା କିମ୍ବା ଉଚ୍ଚ ସ୍ୱର ସ୍ତରର ସଂଗୀତ ଶୁଣିବା ଇତ୍ୟାଦିରୁ ଦୂରେଇ ରହିବା, ରାତ୍ରି ୧୦ ଟାରୁ କମ୍ପାର୍ଟମେଂଣ୍ଟ ମଧ୍ୟରେ ଫୋକସ୍ ଲାଇଟ୍ ବ୍ୟତୀତ କ୍ୟାବିନରେ ଥିବା ଲାଇଟ୍ ବ୍ୟବହାର ନକରିବା ଏବଂ ୧୦ଟା ପରେ କମ୍ପାର୍ଟମେଂଟରେ ସାଧାରଣ ଆଲୋଚନାର ଶବ୍ଦ / ଶବ୍ଦ ସ୍ତରକୁ କମ୍ କରିବାକୁ କୁହାଯାଇଛି । ଯାତ୍ରୀମାନଙ୍କ ସହିତ ପୂର୍ବତଟ ରେଳପଥ ଏହାର କର୍ମଚାରୀଙ୍କୁ ଭଦ୍ରତା, କୌଶଳପୂର୍ଣ୍ଣ ଏବଂ ସୌଜନ୍ୟମୂଳକ ବ୍ୟବହାର ବଜାୟ ରଖିବା ସହିତ ସମ୍ବେଦନଶୀଳ ହେବାକୁ ପରାମର୍ଶ ଦେଇଛି । ଯାତ୍ରୀମାନଙ୍କୁ ଜରୁରୀ ଆବଶ୍ୟକତା ଯଥା ୬୦ ବର୍ଷରୁ ଅଧିକ ଯାତ୍ରୀ, ଦିବ୍ୟାଙ୍ଗଜନ, ରୋଗୀଏବଂ ଟ୍ରେନରେ ଏକକ ମହିଳା ଯାତ୍ରୀଙ୍କୁ ସାହାଯ୍ୟ କରିବାକୁ ନିର୍ଦ୍ଦେଶନାମା ମଧ ଦିଆଯାଇଛି । ଯେଉଁ ଯାତ୍ରୀ ନିର୍ଦ୍ଦେଶାବଳୀ ଉଲ୍ଲଂଘନ କରୁଛନ୍ତି ଏବଂ ଅନ୍ୟ ସହ-ଯାତ୍ରୀମାନଙ୍କ ପାଇଁ ଅସୁବିଧା ସୃଷ୍ଟି କରାଉଅଛନ୍ତି କିମ୍ବା ଟ୍ରେନରେ ଯାତ୍ରା କରୁଥିବା ସମୟରେ ସହଯାତ୍ରୀଙ୍କୁ ବିବ୍ରତ କରୁଛନ୍ତି ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ମଧ ନିର୍ଦ୍ଦେଶନାମା ଜାରିକରାଯାଇଛି ।

# ଗୋଟିଏ ଦିନରେ ୬୭୧ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୮/୦୨ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୬୭୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୧୪୫୫ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୧୩୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୬୪୫୭୧ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୭୮୫୫ ରହିଛି । ଆଜି ଚିହ୍ନଟ ହୋଇଥିବା ୬୭୧ ଜଣଙ୍କ ମଧ୍ୟରୁ ୩୯୩ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୭୮ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସୁନ୍ଦରଗଡ଼ରୁ ସବୁଠାରୁ ଅଧିକ ୧୦୫ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୨୨, ବାଲେଶ୍ୱର ଜିଲ୍ଲାରୁ ୧୨ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ୧୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୭ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୧୬, କଟକରୁ ୩୧ ସଂକ୍ରମିତ ହୋଇଛନ୍ତି । ଦେବଗଡ ଜିଲ୍ଲାରୁ ୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ୨୭, ଗଂଜାମ ଜିଲ୍ଲାରେ ୧୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୨, ଯାଜପୁରରୁ ୪୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୨୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାରୁ ୧୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କନ୍ଧମାଳ ଜିଲ୍ଲାରୁ ୧୩ ,କେନ୍ଦ୍ରାପଡ଼ା ଜିଲ୍ଲାରୁ ୧୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝରରୁ ୯, ଖୋର୍ଦ୍ଧାରୁ ୧୦୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ୩୯ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜ ଜିଲ୍ଲାରୁ ୨୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୟାଗଡ ଜିଲ୍ଲାରୁ ୧୮ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡା ଜିଲ୍ଲାରୁ ୧୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ପୁରୀ ଜିଲ୍ଲାରୁ ୧୨ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ା ଜିଲ୍ଲାରୁ ୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୨୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୁନ୍ଦରଗଡ଼ରୁ ୧୦୫, ଷ୍ଟେଟ୍ ପୁଲରୁ ୨୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ନିର୍ବାଚନ କାର୍ଯ୍ୟରେ ଅବହେଳା : ୧୪ ଗାଡି ମାଲିକଙ୍କୁ ଗିରଫ ପରୱାନା ଜାରି

ପୁରୀ, ୧୮/୦୨ (ନି.ପ୍ର): ତ୍ରିସ୍ତରୀୟ ପଚାଂୟତ ନିର୍ବାଚନ ନିମନ୍ତେ ଗାଡି ମୁତୟନରେ ଅବହେଳା କରିଥିବାରୁ ୧୪ ଜଣ ଗାଡି ମାଲିକଙ୍କ ବିରୁଦ୍ଧରେ ଗିରଫ ପରୱାନା ଜାରି କରାଯାଇଛି । ଅନୁରୋଧ ପରେ ମଧ ସମ୍ପୃକ୍ତ ମାଲିକ ମାନେ ଗାଡି ମୁତୟନ ନକରିବାରୁ ପୁରୀ ଜିଲ୍ଲାପାଳ ଜନପ୍ରତିନିଧି ଆଇନ-୧୯୫୧ର ଧାରା ୧୬୭ ଏବଂ ଓଡିଶା ଓମିନ ବସ୍ ଆଇନ ୧୯୮୪ର ଧାରା ୯ ଅନୁଯାୟୀ ପରୱାନା ଜାରି କରିଛନ୍ତି । ଏହି ଗିରଫ ପରୱାନା କାର୍ଯ୍ୟକାରୀ କରିବାକୁ ପୁରୀ ଓ ଖୋର୍ଦ୍ଧାର ଆରକ୍ଷୀ ଅଧିକ୍ଷକ ଏବଂ ଡିସିପି, ଭୁବନେଶ୍ୱରଙ୍କୁ ଅବଗତ କରାଯାଇଛି ।

## ବାଲେଶ୍ୱର ବିଜେଡି ସଭାପତି ରବିନ୍ଦ୍ର ଜେନା ୧୩ନଂ. ଜୋନର ପ୍ରଚାରର ମଙ୍ଗ ଧରିଲେ

ନୀଳଗିରି, ୧୮/୦୨ (ନି.ପ୍ର): ତ୍ରୀସ୍ତରିୟ ପଂଚାୟତ ନିର୍ବାଚନରେ ୪ର୍ଥ ପର୍ଯ୍ୟାୟ ଆଉ ୪ଦିନ ବାକି ଥିବା ବେଳେ ନୀଳଗିରି ବ୍ଲକରେ ମୁଖ୍ୟତଃ ବିଜେଡି ଓ ବିଜେପି ଦଳ ପକ୍ଷରୁ ମାରାଥନ ପ୍ରଚାର ଚାଲିଥିବା ବେଳେ ନୀଳଗିରି ବ୍ଲକର ୧୩ନଂ. ଜୋନର ବାଲେଶ୍ୱରର ପୂର୍ବତନ ସାଂସଦ ତଥା ଜିଲ୍ଲା ବିଜେଡି ସଭାପତି ଇଂ. ରବୀନ୍ଦ୍ର କୁମାର ଜେନା ପ୍ରଚାର ମଇଦାନରେ ଆଜି ମଙ୍ଗ ଧରିଛନ୍ତି । ରାଜ୍ୟ ବିଜେଡିର ଯୁଗ୍ମ ସଂପାଦକ ତଥା ନୀଳଗିରି ର ଟାଣୁଆ ନେତା ବିଜେଡିର ତୁଙ୍ଗ ନେତା ଗତିକୃଷ୍ଣ ନନ୍ଦ ଉକ୍ତ ଜୋନରେ ବିଜେଡି ଦଳ ପକ୍ଷରୁ ଜିଲ୍ଲା ପରିଷଦ ଭାବେ ପ୍ରତିଦ୍ୱନ୍ଦିତା କରୁଛନ୍ତି । ଏହି ପରିପ୍ରେକ୍ଷୀରେ ରବିନ୍ଦ୍ର ଜେନା ମଛୁଆ, ବେଗୁନିଆ, କେ.ପି.ମାହାଲ, କାଂଶ ସମେତ ଉକ୍ତ ଜୋନରେ ଥିବା ୮ଟି ପଂଚାୟତରେ ମାରାଧନ ପ୍ରଚାର କରିଛନ୍ତି । ରବିନ୍ଦ୍ର ଜେନାଙ୍କ ସହିତ ଶତାଧିକ ବିଜେଡି କର୍ମୀ ପ୍ରଚାର ମଇଦାନରେ ସାମିଲ ଥିଲେ । ଉକ୍ତ ଜୋନରେ ଇଂ. ରବିନ୍ଦ୍ର ଜେନା ଙ୍କ ଭୋଟରଙ୍କ ସମର୍ଥନ ରହିଥିବା ବେଳେ ଗତିକୃଷ୍ଣ ନନ୍ଦଙ୍କର ସୁଖଦୁଃଖ ସମୟରେ ଲୋକଙ୍କ ଠାରେ ଠିଆ ହେବା ପ୍ରସଙ୍ଗକୁ ଭୋଟର ଗତିନନାଙ୍କ ପ୍ରତି ଆଗ୍ରହ ଦେଖାଉଥିବା ଜଣାପଡ଼ିଛି । ଏପଟେ ବିଜେପିର ଜିଲ୍ଲା ପରିଷଦ ପ୍ରାର୍ଥୀ ତାପସ କୁମାର ମହାନ୍ତି, ସାଂସଦ ଓ ବିଧାୟକ ଙ୍କ ସମ୍ମାନ ରକ୍ଷା ପାଇଁ ଜିତିବାର ପ୍ରୟାସକୁ ଆପ୍ରାଣେ ଚେଷ୍ଟା କରୁଥିବା ଜଣାପଡ଼ିଛି ।

## ଛିନତାଇ ବେଳେ ଧରାପଡ଼ିଲେ ୨ ଲୁଟେରା



ନୀଳଗିରି, ୧୮/୦୨ (ନି.ପ୍ର): ନୀଳଗିରି ଅଂଚଳର ଅଧିକାଂଶ ସମୟରେ ଟଙ୍କା ଛିନତାଇ ଘଟଣା ବଢ଼ି ଚାଲିଥିବା ବେଳେ ନୀଳଗିରି ପୋଲିସ ହାତ ଖୋଲିକରି ବସିଥିଲା। ୧୫ଦିନ ପୂର୍ବରୁ ପୃଥକ ପୃଥକ ସ୍ଥାନରେ ୨ଜଣଙ୍କ ଠାରୁ ଲକ୍ଷାଧିକ ଟଙ୍କା ଛିନ୍‌ତାଇ ହୋଇଥିବା ବେଳେ ପୋଲିସ ଲୁଟେରାଙ୍କ କୌଣସି ଖୋଜ ଖବର ପାଇ ପାରି ନ ଥିଲା । ପୂନର୍ବାର ଶୁକ୍ରବାର ଜଣେ ଚାଷୀର ଟଙ୍କାକୁ ବାଇକ୍ ଡିକି ଭାଙ୍ଗି ଲୁଟ୍ କରୁଥିବା ବେଳେ ଚାଷୀ ଜଣଙ୍କ ୨ଜଣ ଲୁଟେରାଙ୍କୁ କାବୁ କରିବାରେ ସକ୍ଷମ ହୋଇଥିବା ବେଳେ ଉଭୟ ଲୁଟେରାଙ୍କୁ ସ୍ଥାନୀୟ ଜନସାଧାରଣ ଉତମ ମଧ୍ୟମ ଦେବା ଘଟଣା ନୀଳଗିରି ରେ ଚର୍ଚ୍ଚାର ବିଷୟ ପାଲଟିଛି । ସୂଚନା ଅନୁଯାଇ କେ.ସି.ପୁର ପଂଚାୟତ ଦରଖୋଲି ଗ୍ରାମର ଜ୍ଞାନରଂଜନ ବେହେରା ନିଜ ଧାନ ବିକ୍ରି ଟଙ୍କା ନୀଳଗିରି କୋଅପରେଟିଭ୍ ବ୍ୟାଙ୍କରୁ ୭୧,୩୦୦ ଟଙ୍କା ଉଠାଇ ନିଜ ବାଇକ୍ ଡିକିରେ ରଖି ଦୁର୍ଗାମଣ୍ଡପ ଛକରେ ବାଇକ ରଖି ମିଠା କିଣୁଥିବା ବେଳେ ବ୍ୟାଙ୍କ ଠାରୁ ପିଛା କରୁଥିବା ୨ଜଣ ଲୁଟେରା ତାଙ୍କ ଡିକି-ଭାଙ୍ଗି ଟଙ୍କା ନେଇ ଯାଉଥିଲେ । ହଠାତ୍ ଜ୍ଞାନରଂଜନ ଦେଖି ପାରି ଉଭୟଙ୍କୁ କାବୁ କରି ଉତମମଧ୍ୟମ ଦେଇଥିଲେ । ଘଟଣାସ୍ଥଳରେ ପୋଲି ପହଂଚି ଉଭୟ ଲୁଟେରାଙ୍କୁ ଗିରଫ କରିଥିବା ସୂଚନା ମିଳିଛି ।

# ନିର୍ବାଚନ ମୈଦାନରେ ଚର୍ଚ୍ଚିତ ନେତା ଓ ନେତ୍ରୀ



ଖଇରା,୧୮/୨(ନିପ୍ର) ଆସନ୍ତା ୨୦ତାରିଖ ନିର୍ବାଚନରେ ଭୋଟର ମାନେ ଚର୍ଚ୍ଚିତ ନେତା ଓ ନେତ୍ରୀ ମାନଙ୍କୁ ନିର୍ବାଚିତ କରିବା ନେଇ ମତଦାନ ସବ୍ୟସ୍ତ କରିବା । ଏହି ନେତା ମାନଙ୍କ ମଧ୍ୟରେ ହରିପୁର ପଂଚାୟତର ପୂର୍ବତନ ସରପଂଚ ବିଷ୍ଣୁପଦ ଘଡାଇ ସେ ଜିଲାପରିଷଦ ଜିତିଥିଲା ବେଳେ ସରପଂଚ ମଧ୍ୟ ହୋଇଥିଲେ । ସେ ଏଥର ହରିପୁର ପଂଚାୟତରୁ ସମିତି ସଭୟ ଭାବେ ପ୍ରତିଦ୍ୱନ୍ଦିତା କରୁଛନ୍ତି । ଖଇରା ବ୍ଲକର ୨ଥର ବ୍ଲକ ଉପାଧକ୍ଷ ହୋଇଥିବା ଜୟନ୍ତ କୁମାର ରାଉତ ମଧ୍ୟ ୩ନଂ ଜୋନରୁ ବିଜେଡିର ଜିଲାପରିଷଦ ସଭ୍ୟ ପାଇଁ ନିର୍ବାଚନ ଲଢୁଛନ୍ତି । ଗଜେନ୍ଦ୍ର ଦାସ କୁପାରି ପଂଚୟାତ ସରପଂଚ ଓ ଜିଲାପରିଷଦ ହୋଇଥିବା ବେଳେ ସେ ମଧ୍ୟ ୩ନଂ ଜୋନରୁ ବିଜେପିର ଜିଲାପରିଷଦ ସଭ୍ୟ ପାଇଁ ନିର୍ବାଚନ ଲଢୁଛନ୍ତି । ବର୍ତ୍ତମାନର ବ୍ଲକ ଅଧକ୍ଷା ଅଭିଲିପ୍‌ସା ସାହୁ ଗତ ଥର ପ୍ରାର୍ଥୀ ହୋଇ ନିର୍ବାଚନ ଲଢୁଛନ୍ତି । ଯୁବ ସମାଜ ସେବୀ ଇଂ ରାଜେଶ କୁମାର ମହାକୁ ୫ନଂ ଜୋନରୁ ବିଜେପିର ଜିଲାପରିଷଦ ସଭ୍ୟ ପାଇଁ ନିର୍ବାଚନ ଲଢୁଛନ୍ତି । ବାମପନ୍ଥୀ ନେତା ମାନସ କୁମାର ମହାପାତ୍ର ସରପଂଚ ଥିବାବେଳେ ଏବେ ସମିତି ସଭ୍ୟ ଥାଇ ନିର୍ବାଚନରେ ନୟାଖଣ୍ଡି ପଂଚାୟତରୁ ସରପଂଚ ପାଇଁ ଲଢୁଛନ୍ତି ।ସେହିପରି ଚଳିତ ନିର୍ବାଚନରେ ପୂର୍ବତନ ବ୍ଲକ ଅଧକ୍ଷା ଜୟନ୍ତି ମହଲା, ସମତିସଭ୍ୟା, ଜିଲାପରିଷଦ ଥିବା ବେଳେ ଏବେ ନହଙ୍ଗ ପଂଚାୟତରୁ ସମିତି ସଭ୍ୟ ପାଇଁ ନିର୍ବାଚନରେ ଲଢୁଛନ୍ତି । ଭୋଟର ମାନେ ଏମାନଙ୍କୁ କେତେ ପରିମାଣରେ ସମର୍ଥନ କରୁଛନ୍ତି ଦେଖିବାକୁ ବାକି ରହିଲା ।

## ରସାଲପୁରରେ ବିଜେଡିର ତୁଫାନୀ ପ୍ରଚାର

ବାଲେଶ୍ୱର,୧୮/୦୨ (ନି.ପ୍ର): ଚଳିତ ପଞ୍ଚାୟତ ନିର୍ବାଚନରେ ଆସନ୍ତା ୨୪ ତାରିଖରେ ହେବାକୁ ଥିବା ସଦର ବ୍ଲକ ଅଞ୍ଚଳରେ ଏବେ ଜୋରଦାର ପ୍ରଚାର ଚାଲିଛି । ତେବେ ବିଜେଡି ପ୍ରାର୍ଥୀ ଓ ବିଜେଡି ସମର୍ଥିତ ପ୍ରାର୍ଥୀଙ୍କ ପାଇଁ ପ୍ରଚାରର ମଙ୍ଗ ସଦର ବିଧାୟକ ସ୍ୱରୂପ ଦାସ ଧରିଛନ୍ତି । ତାଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଏବେ ନିର୍ବାଚନୀ ସଭା ଓ ଡୋର କ୍ୟାମ୍ପେନିଂ, ର୍ୟାଲି ଜାରି ରହିଛି । ଏହି ପରିପ୍ରେକ୍ଷୀରେ ରସଲପୁର ଗ୍ରାମ ପଞ୍ଚାୟତର ବଡ଼ଧନାଡ଼ି ଅଞ୍ଚଳରେ ଆୟୋଜିତ ବିଶାଳ ବାଇକ ଶୋଭାଯାତ୍ରାରେ ସଦର ବିଧାୟକ ଶ୍ରୀ ଦାସଙ୍କ ସମେତ ଚିଲିକାର ପୂର୍ବତନ ବିଧାୟକ ରଘୁନାଥ ସାହୁ ଯୋଗ ଦେଇଥିଲେ । ଶୋଭାଯାତ୍ରା ଶେଷରେ ଆୟୋଜିତ ସାଧାରଣ ସଭାରେ ସେମାନେ ଦଳୀୟ ଜିଲାପରିଷଦ ପ୍ରାର୍ଥୀ ଓ ବିଜେଡି ସମର୍ଥିତ ପ୍ରାର୍ଥୀଙ୍କ ପାଇଁ ଭୋଟଭିକ୍ଷା କରିଥିଲେ ।

## ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କୁ ସୁଷମ ଖାଦ୍ୟ ପ୍ରଦାନ

ବାଲେଶ୍ୱର,୧୮/୦୨ (ନି.ପ୍ର): କଳ୍ପସା ଅଙ୍କିତା ସ ଫାଉଣ୍ଡେସନର ନିର୍ଦ୍ଦେଶିକା ଅଙ୍କତା ସଙ୍କ ଶୁଭବିବାହ ଅବସରରେ ରାଣୀପାଟଣା ଦୃଷ୍ଟିହୀନଙ୍କ ନିମେନ୍ତ ବିଦ୍ୟାଳୟରଙ୍କ ଛାତ୍ରଛାତ୍ରୀଙ୍କୁ ଉଷମ ଖାଦ୍ୟ ପ୍ରଦାନ କରାଯାଇଛି । ଶ୍ରୀମତୀ ସ ଓ ତାଙ୍କ ପତି ଜପକ୍ରିତ୍ ସିଂହ ଆଜି ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କ ସହ ସମୟ ବାର୍ତ୍ତାଳପ କରିଥିଲେ । ସେମାନଙ୍କ ସହ ଖୁସୀ ବଣ୍ଟିଥିଲେ । ସମସ୍ତଙ୍କୁ ଖାଦ୍ୟ ପ୍ରଦାନ କରିଥିଲେ । ଫାଉଣ୍ଡେସନର ସମ୍ପାଦକ ଅନୀଲ କୁମାର ପ୍ରଧାନ, ସଦସ୍ୟ ଡ. ରଶ୍ମି ଦାସ, ଇତ୍ୟାସା ସ ପ୍ରମୁଖ ଏଥିରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଖାଦ୍ୟ ପ୍ରଦାନ କରିଥିଲେ । ପୂର୍ବରୁ ଶ୍ରୀମତୀ ସ ବିଭିନ୍ନ ସମୟରେ ଏହି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ ମିଶନ୍ତି ଓ ସେମାନଙ୍କ ଉପହାର ଏବଂ ଖାଦ୍ୟ ଦେଇଥାନ୍ତି । ତାଙ୍କର ଏତାଦୃଶ କାର୍ଯ୍ୟକୁ ବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶକ ଦିବାକର ସ ବେଶ ପ୍ରଶଂସା କରିବା ସହ ତାଙ୍କୁ ସାଧୁବାଦ ଜଣାଛନ୍ତି ।

## ୟୁକୋ ବ୍ୟାଙ୍କ ବାଲେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ କୃଷିରଣ ମେଳା

ବାଲେଶ୍ୱର,୧୮/୦୨ (ନି.ପ୍ର): ୟୁକୋ ବ୍ୟାଙ୍କ, ବାଲେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ଅନ୍ତର୍ଗତ ବିଭିନ୍ନ ଶାଖାମାନଙ୍କ ପକ୍ଷରୁ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, ମୟୂରଭଞ୍ଜ ଏବଂ କେନ୍ଦୁଝର ଆଦି ୭ଟି ଜିଲାରେ ୩ଦିନିଆ କୃଷି ରଣମେଳା ଅନୁଷ୍ଠିତ ହୋଇଯାଇଛି । ଗତ୧୪ରୁ ଏହି ମେଳା ଆରମ୍ଭ ହୋଇ ୧୬ ତାରିଖ ପର୍ଯ୍ୟନ୍ତ ଚାଲିଥିଲା । ଏହି କ୍ୟାମ୍ପରେ ବାଲେଶ୍ୱର ଜୋନ ଅଧୀନସ୍ଥ ୭୯ଟି ଶାଖା ଦ୍ୱାରା ୨୫୩ ଜଣ ହିତାଧିକାରୀଙ୍କୁ ୩.୮୪କୋଟି ଟଙ୍କାର ଋଣ ମଞ୍ଜୁର କରାଯାଇଥିଲା । ସେଥି ମଧ୍ୟରୁ ୨.୪୫ କୋଟି ଟଙ୍କା ୧୧୦ ଜଣ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ, ୨୨.୭୮ଲକ୍ଷ ଟଙ୍କା ୩୮ ଜଣ କେସିସି ହିତାଧିକାରୀଙ୍କୁ ଏବଂ ୧.୧୬ କୋଟି ଟଙ୍କାର ଋଣ ଅନ୍ୟାନ୍ୟ ହିତାଧିକାରୀଙ୍କୁ ପ୍ରଦାନ କରାଯାଇଥିଲା । ବ୍ୟାଙ୍କ ପକ୍ଷରୁ ରିଟେଲ ଏବଂ ଏମଏସଏମଇ ଅଭିଯାନ ଗତ ମାସ ୧୯ ତାରିଖରୁ ଆରମ୍ଭ କରାଯାଇଅଛି । ବ୍ୟାଙ୍କର ବାଲେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ରିଟେଲ ଏବଂ ଏମଏସଏମଇ କ୍ଷେତ୍ରରେ ଚଳିତ ମାସ ୧୭ ତାରିଖ ସୁଦ୍ଧା ୨୯.୬୩ କୋଟି ଟଙ୍କାର ଋଣ ମଞ୍ଜୁର କରାଯାଇଛି । ସେଥି ମଧ୍ୟରୁ ବାଲେଶ୍ୱର ଜୋନର ବିଭିନ୍ନ ଶାଖା ଦ୍ୱାରା ୨୩.୬୩ କୋଟି ଟଙ୍କା ରିଟେଲ କ୍ଷେତ୍ରରେ ଏବଂ ୫.୫୮ କୋଟି ଟଙ୍କା ଏମଏସଏମଇ କ୍ଷେତ୍ରରେ ମଞ୍ଜୁର କରାଯାଇଛି । ଏହି ରିଟେଲ ଏବଂ ଏମଏସଏମଇ ଅଭିଯାନ ୧୯ ମାର୍ଚ୍ଚ ୨୦୨୨ ପର୍ଯ୍ୟନ୍ତ ଚାଲୁ ରହିବ ।

# ରୋହିତଙ୍କ ଶତକ ବଳରେ ମା(ଗ୍ରୀନ) ବିଜୟୀ



ବାରିପଦା, ୧୮/୦୨ (ନି.ପ୍ର): ବାରିପଦା ଷ୍ଟାଡିୟମ ପଡିଆରେ ଓଡିଶା କ୍ରିକେଟ ଆସୋସିଏସନ ଓ ମୟୁରଭଞ୍ଜ ଏଥଲେଟିକ ଆସୋସିଏସନର ମିଳିତ ସହଯୋଗରେ ଜିଲ୍ଲା ସ୍ତରୀୟ ଆନ୍ତଃ କ୍ଲବ କ୍ରିକେଟ ଲିଗର ଆଜିର ମ୍ୟାଚରେ ମା(ଗ୍ରୀନ) ଜେକେସିସି ଦଳକୁ ୪ ଉଇକେଟରେ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ଜେକେସିସି ଦଳ ୩୮.୪ ଓଭରରେ ସମସ୍ତ ଉଇକେଟ ହରାଇ ୨୦୪ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ସଂଜୀବ କୁମାର ମହାପାତ୍ର ୫୩ ରନ ଓ ଶ୍ୱେତ ଦାସ ୪୮ ରନ କରିଥିବା ବେଳେ ବିପକ୍ଷ ଦଳର ଓଁକାର ମହାନ୍ତି ୩ ଟି ଉଇକେଟ ଅକ୍ତିଆର କରିଥିଲେ । ଉତ୍ତରରେ ମା(ଗ୍ରୀନ ) ଦଳ ୩୮.୧ ଓଭରରେ ୬ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲେ ଓ ଦଳ ପକ୍ଷରୁ ରୋହିତ ମୋଦି ଅପରାଜତ ୧୦୮ ରନ ଓ ପ୍ରିତମ ଆଚାର୍ଯ୍ୟ ୪୫ ରନକରିଥିବା ବେଳେ ବିପକ୍ଷ ଦଳର ସାମନ୍ତ ଶେଖର ପାଲ ୩ ଟି ଉଇକେଟ ଅକ୍ତିଆର କରିଥିଲେ । ରୋହିତ ମୋଦି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି । ଆଜିର ଖେଳକୁ ଜଗଦୀଶ ମହାକୁଡ଼ ଓ ସୁଶାନ୍ତ ମହାନ୍ତି ପରିଚାଳନା କରିଥିବାବେଳେ ସମ୍ପିତ ମହାରଣା ସ୍କୋରିଙ୍ଗରେ ସହାୟତା କରିଥିଲେ ଓ ଆଜିର ଖେଳକୁ ପୂର୍ବତନ କ୍ରିକେଟ ଖେଳାଳି ଯତୀନ୍ଦ୍ରନାଥ ଷଡଙ୍ଗୀ ଓ ସଂଜୀବ ଦ୍ୱିବେଦୀ ଉଦଘାଟନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ କ୍ରିକେଟ ସହ ସମ୍ପାଦକ ହର ପ୍ରସାଦ ପାତ୍ର ଓ ପ୍ରସନଜିତ ମହାନ୍ତି ତଥା ସହ ସମ୍ପାଦକ ବୈଦ୍ୟନାଥ ରଥ ପ୍ରମୁଖ ଉପସ୍ଥିତ ଥିଲେ । ଆସନ୍ତାକାଲି ବିଜେଏମସିସି ଦଳ ଓ ରାଇରଙ୍ଗପୁର ଦଳ ମଧ୍ୟରେ ଖେଳ ହେବ ବୋଲି ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଜଣାଇଛନ୍ତି ।

## ନିର୍ବାଚନ କାର୍ଯ୍ୟରେ ଅନୁପସ୍ଥିତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ବାଲେଶ୍ୱର,୧୮/୦୨ (ନି.ପ୍ର): ଚଳିତ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହୋଇଯାଇଛି । ତେବେ ଏହି ଦୁଇଟି ପର୍ଯ୍ୟାୟ ନିର୍ବାଚନ ପାଇଁ ନିୟୋଜିତ ହୋଇଥିବା ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀମାନଙ୍କ ମଧ୍ୟରୁ କିଛି ଅଧିକାରୀ ବିନା କାରଣରେ ଅନୁପସ୍ଥିତ ରହିଥିବା ଜଣାଯାଇଛି । ଏପରିକି କିଛି ଅଧିକାରୀ ଜିଲା ପ୍ରଶାସନକୁ କୌଣସି ସୂଚନା ନ ଦେଇ କାର୍ଯ୍ୟରେ ଅନୁପସ୍ଥିତ ରହିଛନ୍ତି । ଯେଉଁ ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀ ବିନା କାରଣରେ ନିର୍ବାଚନ କାର୍ଯ୍ୟରେ ଯୋଗ ଦେଇ ନାହାଁନ୍ତି ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ କେ ସୁଦର୍ଶନ ଚକ୍ରବର୍ତ୍ତୀ ନିର୍ଦ୍ଦେଶ ଦେଇଛନ୍ତି ।ଏଥି ସହିତ ଆଗକୁ ହେବାକୁ ଥିବା ଆହୁରି ତିନିଟି ପର୍ଯ୍ୟାୟ ମତଦାନ ପାଇଁ ନିୟୋଜିତ ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀଙ୍କୁ ମଧ୍ୟ ପ୍ରଶାସନ ପକ୍ଷରୁ ସତର୍କ କରାଯାଇଛି ।

# ନିର୍ବାଚନରେ ହିଂସା ଓ ଅନିୟମିତତା ରୋକାଯିବା ପାଇଁ ବିଜେପିର ଦାବିପତ୍ର ପ୍ରଦାନ



ବାରିପଦା, ୧୮/୦୨ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲାରେ ଗତ ୧୬ ତାରିଖରେ ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ସମୟରେ ବିଭିନ୍ନ ସ୍ଥାନରେ ନିର୍ବାଚନ ହିଂସା ବିଶୃଙ୍ଖଳା, ଗଣ୍ଡଗୋଳ ଓ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇ ଥିବାର ଅଭିଯୋଗ କରି ଆଜି ଜିଲ୍ଲା ବିଜେପି ପକ୍ଷରୁ ନିର୍ବାଚନରେ ହିଂସା ଓ ଅନୀୟମିତତା ରୋକାଯିବା ପାଇଁ ଏକ ଦାବୀପତ୍ର ମୟୂରଭଞ୍ଜ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିବାର ଜଣା ଯାଇଛି । ପୋଲିଂ ବୁଥରେ ଗୋଟିଏ ଇଙ୍କପେଡ ରେ ୪ଟି ଭୋଟ ଦେବା ଦ୍ୱାରା ବେଲଟ ପେପରରେ ଅନେକ ସମୟରେ ମୋହର ଦୃଶ୍ୟମାନ ହେଉନଥିବା, ଭୋଟ ଦେବା ନିର୍ଦ୍ଧାରିତ ସମୟ ଶେଷ ହେବା ପୂର୍ବରୁ ପ୍ରିଜାଇଡିଂ ଅଫିସରଙ୍କ ଦ୍ୱାରା ଟୋକେନ ଦେବାରେ ବହୁତ ପାତର ଅନ୍ତର କରାଯାଉଥିବା, ପୋଲିଂ ପରିସରରେ ବାହାର ଗେଟରେ ତାଲା ପଡି ଗଲା ପରେ ବହୁ ସ୍ଥାନରେ ଚୋରା ବାଟ ଦେଇ ଅସାମାଜିକ ଲୋକ ମାନେ ଅବାଧ ପ୍ରବେଶ କରି ପୋଲିଂ କେନ୍ଦ୍ର ଭିତରେ ନିଜର ଆଧିପତ୍ୟ ବିସ୍ତାର କରି ଭୋଟରଙ୍କୁ ପ୍ରଭାବିତ କରୁଥିବା, ପୋଲିଂ ବୁଥ ଭିତରକୁ ଶଙ୍ଖଚିହ୍ନ ଥିବା ଓ ନିର୍ବାଚନ ସଂକେତ ଥିବା ଚିରକୁଟ ଯାଉଥିବାରୁ ଏହାକୁ ବିରୋଧ କରିବାରୁ ବିଭିନ୍ନ ସ୍ଥାନରେ ଅଶାନ୍ତିର ବାତାବରଣ ଦେଖା ଦେଉଥିବା, ପୋଲିଂ ବୁଥରେ ଭୋଟିଂ ସରିବା ପରେ ପୋଲିଂ ଏଜେଣ୍ଟ ମାନଙ୍କୁ ନୂତନ ଭୋଟ ଗଣତି ନିୟମ ଅନୁଯାୟୀ ସରପଞ୍ଚ ଓ ୱାର୍ଡ ମେମ୍ବରଙ୍କ ପାଇଁ ୭ ନମ୍ବର ଫର୍ମ, ଜିଲ୍ଲା ପରିଷଦ ପ୍ରାର୍ଥୀଙ୍କ ପାଇଁ ୧୧ ନମ୍ବର ଫର୍ମ ଏବଂ ପଞ୍ଚାୟତ ସମିତି ସଭ୍ୟଙ୍କ ପାଇଁ ୧୨ ନମ୍ବର ଫର୍ମରେ କେତେ ବେଲଟ ପେପର ଆସିଥିଲା, କେତେ ବ୍ୟବହାର ହେଲା ଓ କେତେ ବ୍ୟବହାର ହୋଇ ନାହିଁ କେତେଜଣ ପୁରୁଷ ଓ ମହିଳା ଭୋଟ ଦେଇଛନ୍ତି ତାର ପ୍ରିଜାଇଡିଂ ଅଫିସରଙ୍କ ଦସ୍ତଖତ ଥିବା ଏକକିତା ନକଲ ପୋଲିଂ ଏଜେଣ୍ଟ ମାନଙ୍କୁ କପି ଦିଆଯାଉନଥିବା, ଭୋଟବାକ୍ସ ଗୁଡିକ ଜନ ଗହଳିରୁ ଦୂର ସ୍ଥାନରେ ଥିବା ଷ୍ଟ୍ରଙ୍ଗ ରୁମରେ ରହୁଥିବାରୁ ସେଗୁଡିକର ଉପଯୁକ୍ତ ସୁରକ୍ଷା ପାଇଁ କେନ୍ଦ୍ରିୟ ସୁରକ୍ଷା ବାହିନିଙ୍କୁ ମଧ ସୁରକ୍ଷା ଦ୍ୱାୟୀତ୍ୱ ଦେବା, ୪୮ନମ୍ବର ଜିଲ୍ଲା ପରିଷଦ ଜୋନ ସାରୁମୁଳା ଗ୍ରାମପଞ୍ଚାୟତର ୱାର୍ଡ ୧୦ନଂ ଧାନଶୁଳ ଓ ୬ନଂ ୱାର୍ଡ ସାରୁମୁଳା ବୁଥରେ ଦୁର୍ବୃତମାନେ ପୋଲିଂ ବୁଥ ଭିତରକୁ ବଳପୂର୍ବକ ପଶିଆସି ପୋଲିଂ ଟିମ ପାଖରୁ ବେଲେଟ ପେପର ଛଡ଼ାଇ ନେଇ ନିଜେ ଭୋଟ ଦେଇଥିବାର ଅଭିଯୋଗ ହୋଇଥିବାରୁ ଉପରୋକ୍ତ ଦୁଇଗୋଟି ବୁଥରେ ସାନି ଭୋଟ ଗ୍ରହଣ କରିବା ପାଇଁ ପଦକ୍ଷେପ ଗ୍ରହଣ ନେବା ଆଦି ଦାବୀରେ ଜିଲ୍ଲା ବିଜେପି ପକ୍ଷରୁ ଏହି ଦାବୀପତ୍ର ପ୍ରଦାନ କରାଯାଇଛି । ଏହି ଦାବୀପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ବିଜେପିର ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ, ପୂର୍ବତନ ଜିଲ୍ଲା ସଭାପତି ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ ।

# ନିର୍ବାଚନୀ ହିଂସା : ୱାର୍ଡ ସଦସ୍ୟଙ୍କ ସଂପର୍କୀୟଙ୍କୁ ଆକ୍ରମଣ

ଜଳେଶ୍ୱର, ୧୮/୨(ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକରେ ଗତ ୧୬ ତାରିଖରେ ନିର୍ବାଚନ ସରିଥିଲେ ମଧ୍ୟ କେତେକ ସ୍ଥାନରେ ରାଜନୈତିକ ଦଳ ମଧ୍ୟରେ ଛକାପଂଝା ଲାଗି ରହିଛି । ଖାଲିନା ପଂଚାୟତ ଇକିଡା ଗ୍ରାମ ୱାର୍ଡ ସଭ୍ୟ ପ୍ରାର୍ଥିନୀ ଜୟନ୍ତୀ ସାମଲଙ୍କୁ ସେ ଗାଁର କେତେକ ବ୍ୟକ୍ତି ଗାଳିଗୁଲଜ ଓ ଅଶାଳୀନ ମନ୍ତବ୍ୟ ଦେବାରୁ ଏ ସମ୍ପର୍କରେ ସଂଧ୍ୟାରେ ନାମ୍ପୋ ଫାଣ୍ଡିରେ ଲିଖିତ ଅଭିଯୋଗ କରାଯାଇଥିଲା । ସେ ଫେରିବାପରେ ଜୟନ୍ତଙ୍କ ଦେଢ଼ସୂର ବେଣୁଧର ସାମଲ ଗାଁ ରାସ୍ତାରେ ଏକାକୀ ଚାଲିଚାଲି ଯିବା ବେଳେ ଗାଁର ଅଭିଯୁକ୍ତ ଅମୂଲ୍ୟ ଦଳେଇ ଓ ଆକାଶ ଦଳେଇ ତାଙ୍କ ସହିତ ଯୁକ୍ତିତର୍କ କରିଥିଲେ । ହଠାତ୍ ଅମୂଲ୍ୟ ଉତ୍ତେଜିତ ହୋଇ ଏକ କାଠଫାଳିଆରେ ବେଣୁଧର ମୁଣ୍ଡକୁ ବାଡେଇବାରୁ ସେ ମୁମୂର୍ଷୁ ହୋଇ ପ୍ରଥମେ ଜଳେଶ୍ୱର ହସ୍‌ପିଟାଲ ଓ ପରେ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ନାମ୍ପୋ ପୁଲିସ୍ ଅମୂଲ୍ୟ ଦଳେଇକୁ ଗିରଫ କରି ତଦନ୍ତ ଚଳାଇଥିବା ଜଣାଯାଇଛି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo